

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୪ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 FEBRUARY 2024

Vol.No. 35 ■ No.44 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚାଷୀଙ୍କ ଆନ୍ଦୋଳନ: ଆଲୋଚନା ପାଇଁ ଡାକିଲେ ସରକାର



ନୂଆଦିଲ୍ଲୀ, ୧୩/୨ : ବିଭିନ୍ନ ଦାବି ନେଇ ପଞ୍ଜାବ ଓ ହରିଆଣାର ଚାଷୀମାନେ ଦିଲ୍ଲୀ ଚାଲୋ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନଙ୍କୁ ଅଟକାଇବା ପାଇଁ ସରକାରୀ ସ୍ତରରେ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି। ସୀମାନ୍ତ ଅଞ୍ଚଳରେ ଚାଷୀଙ୍କୁ ରୋକିବା ପାଇଁ ବଡ଼ବଡ଼ ବ୍ୟାରିକେଡ ସବୁ ଲଗାଯାଇଛି। ତଥାପି ଶତାଧିକ ଚାଷୀ ଦିଲ୍ଲୀ ଚାଲୋ ନାରା ଦେଇ ଆଗକୁ ବଢ଼ିବାରେ ଲାଗିଛନ୍ତି। ଏହାକୁ ନେଇ ହରିଆଣାର ଶମ୍ଭୁ ସୀମାରେ ଧସ୍ତାଧସ୍ତି ପରିସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ଚାଷୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଦିଲ୍ଲୀ ପୁଲିସ ବିରାଟ ସମାବେଶ ଉପରେ ରୋକ ଲଗାଇ ଦେଇଛି। ସୀମାରେ ୧୪୪ ଧାରା ଲାଗୁ କରିଛି। ତଥାପି ଚାଷୀମାନେ ପଛଘୁଞ୍ଚା ଦେବା ମୁଡରେ ନାହାନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି ଦାବିରେ ଚାଷୀଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଏହାକୁ ଦେଖି ସରକାର ଆଲୋଚନା ପାଇଁ ଚାଷୀଙ୍କୁ ଡାକିଛନ୍ତି। କେନ୍ଦ୍ର କୃଷି ମନ୍ତ୍ରୀ ଅର୍ଜୁନ ମୁଣ୍ଡା ବିକ୍ଷୋଭକୁ ଦେଖି କହିଛନ୍ତି ଯେ ସମସ୍ତ ଅଂଶିଦାରଙ୍କ ସହ ଆଲୋଚନା ନ କରି ତରବରିଆ ଭାବେ ଏମଏସ୍‌ପି ସଂକ୍ରାନ୍ତରେ ଆଇନ ଲାଗୁ କରାଯାଇ ପାରିବ ନାହିଁ। ଏ ପ୍ରସଙ୍ଗରେ ଆନ୍ଦୋଳନ କରୁଥିବା ଚାଷୀମାନେ ସରକାରଙ୍କ ସହ ଗଠନମୂଳକ ଆଲୋଚନା ପାଇଁ ଆସନ୍ତୁ। ଚାଷୀମାନେ ବୁଝିବା ଦରକାର ଯେ କିଛି ତତ୍ତ୍ୱ ନିଜର ରାଜନୀତିକ ଫାଇଦା ପାଇଁ ଆନ୍ଦୋଳନକୁ ବ୍ୟବହାର କରିପାରନ୍ତି। ଏଥିପାଇଁ ଚାଷୀମାନେ ସତର୍କ ଓ ଆଲର୍ଟ ରହିବା ଦରକାର ବୋଲି ଶ୍ରୀ ମୁଣ୍ଡା ପରାମର୍ଶ ଦେଇଛନ୍ତି। ସେହିପରି ଅନୁରାଗ ଠାକୁର ମଧ୍ୟ ଚାଷୀଙ୍କ ଆନ୍ଦୋଳନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ମୋଦି ସରକାର ପ୍ରଥମ ଦିନରୁ ଚାଷୀଙ୍କ ଅଧିକାର ସପକ୍ଷରେ ରହିଛନ୍ତି। ଆମେ ଚାଷୀଙ୍କ ପାଇଁ ଅନେକ ଯୋଜନା ଆଣିଛୁ। ପ୍ରତିଦିନ ନୂଆ ନୂଆ ଦାବି ଉପସ୍ଥାପନ କରାଯାଉଥିବାରୁ ଆନ୍ଦୋଳନ ଫେଲ ମାରୁଛି। ଆମେ ଏକାଠି ବସି କଥା ହେବାକୁ ରାଜି ଅଛୁ। ହିଂସା ଓ ପଥର ମାଡ଼ ଦ୍ୱାରା କିଛି ବି ସମାଧାନ ହେବନି। କେବଳ ଶାନ୍ତିହିଁ ବିବାଦର ସମାଧାନ କରିପାରିବ ବୋଲି ଶ୍ରୀ ଠାକୁର କହିଛନ୍ତି।

## ଘରୋଇ ଉପଭୋକ୍ତାଙ୍କୁ ଖୁସି ଖବର: କମିଲା ବିଜୁଳି ଦର



ଭୁବନେଶ୍ୱର, ୧୩/୨ (ନି.ପ୍ର): ଘରୋଇ ଉପଭୋକ୍ତାଙ୍କ ପାଇଁ ଖୁସି ଖବର। ବିଜୁଳି ଦର ହ୍ରାସ କଲେ ଓଇଆରସି। ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତ୍ୟେକ ସ୍ଲାବରେ ୧୦ ପଇସା ହ୍ରାସ୍ ହୋଇଛି। ଘରୋଇ ବ୍ୟତୀତ ଅନ୍ୟ ସମସ୍ତ କାଟେଗୋରୀରେ ଦର ଅପରିବର୍ତ୍ତିତ ରହିବ। ବିପିଏଲ ଉପଭୋକ୍ତଙ୍କୁ ୩୦ ୟୁନିଟ୍ ପିଛା ୮୦ ଟଙ୍କା ଲେଖାଏଁ ଦେବାକୁ ପଡୁଥିଲା। ସେଥିରେ ୧୦ ଟଙ୍କା ହ୍ରାସ କରାଯାଇଛି। ଅର୍ଥାତ ଏବେ ଉପଭୋକ୍ତାଙ୍କୁ ୮୦ ଟଙ୍କା ବଦଳରେ ୭୦ ଟଙ୍କା ଦେବାକୁ ପଡ଼ିବ। ଏହାଦ୍ୱାରା ଦାରିଦ୍ର୍ୟ ସୀମା ରେଖାତଳେ ବସବାସ କରୁଥିବା ଉପଭୋକ୍ତାମାନେ ବିଶେଷ ଉପକୃତ ହେବେ। ଯେଉଁ ଉପଭୋକ୍ତମାନେ କାଗଜ ବିଲ୍ ବଦଳରେ ଇ-ବିଲ୍ ନେବେ, ସେମାନଙ୍କୁ ୧୦ ଟଙ୍କା ଲେଖାଏଁ ରିବେଟ୍ ଦିଆଯିବ। ଏହାଛଡ଼ା ବୈଦ୍ୟୁତିକ ଯାଜ ଚାର୍ଜ ପାଇଁ ପୂର୍ବରୁ ୟୁନିଟ୍ ପିଛା ୫ ଟଙ୍କା ୫୦ ପଇସା ଥିଲା।

▶▶ପୃଷ୍ଠା ୭

## 'ମମତା' ସହାୟତା ରାଶି ୧୦ହଜାର ଟଙ୍କାକୁ ବୃଦ୍ଧି: ଅଗଷ୍ଟରୁ ପିଛିଲା ଭାବେ ମିଳିବ

ଭୁବନେଶ୍ୱର, ୧୩/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବର୍ଗକୁ ତୁଷ୍ଟୀକରଣ ପାଇଁ ରାଜ୍ୟସରକାର ରାଜକୋଷ ଖୋଲି ଦେଇଛନ୍ତି । ଗର୍ଭବତୀ ମହିଳାଙ୍କ ପାଇଁ ରାଜ୍ୟ ସରକାରଙ୍କ ଯୋଜନା 'ମମତା'ର ସହାୟତା ରାଶି ଏଣିକି ୫ହଜାର ବଦଳରେ ୧୦ହଜାର ଟଙ୍କା ମିଳିବ । ୨୦୨୩ ଅଗଷ୍ଟ ମାସରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ରାଶି ପିଛିଲା ଭାବେ ମିଳିବ । ନିର୍ବାଚନକୁ ଆଖିରେ ରଖି ମହିଳା ଭୋଟରଙ୍କୁ ଖୁସି କରିବା ପାଇଁ ସରକାର ମମତା ଯୋଜନାର ସହାୟତା ରାଶି ଦୁଇଗୁଣ ବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଏବେ ଗର୍ଭବତୀ ମହିଳାମାନଙ୍କୁ ମମତା ଯୋଜନାରେ ୨ଟି କିସ୍ତିରେ ୫ହଜାର ଟଙ୍କା ଦିଆଯାଉଛି । ମୁଖ୍ୟମନ୍ତ୍ରୀଙ୍କ ନୂଆ ନିଷ୍ପତ୍ତି ଅନୁସାରେ ଗର୍ଭବତୀ ମହିଳାମାନେ ଏଣିକ ପ୍ରଥମ କିସ୍ତିରେ ୬ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତିରେ ୪ହଜାର ଟଙ୍କା ଏଭଳି ମୋଟ ୧୦ହଜାର ଟଙ୍କା ସହାୟତା ପାଇବେ । ୨୦୨୩ ଅଗଷ୍ଟ ମାସରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ରାଶି ମିଳିବ । ଚଳିତମାସ ୨୦ରୁ ୨୫ ତାରିଖ ମଧ୍ୟରେ ଏହି ବକେୟା ରାଶି ହିତାଧିକାରୀଙ୍କୁ ମିଳିବ । ସେହିପରି ୧୩ଟି ନିର୍ଦ୍ଦିଷ୍ଟ ଆଦିମ ଜନଜାତି ଗୋଷ୍ଠୀର ମା'ମାନଙ୍କୁ ପ୍ରତ୍ୟେକ ଗର୍ଭନିମନ୍ତେ ମମତା ସହାୟତା ରାଶି ପ୍ରଦାନ କରାଯିବ । ସେମାନଙ୍କ ପାଇଁ ଦୁଇଟି ସନ୍ତାନର ନିୟମକୁ ସରକାର କୋହଳ କରିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ରାଜ୍ୟ ସରକାର ୨୦୧୧ ମସିହାରେ ନିଜସ୍ୱ ପାଣ୍ଠିରୁ ଏହି ମମତା ଯୋଜନା ଆରମ୍ଭ କରିଥିଲେ ।

▶▶ପୃଷ୍ଠା ୭

## ଜୟା ପ୍ରଦାଙ୍କୁ ଗିରଫ କରିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୩/୨ : ଭେଟରାନ ଅଭିନେତ୍ରୀ ତଥା ରାଜନେତା ଜୟା ପ୍ରଦାଙ୍କୁ ଗିରଫ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର ପ୍ରଦେଶର ରାମପୁର ସ୍ଥିତ ଏମପି/ଏମଏଲଏ କୋର୍ଟ ସ୍ଥାନୀୟ ଏସ୍‌ପିଙ୍କୁ ତୁରନ୍ତ ଗୋଟିଏ ସ୍ୱତନ୍ତ୍ର ଟିମ ଗଠନ କରି ଜୟା ପ୍ରଦାଙ୍କୁ ଗିରଫ କରିବାକୁ କହିଛନ୍ତି। ଗିରଫ କରି ପୂର୍ବତନ ସାଂସଦ ଜୟା ପ୍ରଦାଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟ ଏସ୍‌ପିକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ସରକାରୀ ଓକିଲ ଅମରନାଥ ତିୱାରୀ କହିଛନ୍ତି ଯେ ଜୟା ପ୍ରଦାଙ୍କ ନାଁରେ ୭ଥର ଜାମିନ ବିହୀନ ଗିରଫ ପରୱାନ ଜାରି କରାଯାଇଥିଲା। ଏହା ସତ୍ତ୍ୱେ ସେ ମାମଲାର ଶୁଣାଣି ପାଇଁ ସୋମବାର କୋର୍ଟରେ ହାଜର ହୋଇ ନଥିଲେ। ତେଣୁ ତାଙ୍କୁ ତୁରନ୍ତ

▶▶ପୃଷ୍ଠା ୭

## କିଏ ହେବେ ତୃତୀୟ ପ୍ରାର୍ଥୀ ?: ଆଜି ଆସୁଛନ୍ତି ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର, ୧୩/୨ (ନି.ପ୍ର): ରାଜ୍ୟରେ ଖାଲି ହେଉଥିବା ୩ଟି ରାଜ୍ୟସଭା ଆସନ ପାଇଁ ଆଜି ବିଜେଡିର ୨ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସମସ୍ତ ୩ଟି ଯାକ ଆସନ ଜିତିବା ପାଇଁ ବିଜେଡି ପାଖରେ ବିଧାନସଭାରେ ସଂଖ୍ୟାବଳ ଥିଲେ ମଧ ଦଳ ମାତ୍ର ୨ଜଣ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛି। ତୃତୀୟ ପ୍ରାର୍ଥୀଙ୍କୁ ନେଇ ଏବେବି ସସପେନ୍ସ ଲାଗି ରହିଥିବାବେଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆସନ୍ତାକାଲିଠୁ ଦୁଇଦିନିଆ ଓଡ଼ିଶା ଗସ୍ତ ତାଙ୍କର ସମ୍ଭାବ୍ୟ ପ୍ରାର୍ଥିତ୍ୱ ଦାବିଦାର ଚର୍ଚ୍ଚାକୁ ବେଶୀ ବଳ ଯୋଗାଇଛି। ବିଜେଡି ଆଜି ନିଜର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବହୁ ବିଧାୟକଙ୍କ ଉପସ୍ଥିତିରେ ୨ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ କରିଛି । ୨୦୧୯ ମସିହା ଭଳି ଅଶ୍ୱିନୀଙ୍କୁ

▶▶ପୃଷ୍ଠା ୭

## ୩୦ ଲକ୍ଷ ଲାଞ୍ଚ ନେବା ବେଳେ ଡ୍ରାଇଭରଙ୍କ ସହ ଧରାପଡ଼ିଲେ ତହସିଲଦାର

ନୂଆଦିଲ୍ଲୀ, ୧୩/୨ : ଲାଞ୍ଚ ନେବା ବେଳେ ଟଙ୍କା ସହ ଧରାପଡ଼ିଛନ୍ତି ଜଣେ ତହସିଲଦାର ଓ ତାଙ୍କ ଡ୍ରାଇଭର। ତେଲଙ୍ଗାନାର ମେଦଚାଲ ମାଲକାଜଗିରିରେ ଉଭୟଙ୍କୁ ୩୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଦୁର୍ନୀତି ନିରୋଧ ଶାଖା(ଏସିବି)ର ଅଧିକାରୀମାନେ ଧରିଛନ୍ତି। ଏସିବି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ତହସିଲଦାର ଟି ସତ୍ୟନାରାୟଣ ଓ ତାଙ୍କ ଡ୍ରାଇଭର ପି ବିଦ୍ରୀ ତହସିଲ ଅଫିସରେ ହିଁ ଲାଞ୍ଚ ନେଉଥିଲେ। ଶମିରପେଟ ମଣ୍ଡଳରେ ଥିବା ଅଫିସରେ ଲାଞ୍ଚ କାରବାର ଚାଲିଥିବା ବେଳେ ଉଭୟଙ୍କୁ ଧରା ଯାଇଛି। ଅଭିଯୋଗାରୀ ମୋଭା ରାମାସେଶାଗିରିଙ୍କ ଠାରୁ ସେମାନେ ନଗଦ ୧୦ ଲକ୍ଷ ଟଙ୍କା ଓ ୨୦ ଲକ୍ଷ ଟଙ୍କାର ଚେକ ନେଉଥିଲେ। ଅଭିଯୋଗକାରୀଙ୍କ ଜମିକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ଓ ଜିଲ୍ଲାପାଳଙ୍କ ପାଖକୁ ଫାଇଲ ପଠାଇବା ବଦଳରେ ଏତେ ପରିମାଣର ଲାଞ୍ଚ ସତ୍ୟନାରାୟଣ ଦାବି କରିଥିଲେ। ଏଥିରେ ତାଙ୍କ ଡ୍ରାଇଭର ମଧ୍ୟ ସାମିଲ ଥିଲେ। ଡିଲ ଅନୁସାରେ ମଙ୍ଗଳବାର ଅଭିଯୋଗକାରୀ ଜଣଙ୍କ ତହସିଲ ଅଫିସରେ ପହଞ୍ଚିଥିଲେ। ସେ ଲାଞ୍ଚ ଟଙ୍କା ଓ ଚେକ ସିଧାସଳଖ ସତ୍ୟନାରାୟଣଙ୍କୁ ଦେଇ ନଥିଲେ। ସେ ତାଙ୍କ ଡ୍ରାଇଭରଙ୍କୁ ଦେବା କ୍ଷଣି ଅଧିକାରୀମାନେ ତାଙ୍କୁ କାବୁ କରି ନଥିଲେ। ଜେରା ବେଳେ ସେ ଏତେ ପରିମାଣର ଟଙ୍କା ସତ୍ୟନାରାୟଣଙ୍କ ନିର୍ଦ୍ଦେଶରେ ଗ୍ରହଣ କରୁଥିବା ସ୍ୱୀକାର କରିଛନ୍ତି।

## ଓଡ଼ିଶାରେ ଚାଲିଛି ଆଉଟସୋର୍ସିଂ ସରକାର: ଶିବରାଜ



ଭୁବନେଶ୍ୱର, ୧୩/୨ (ନି.ପ୍ର): 'ଓଡ଼ିଶାରେ ଚାଲିଛି ଆଉଟସୋର୍ସିଂ ସରକାର, ଦୁର୍ନୀତିର ସବୁ ସୀମା ଏଠାରେ ଟପିଛି, ଜୀବିତ ବ୍ୟକ୍ତିଙ୍କୁ ଏଠାରେ ମୃତ ସଜାଇ ଦିଆଯାଇଛି।' ଆଜି ଭୁବନେଶ୍ୱରରେ ପହଞ୍ଚି ପହଞ୍ଚି ରାଜ୍ୟ ସରକାରଙ୍କ ଉପରେ ଏପରି ବର୍ଷିଛନ୍ତି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ସରକାର ଚଳାଉନାହାନ୍ତି, ସ୍ଥିତି ଦେଖିଲେ ଲାଗୁଛି ଆଉଟସୋର୍ସକୁ ଶାସନ ବ୍ୟବସ୍ଥା ଦିଆଯାଇଛି। ଅଧିକାରୀ ସରକାର ଚଳାଉଛନ୍ତି ଆଉ ସେମାନେ ବେଲଗାମ ହୋଇ ରାଜ୍ୟକୁ ଦୁର୍ନୀତିରେ ବୁଡ଼ାଇଛନ୍ତି। ଓଡ଼ିଶାରେ ମହିଳା ଅସୁରକ୍ଷିତ, ମହିଳାଙ୍କ ଉପରେ ଅତ୍ୟାଚାର ସବୁ ସୀମା ଟପିଛି। କେନ୍ଦ୍ରୀୟ ଯୋଜନାକୁ ରି-ବ୍ରାଣ୍ଡିଂ କରି ରାଜ୍ୟ ସରକାର ଲୋକଙ୍କୁ ଦେଉଛନ୍ତି। ଓଡ଼ିଶାର ବିକାଶ ପାଇଁ ମୋଦି ଦେଉଥିବା ଅର୍ଥର ସଠିକ ବିନିଯୋଗ ହେଉନି। କେନ୍ଦ୍ରରୁ ମୋଦି ଟଙ୍କା ପଠାଉଛନ୍ତି ଆଉ ନବୀନ ତା ଉପରେ ଠପ୍ପା ଲଗାଉଛନ୍ତି ବୋଲି ଦୋହରାଇଛନ୍ତି ଶିବରାଜ। ଏପରିକି ଜୀବିତ ବ୍ୟକ୍ତିଙ୍କୁ ମୃତ ସଜାଇ ଦେବାକୁ ପଛାଉ ନାହାନ୍ତି ବୋଲି

▶▶ପୃଷ୍ଠା ୭

## ନିଲାମ ହେବ ଅର୍ଚ୍ଚନା ନାଗଙ୍କ ୨ ଦାମୀ ଗାଡ଼ି



ଭୁବନେଶ୍ୱର, ୧୩/୨ (ନି.ପ୍ର): ନିଲାମ ହେବ ଅର୍ଚ୍ଚନା ନାଗଙ୍କ ୨ ଗାଡ଼ି। ଅର୍ଚ୍ଚନାଙ୍କ ୨ଟି ଦାମୀ ଗାଡ଼ି ନିଲାମ ପାଇଁ କୋର୍ଟରେ ଆବେଦନ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଜବତ ହୋଇଥିବା ଥାର ଓ ଫୋର୍ଡ ଏଣ୍ଡେଭର ଗାଡ଼ି ନିଲାମ ପାଇଁ ଆବେଦନ ହୋଇଛି। ୨ଟି ଗାଡ଼ିର କ୍ରୟ ମୂଲ୍ୟ ୫୬ ଲକ୍ଷ ଟଙ୍କା ବୋଲି ଦର୍ଶା ଯାଇଥିବା ସୂଚନା ମିଳିଛି। ମନି ଲଣ୍ଡରିଂ ନେଇ ଚଢ଼ଉ ବେଳେ ଇଡି ଅର୍ଚ୍ଚନାଙ୍କ

▶▶ପୃଷ୍ଠା ୭

## ରାଜ୍ୟସଭା ଯାଇପାରନ୍ତି ସୋନିଆ ଗାନ୍ଧୀ: ରାଏବରେଲୀରୁ ନିର୍ବାଚନ ଲଢ଼ିପାରନ୍ତି ପ୍ରିୟଙ୍କା



ନୂଆଦିଲ୍ଲୀ, ୧୩/୨ : ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଶିବିରରୁ ଆସୁଛି ବଡ଼ ଖବର । ରାଜ୍ୟସଭା ଯାଇପାରନ୍ତି ସୋନିଆ ଗାନ୍ଧୀ । ଅନ୍ୟପଟେ ନିଜର ପାରମ୍ପରିକ ଆସନ ରାଏବରେଲୀକୁ ଝିଅ ପ୍ରିୟଙ୍କାଙ୍କ ପାଇଁ ସୋନିଆ ଛାଡୁଥିବା ଚର୍ଚ୍ଚା ହେଉଛି । ଯଦି ରାଏବରେଲୀ ଆସନରୁ ପ୍ରିୟଙ୍କା ଲଢ଼ିବେ ତେବେ ଏହା ତାଙ୍କ ପ୍ରଥମ ପ୍ରତ୍ୟେକ୍ଷ ନିର୍ବାଚନ ହେବ । ତେବେ ଦୁଇ ଦିନ ମଧ୍ୟରେ ରାଜ୍ୟସଭା ପ୍ରାର୍ଥୀଭାବେ ସୋନିଆଙ୍କ ନାଁ ଘୋଷଣା କରିପାରେ କଂଗ୍ରେସ । ଲୋକସଭା ଆସନ ଛାଡି ରାଜ୍ୟସଭା ଯାଇପାରନ୍ତି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ତଥା ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ । ଅସୁସ୍ଥ ରହୁଥିବା ଯୋଗୁଁ ସୋନିଆ ଗାନ୍ଧୀ ଏଥରକ ନିର୍ବାଚନ ନଲଢ଼ି ରାଜ୍ୟସଭାକୁ ଯାଉଥିବା ଚର୍ଚ୍ଚା ଜୋରଧରିଛି । ଦୁଇ ଦିନ ମଧ୍ୟରେ କଂଗ୍ରେସ ରାଜ୍ୟସଭା ପାଇଁ ପ୍ରାର୍ଥୀ ଘୋଷଣା କରିପାରେ । ସୋନିଆଙ୍କ ବ୍ୟତିତ ରେସରେ କଂଗ୍ରେସର ବରିଷ୍ଠ ନେତା ଅଜୟ ମାକେନ, ନାସେର ହୁସେନ, ଅଖିଳେଶ ପ୍ରସାଦ ସିଂ, ଅଭିଷେକ ମନୁ ସିଂଘବୀ ଅଛନ୍ତି । ତେବେ ମଧ୍ୟପ୍ରଦେଶ କଂଗ୍ରେସ ପକ୍ଷରୁ ସୋନିଆଙ୍କୁ ରାଜ୍ୟସଭା ପଠାଇବା ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି । ଫେବ୍ରୁଆରୀ ୨୭ରେ ରାଜ୍ୟସଭାର ୫୬ ଆସନ ପାଇଁ ନିର୍ବାଚନ ହେବ । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ ଏବେ କଂଗ୍ରେସ ଶିବିରରୁ ବଡ ଖବର ଆସୁଛି । ତେବେ ଉତ୍ତରପ୍ରଦେଶ ରାଏବରେଲୀ ହେଉଛି କଂଗ୍ରେସ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଯଦି ସୋନିଆ ରାଜ୍ୟସଭା ଯିବେ ତେବେ କଂଗ୍ରେସ ମହାସଚିବ ତଥା ଝିଅ ପ୍ରିୟଙ୍କା ଗାନ୍ଧୀ ବାଡ୍ରା ରାଏବରେଲୀରୁ ଲୋକସଭା ନିର୍ବାଚନ ଲଢ଼ିପାରନ୍ତି । ୨୦୧୯ରେ ପ୍ରିୟଙ୍କା ରାଜନୀତିରେ ପ୍ରବେଶ କରିବା ପରେ ଲୋକସଭା ନିର୍ବାଚନ ଲଢ଼ିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଉତ୍ତରପ୍ରଦେଶରେ ଦଳର ମଜଭୁତ କରିବା ଲାଗି ଦଳ ତାଙ୍କୁ ମହାସଚିବ ନିଯୁକ୍ତ କରିଥିଲା । ତେବେ କ୍ଷମତାକୁ ଫେରିବା ପାଇଁ ସଂଘର୍ଷ କରୁଥିବା କଂଗ୍ରେସ ଶିବିରରୁ ବଡ ଖବର ଆସିବା ପରେ ସବୁଠି ଏବେ ଚର୍ଚ୍ଚା । ଏହି ପରିବର୍ତ୍ତନ ଆଗାମୀ ନିର୍ବାଚନ ପାଇଁ ଇନ୍ଧନ ଯୋଗାଇବ ବୋଲି ଆଶା ରଖିଛି ଦଳ । ତେଣୁ ଦେଖିବାକୁ ବାକି ରହିଲା ମୋଦୀ ମ୍ୟାଜିକ ସାମ୍ନାରେ କଂଗ୍ରେସର ନୂଆ ରଣନୀତି କେତେଦୂର ସଫଳ ହେଉଛି ।

## ଦେଢ଼ କୋଟି ଲୁଟିଥିଲେ: ଜବତ ହେଲା ୬୪ ଲକ୍ଷ, ୭ ଜଣଙ୍କୁ ବାନ୍ଧିଲା ପୁଲିସ୍

କଟକ, ୧୩/୨ (ନି.ପ୍ର): କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆରେ ଏଟିଏମ ଭ୍ୟାନରୁ ଦେଢ଼ କୋଟିରୁ ଅଧିକ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାସ। ଲୁଟ କରିଥିବା ଗ୍ୟାଙ୍ଗକୁ ଧରିବାକୁ ସକ୍ଷମ ହୋଇଛି କଟକ ଗ୍ରାମାଞ୍ଚଳ ପୁଲିସ। ଗ୍ୟାଙ୍ଗର ୭ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ୨୦୨୩ ନଭେମ୍ବର ୧୦ ତାରିଖରେ ଗ୍ୟାଙ୍ଗର ସଦସ୍ୟମାନେ ଏଟିଏମ ଭ୍ୟାନରୁ ଫିଲ୍ମ ଷ୍ଟାଇଲରେ ଲୁଟ କରିଥିଲେ। ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆ ରାସ୍ତାରେ ଟଙ୍କା ବୋଝେଇ ଏଟିଏମ ଗାଡ଼ିକୁ ବନ୍ଧୁକ ମୁନରେ ଅଟକାଇ ଅଭିଯୁକ୍ତମାନେ ୧.୬୭ କୋଟି ଟଙ୍କା ଲୁଟିଥିଲେ। ସେମାନଙ୍କ ପୁଲିସ୍ ଗିରଫ କରିଥିବା ବେଳେ ଲୁଟ ହୋଇଥିବା ଦେଢ଼ କୋଟିରୁ ମାତ୍ର ୬୪ ଲକ୍ଷ ୪୫ ହଜାର ଟଙ୍କା ଜବତ କରିଛି। ସେହିପରି ୭ ଜଣଙ୍କ ଠାରୁ ୩ଟି ଛୁରୀ ପୁଲିସ ଠାବ କରିଛି। କଟକ ଗ୍ରାମାଞ୍ଚଳ ଏସପି ମିହିର କୁମାର ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ ପୂରା ଘଟଣା ଉପରକୁ ପରଦା ହଟାଇଛନ୍ତି। ତାଙ୍କ କହିବା କଥା ଯେ ଏଟିଏମ ଗାଡ଼ିର ଦୁଇ ଜଣ କର୍ମଚାରୀ ଲୁଟ ପାଇଁ ପ୍ଲାନ୍ କରିଥିଲେ। ଅନଲାଇନ ଗେମିଂରେ ଟଙ୍କା ହରାଇଥିବାରୁ ଦୁଇ କର୍ମଚାରୀ ଏଟିଏମ ଭ୍ୟାନ ଲୁଟ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ତିଗିରିଆ ଥାନା ଅଂଚଳର ପେଶାଦାର ଅପରାଧୀ କଲିମ ଖାନକୁ ସୁପାରି ଦେଇଥିଲେ ଏଟିଏମ ଗାଡ଼ିର ଦୁଇ କର୍ମଚାରୀ। ତେବେ ଭ୍ୟାନର ଦୁଇ ଜଣ କର୍ମଚାରୀଙ୍କୁ ପୁଲିସ୍ ଏଯାଏ ଧରି ପାରିନାହିଁ। ସେମାନଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି ଓ ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି କଟକ ଗ୍ରାମାଞ୍ଚଳ ଏସପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଟିଏମ ଭ୍ୟାନ ଲୁଟ ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୬୪ ଲକ୍ଷରୁ ଅଧିକ ଟଙ୍କା, କିଛି ବାଇକ ଓ ୩ଟି ଛୁରୀ ଜବତ କରାଯାଇଛି।

▶▶ପୃଷ୍ଠା ୭

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬ତମ ସ୍ୱନକ୍ଷତ୍ର
## ପରିବେଶବିତ୍‌ଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୬୬ତମ ସ୍ୱନକ୍ଷତ୍ର ଦିବସ ଆଜି ମହାସମାରୋହରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟର ବୟୋଜ୍ୟେଷ୍ଠ ଉଦ୍ଭିଦ ବିଜ୍ଞାନୀ ତଥା ପରିବେଶବିତ୍ ଡଃ ସୁନ୍ଦର ନାରାୟଣ ପାତ୍ରଙ୍କୁ ଉତରୀୟ ମାନପତ୍ର ସହ ତ୍ରିଂଶ ସହସ୍ର ମୁଦ୍ରା ଓ ଉପଢୌକନ ଚଳିତ ବର୍ଷ ପାଇଁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି । ସେ ଏହି ପୁରସ୍କାରକୁ "ଭାରତ ରତ୍ନ" ସହିତ ତୁଳନା କରିଛନ୍ତି । ଏଥିସହିତ ବିଗତ ଏକ ବର୍ଷ ମଧ୍ୟରେ ଅବସର ନେଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍‌ସହିତ ବିଗତ ବର୍ଷ ବିଭିନ୍ନ ବିଭାଗରେ ସ୍ନାତକରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ମଂଚରେ ସାର୍ଟିଫିକେଟ୍ ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗ ଦେଇ ମହାବିଦ୍ୟାଳୟକୁ ଶୀର୍ଷ ସ୍ଥାନରେ ପହ ।ଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଭଦ୍ରକ ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ଡଃ ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଏହି ଅନୁଷ୍ଠାନକୁ ମା' ବୋଲି ବିଚାର କରି ତା' ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସଭାରେ ପରିଚାଳନା ପରିଷଦର ସଭାପତି ଡଃ ବାସୁଦେବ ପାତ୍ର ଅଧ୍ୟକ୍ଷତା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧ୍ୟାପକ ଡଃ ପ୍ରଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ବିଜୟଲକ୍ଷ୍ମୀ ଦାସ ଓ ସୁପ୍ରିୟା ଦାଶ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ଛାତ୍ର ପ୍ରବୀଣ ପ୍ରଧାନ ଓ ଛାତ୍ରୀ ସୁପ୍ରିୟା ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ସଭାରେ ବହୁ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଡଃ ରାମଚନ୍ଦ୍ର ବେହେରା, ପ୍ରଫେସର ନନ୍ଦକିଶୋର ପରିଡା, ଡଃ ସେକ୍ ସମ୍‌ସୁର, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଅଜୟ କୁମାର ସାମଲ, ଅତୁଘ୍ନ ପାଣ୍ଡବ, ପ୍ରଫେସର ବିନ୍ଦୁମିତ୍ର ବଳ, ତପନ କୁମାର ପତି, ଭଗବାନ ପତ୍ରୀ, ସୁଶିଲ କୁମାର ସାମଲ, ଡ଼ଃ ବିନ୍ଦୁମିତ୍ର ବଳ, ଡ଼ଃ କୈଳାସ ଚନ୍ଦ୍ର ଲେଙ୍କା, ଡ଼ଃ ଗିରିଶ ପାତ୍ର, ଡ଼ଃ ଗୋକୁଳି ଚରଣ ଜେନା, ଡ଼ଃ ଜ୍ୟୋତ୍ସ୍ନାମୟୀ ମହାପାତ୍ର, ଡ଼ଃ ଅନନ୍ତରାମ ପଣ୍ଡା, ଶିକ୍ଷକ ନେତା ପ୍ରଣବ ଜେନା ଓ କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଖପ୍ରାଖୋଲ ପୋଲିସର ଜନସମ୍ପର୍କ ଶିବିର

ବଲାଙ୍ଗୀର, ୧୩/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ତେଲେନପାଲି ପଂଚାୟତ ଅନ୍ତର୍ଗତ ଜୁନାନୀବାହାଲ ଗ୍ରାମରେ ଏବଂ ମହରାପଦର ପଂଚାୟତ ଅନ୍ତର୍ଗତ ବାଗଝରଣ ଗ୍ରାମରେ ଜିଲ୍ଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ପୋଲିସ ଜନସମ୍ପର୍କ ଶିବିର । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିସ ଏବଂ ସାଧାରଣ ଲୋକମାନଙ୍କ ମଧ୍ୟରେ ଏକ ନୂଆ ସମ୍ପର୍କର ଡୋରି ବାନ୍ଧିବା ପ୍ରୟାସ କରିଛନ୍ତି ଜିଲ୍ଲା ପୋଲିସ । ପୋଲିସ ଏବଂ ଜନସାଧାରଣମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନା ସହିତ ଆଇନ କାନୁନ ବିଷୟରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୁନାନୀବାହାଲ ଠାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତଥା ପ୍ରୋବିଜନାରି ଆଇପିଏସ୍ ଅମ୍ରିତପାଲ କୌର, ସମ୍ମାନିତ ଅତିଥି ରୂପେ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧ୍ୟକ୍ଷ ସଦାନନ୍ଦ ପୁଝାରୀ ଯୋଗଦେଇ ଥିବା ବେଳେ ବାଗଝରଣଠାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଏଏନ୍‌ସେଲ୍‌ରେ କାର୍ଯ୍ୟରତ ଥିବା ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସୁଦୀପ୍ତ ସାହୁ ଯୋଗଦେଇଥିଲେ । ଏହି ଅବସରରେ ଲୋକମାନଙ୍କ ପାଇଁ ପୋଲିସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇଥିବାରୁ ସେହି ଅଂଚଳରୁ ବହୁ ଲୋକ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଡ଼ା. ମିନତୀ ହେମ୍ବ୍ରମ ପ୍ରିୟଦର୍ଶିନୀ ଭୋଇ, ସୌରଭ କୁମାର ସେଠୀ ପ୍ରମୁଖ ସ୍ୱାସ୍ଥ୍ୟ କର୍ମି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସହ ବହୁଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା, ମାଗଣା ଔଷଧ ଦିଆଯାଇଥିଲା । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ, ଛତା, ମଶାରି, ଘଂଟା, ଟର୍ଚ୍ଚ ଲାଇଟ, କ୍ରିକେଟ ଖେଳାଳିମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ ଓ କଳାକାରମାନଙ୍କୁ ବାଦ୍ୟ ଯନ୍ତ୍ର ବଂଟନ କରାଯାଇଥିଲା । ୮ଟି କ୍ରିକେଟ ଦଳକୁ ନେଇ ବନ୍ଧୁତାପୂର୍ଣ୍ଣ ଏକ ଦିବସୀୟ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବିଜୟୀ ଓ ରନର ଅପ ଦଳକୁ ଟ୍ରଫି ସହ ଟି-ସାର୍ଟ, ବିଭିନ୍ନ ଖେଳ ଉପକରଣ ବଣ୍ଟନ କରାଯାଇଥିଲା । ଶିବିରରେ ଖପ୍ରାଖୋଲ ଏସ୍‌ଆଇ ଲିଙ୍ଗରାଜ କିଶାନ, ଏଏସ୍‌ଆଇ ସେୱାନ କେରକେଟା, ଏଏସ୍‌ଆଇ ଗୋପାଳକୃଷ୍ଣ କୁମୁରା, ତେଲେନପାଲି ପଂଚାୟତ ସରପଂଚ ଶ୍ରୀମତୀ ଶକୁନ୍ତଳା ବେହେରା ଏବଂ ବହୁ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ମାଓପ୍ରବଣ ଇଲାକାରେ ଥାନାଧିକାରୀଙ୍କ ଜନସମ୍ପର୍କ ପଦକ୍ଷେପକୁ ସ୍ଥାନୀୟ ପଂଚାୟତବାସୀ ପ୍ରଶଂସା କରିଥିବାବେଳେ ପୋଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

## ସାତପହଣ୍ଡିଆ ଗ୍ରାମରୁ ଚୋରି

ଗଞ୍ଜାମ, ୧୩/୨ (ନି.ପ୍ର): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ସାତପହଣ୍ଡିଆ ଗ୍ରାମର କେ. ଆବୁଲ ରେଡ୍ଡୀଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ରାତ୍ରିଭୋଜନ ସାରି ପରିବାର ଲୋକ ଶୋଇଥିବା ବେଳେ ଘରର ବାରିପଟ କବାଟ ଭାଙ୍ଗି ଚୋର ପଶି ଏକ ଟ୍ରଙ୍କ ରୁ ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଚୋରିକରି ନେଇଥିବା ଥାନାରେ ଏତଲା କରିଛନ୍ତି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘର ଜିଲ୍ଲାସ୍ତରୀୟ ତ୍ରୟବାର୍ଷିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘର ଜିଲ୍ଲା ସ୍ତରୀୟ ତ୍ରୟବାର୍ଷିକ ସମ୍ମିଳନୀ ଆଜି ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସୁକାନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା, ଭଣ୍ଡାରୀ ପୋଖରୀ ତହସିଲର ଅତିରିକ୍ତ ତହସିଲଦାର ରଶ୍ମୀରଞ୍ଜନ ମଲ୍ଲିକ, ସଙ୍ଘର ରାଜ୍ୟ ସଭାପତି ଜଗବନ୍ଧୁ ଜେନା, ପୂର୍ବତନ ରାଜସ୍ୱ ପରିଦର୍ଶକ ହିମାଂଶୁ ଦାସ, କଟକ ଜିଲ୍ଲା ସଭାପତି ସୁଚନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଅକ୍ଷୟ ଚୌଧୁରୀ, ପୂର୍ବତନ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣନାଥ ଶର୍ମା ଓ ବୈଷ୍ଣବ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ବିଶ୍ୱବିଜୟୀ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜସ୍ୱ ନିରୀକ୍ଷକ ପୁଷ୍ପଲତା ମହାପାତ୍ର ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ସଙ୍ଘ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହ ନିର୍ମାଣ ତଥା ମରାମତି ଏବଂ ଗୃହକୁ ବିଦ୍ୟୁତ୍ ସଂଯୋଗ ଓ ଇଂଟରନେଟ୍ ବ୍ରଡବ୍ୟାଣ୍ଡ ସଂଯୋଗୀକରଣ କରିବା ସହ ଲାପଟପ୍ ଓ ପ୍ରିଂଟରଗୁଡ଼ିକୁ ମରାମତି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା, ଜିଲ୍ଲାର ସମସ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ଗସ୍ତଖର୍ଚ୍ଚ ଏବଂ ସର୍କଲ ଦାୟୀତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ମୋବାଇଲ ଖର୍ଚ୍ଚ ଦରମା ସହ ପ୍ରଦାନ କରିବା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଖାଲି ପଡିଥିବା ସମସ୍ତ ପଦକୁ ପୁରଣ କରାଯିବା, ସମସ୍ତ ରାଜସ୍ୱ କ୍ଷେତ୍ର ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଏବଂ ଏଆରଆଇମାନଙ୍କୁ ଜିଲ୍ଲାପାଳଙ୍କ ସ୍ୱାକ୍ଷରରେ ପରିଚୟପତ୍ର ପ୍ରଦାନ, ଜିଲ୍ଲାପାଳଙ୍କ ବିନା ଅନୁମତିରେ ତହସିଲଦାରଙ୍କ ଦ୍ୱାରା ବେଆଇନ ଭାବେ ହେଉଥିବା କ୍ଷେତ୍ର କର୍ମଚାରୀଙ୍କ ଅଯଥା ବଦଳିକୁ ବନ୍ଦ କରାଯିବା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟେକ ମାସରେ କଂଟିଜେନ୍ସି ଦେବାର ବ୍ୟବସ୍ଥା ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସବାବପତ୍ର ଯୋଗାଣ ସହିତ ତହସିଲ କାର୍ଯ୍ୟାଳୟରେ ବେଆଇନ ଭାବେ ବିଭିନ୍ନ ବିଭାଗର ଦାୟୀତ୍ୱରେ ଥିବା କ୍ଷେତ୍ର କର୍ମଚାରୀମାନଙ୍କୁ ତୁରନ୍ତ ରାଜସ୍ୱ ସର୍କଲକୁ କାର୍ଯ୍ୟ କରିବାକୁ ପଠାଇବା ନିମନ୍ତେ ସଂପୃକ୍ତ ତହସିଲଦାରଙ୍କୁ କଡା ତାଗିଦ କରାଯିବା ପାଇଁ ଦାବି କରାଯାଇଥିଲା । ସଙ୍ଘର ନୂତନ କମକର୍ତା ଚୟନ କରାଯାଇ ସଭାପତି ଭାବେ ଜାନକୀ ବଲ୍ଲଭ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ବିଶ୍ୱବିଜୟୀ ପରିଡା, ଉପସଭାପତି ଭାବେ ମନିଆ ପ୍ରିୟଦର୍ଶିନୀ ଷଡଙ୍ଗୀ, ସମ୍ପାଦକ ଭାବେ ରଞ୍ଜିତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଭାବେ ବିଜୟ କୁମାର ଜେନା, ସଂଗଠନ ସମ୍ପାଦକ ଶକ୍ତିପ୍ରସାଦ ରଥ, ସାଂସ୍କୃତିକ ସମ୍ପାଦକ ଅନନ୍ତ କୁମାର ମହାରଣା, କାର୍ଯ୍ୟାଳୟ ସାମ୍ପାଦକ ରାଜଶ୍ରୀ ପ୍ରଧାନ, କୋଷାଧ୍ୟକ୍ଷ ଦୀପକ କୁମାର ଦାସ, ସମୀକ୍ଷକ ପୁଷ୍ପଲତା ମହାପାତ୍ର ଓ ପବିତ୍ର କୁମାର ବେହେରା, ମୁଖ୍ୟ ପରାମର୍ଶଦାତା ହିମାଂଶୁ କୁମାର ଦାସ, ପରାମର୍ଶଦାତା ନଳିନୀକାନ୍ତ ପୃଷ୍ଟି, ବିଜୟାନନ୍ଦ ପଣ୍ଡା, ସୁଧାଂଶୁଶେଖର ମହାନ୍ତି ଓ ଅଭିମନ୍ୟୁ ସେଠୀଙ୍କୁ ସର୍ବସମ୍ମତ ଭାବେ ଚୟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜାନକୀବଲ୍ଲଭ ପଣ୍ଡା, ସନ୍ଧ୍ୟାରାଣୀ ବେହେରା, ନଗେନ୍ଦ୍ର ସିଂହ, ସେକ ନିଆଜୁଦ୍ଦିନ୍, ମନିଷା ଷଡଙ୍ଗୀ, ସୁପ୍ରିୟା ସ୍ୱାଇଁ, ଅନନ୍ତ ମହାରଣା, ପ୍ରତ୍ୟୁଷ ଦିକ୍ଷିତ୍, ପ୍ରକାଶ ସେଠୀ, ପବିତ୍ର ବେହେରା ପ୍ରମୁଖ ମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

କୋରେଇ, ୧୩/୨ (ନି.ପ୍ର): ପାଣିକୋଇଲିସ୍ଥିତ ମା ତାରିଣୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ଶିବିର ଆଜି ଉଦ୍‌ଯାପିତ ହୋଇଛି । ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ଏହି ବାଳିକା ଆତ୍ମରକ୍ଷା କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ସଂଯୋଜଗ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଗୌରହରି ମହାପାତ୍ର ୮ଦିବସୀୟ ଶିବିରର ଉଦ୍ଦ୍ୟେଶ ଓ ଉପାଦେୟ ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ସମରେନ୍ଦ୍ର ଦାଶ, ବିଦ୍ୟାଧର ବେହେରା, ବଳରାମ ପଣ୍ଡା, ଗୋପବନ୍ଧୁ ସାହୁ, ସୋମନାଥ ପତି, ସୁଶାନ୍ତ ପଣ୍ଡା, ତୁଷାର ରଂଜନ ପୁହାଣ. ଅଧ୍ୟାପିକା ବସନ୍ତ ମଂଜରୀ ସାହୁ, ପ୍ରଭାମୟୀ ସାମଲ, କଲ୍ୟାଣୀ ସାମଲ, ଶାରଳା ଦାଶ, ମନୀଷା ଖୁଂଟିଆ ପ୍ରମୁଖ ଯୋଗେଦଇ ବାଳିକା ଆତ୍ମରକ୍ଷା ଶିବିର ଉଦ୍ଦ୍ୟେଶ ସମ୍ପର୍କରେ ମତ ରଖିଥିଲେ । ମୁଖ୍ୟ ପ୍ରଶିକ୍ଷିକା ସନ୍ତୋଷ ରାଣୀ ପଣ୍ଡା ଯୋଗଦେଇ ୮ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଦିଆଯାଇଥିବା ଆତ୍ମରକ୍ଷା କୌଶଳ ଶିକ୍ଷାକୁ ଛାତ୍ରୀମାନେ ନିୟମିତ ଭାବେ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

## ବିଜେପିର ଗ୍ରାମ ପରିକ୍ରମା ଯାତ୍ରା ଶୁଭାରମ୍ଭ

ଧର୍ମଶାଳା, ୧୩/୨ (ନି.ପ୍ର): ସାଧାରଣ ନିର୍ବାଚନ ସମୟ ପାଖେଇ ଆସୁଛି । ସବୁ ଦଳ ସଜବାଜ । ଏନେଇ ବିଜେପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଏନେଇ ଆଜି ଯାଜପୁର ଜିଲା ବରୀ ବିଜେପି ପକ୍ଷରୁ ଗ୍ରାମ ପରିକ୍ରମା ଯାତ୍ରାର ଶୁଭାରମ୍ଭ ହୋଇଛି । ବରୀ ନିର୍ବାଚନ ମଣ୍ଡଳୀର ଯୁବ ବିଜେପି ନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ରତିକାନ୍ତ ରାଜବଂଶୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଗ୍ରାମ ପରିକ୍ରମା ଯାତ୍ରାର ଶୁଭାରମ୍ଭ ହୋଇଛି । ଆଜି ଶହଶହ ସଂଖ୍ୟାରେ ଅଂଚଳର ବିଜେପି କର୍ମୀମାନେ ଏହି ନିର୍ବାଚନ ମଣ୍ଡଳୀ ଝାଲପଡା ପଂଚାୟତସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଏକତ୍ର ହୋଇଥିଲେ । ସେଠାରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିଲା । ଏକ ବିଶାଳ ଶୋଭାଯାତ୍ରାରେ ନେତା ଓ କର୍ମୀମାନେ ବାହାରି ଅଂଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ । ବିଜେଡି ସରକାର କରୁଥିବା ଦୂର୍ନୀତି କରିବା ସହିତ କୃଷକମାନଙ୍କ ଆର୍ଥିକ ସହାୟତା ହ୍ରାସ ଏବଂ ଉଡଧାନ କ୍ରୟରେ ଦୂନୀତିରୁ ଦୁରେଇ ରହିବ ସହ ସହ କୃଷକମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ମିଥ୍ୟା ପ୍ରତିଶୃତି ଦେଇ ଜନସାଧାରଣଙ୍କୁ ଭୂଆଁ ବୁଲାଉଛନ୍ତି । ତତ୍ ସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖ୍ୟ ଯୋଜନା ପ୍ରତି ଗାଁରେ ଜନସାଧାରଣଙ୍କ ନିକଟରେ ପଂହଚାଇବା ଏହି ଯାତ୍ରାର ଲକ୍ଷ ବୋଲି ଭାଜାପା ନେତା ଶ୍ରୀ ରାଜବଂଶୀ ପ୍ରକାଶ କରିଥିଲେ । ଶେଷରେ ଏହି ଶୋଭାଯାତ୍ରା ନିକଟସ୍ଥ ନୁଣୁପୁରସ୍ଥିତ ଲୋକନାଥଶ୍ୱର ପ୍ରାଙ୍ଗଣରେ ପଂହଚିଥିଲେ । ସେଠାରେ ବିଭିନ୍ନ ଦଳର ବହୁ ନେତା ଓ କର୍ମୀମାନେ ବିଜେପିରେ ସାମିଲ ହୋଇଥିଲେ । ସେମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରାଯାଇଥିଲା । ବରୀରେ ଭାଜାପା ସରକାରକୁ କ୍ଷମତାକୁ ଆଣିବାକୁ ନେତା ଓ କର୍ମୀମାନେ ସଙ୍କଳ୍ପ ନେଇଥିଲେ ।

# ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ତରଫରୁ କମ୍ବଳ ବଂଟନ

କୋରେଇ, ୧୩/୨ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ଅସହାୟ ମାନଙ୍କୁ କମ୍ବଳ ବଂଟନ କରାଯାଇଛି । ରାସ୍ତା ଦୁର୍ଘଟଣାରେ ମୃତାହାତ ମନୁଷ୍ୟ ଓ ଗାଇ ଗୋରୁ ମାନଙ୍କୁ ସେବା ପ୍ରଦାନ, ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା ଆଦି ସାମାଜିକ କାର୍ଯ୍ୟ କରି ସ୍ଥାନୀୟ ଅଂଚଳରେ ପ୍ରଶଂସା ସାଉଁଟିଥିବା ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନେ ଅସହାୟ ଭାବେ ପାଣିକୋଇଲି ବଜାରର ଓଭରବ୍ରିଜ ତଳେ, ଯାତ୍ରୀ ବିଶ୍ରାମାଗାରରେ ଆଶ୍ରୟ ନେଇଥିବା ମାନସିକ ବିକୃତ ବ୍ୟକ୍ତି ମାନଙ୍କୁ ଠାବ କରି କମ୍ବଳ ବଂଟନ କରିଛନ୍ତି । ଉକ୍ତ କାର୍ଯ୍ୟରେ ଗ୍ରୁପର ସଭାପତି ଅଶୋକ କୁମାର ଦାସ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, ସଦସ୍ୟ ସୌଭାଗ୍ୟ ସାହୁ, ଜନ୍ମେଂଜୟ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇ ୧୨ ଜଣ ମାନସିକ ବିକୃତଙ୍କୁ କମ୍ବଳ ବଂଟନ କରିଥିଲେ ।

# ଜେଏସଏମ ମହାବିଦ୍ୟାଳୟରେ ଭାଷା ହିଁ ମଣିଷର ପରିଚୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ବଲାଙ୍ଗିର, ୧୩/୨ (ନି.ପ୍ର): ଜେ ଏସ ଏମ ବାଣିଜ୍ୟ ଓ କଳା ମହାବିଦ୍ୟାଳୟର ଭାଷା ସାହିତ୍ୟରେ ସୃଜନଶୀଳତା କାର୍ଯ୍ୟକ୍ରମରେ ଭାଷା ହିଁ ମଣିଷର ପରିଚୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଚେଆରମେନ ସି ଏ ଶ୍ରୀକାନ୍ତ ଶର୍ମା, ନିର୍ଦ୍ଦେଶିକା ଶ୍ରୀମତୀ ସୁମନ ଶର୍ମା, ମଂଚାସୀନ ହୋଇଥିବା ବେଳେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିଲେ କବି ଅଧ୍ୟାପକ ସନ୍ଦୀପ କୁମାର କୁଅଁର । ଶିକ୍ଷାବିତ ମନୋ ରଂଜନ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସଂଗୀତ ଗାନ ପରେ ଅତିଥିବୃନ୍ଦ ଭାଷା ସାହିତ୍ୟ ଓ ସୃଜନଶୀଳତା ଆଜିର ଜୀବନ ପାଇଁ କିପରି ଆବଶ୍ୟକ, ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ର ସଂଜୟ ସାହୁ ଭାଷା ହିଁ ମଣିଷର ଭବିଷ୍ୟତ କିପରି ଗଠନ କରେ ସେ ସଂପର୍କରେ ବକ୍ତବ୍ୟ ଦେଇଥିଲେ । ବିଭିନ୍ନ ଉଦାହରଣ ମାଧ୍ୟମରେ ଭାଷାକୁ ବ୍ୟବହାର କଲେ ତାହା ବଢେ ଓ ଅବ୍ୟବହୃତ ଭାଷା ତାର ଅସ୍ତିତ୍ୱ ହରାଇ ବସେ । ଯେ କୌଣସି ଭାଷା ହେଉ, ସାମାଜିକତା ହିଁ ତାକୁ ବଂଚାଇ ରଖିବ । ଯିଏ ଯେତେ ଭାଷା ଶିଖୁଛି, ଭଲ । ହେଲେ ମାତୃଭାଷା ହିଁ ଭାବ ପ୍ରକାଶ ର ପ୍ରକୃତ ମାଧ୍ୟମ । ରଢିବାଦୀ ମାନସିକତା ଓ ବୈଶ୍ୱି-କରଣ ଭାବ ଭାଷିକ ସଂକଟର ମୂଳ କାରଣ । ଓଡିଆ ହେଉ କି ଯେ କୌଣସି ପ୍ରାନ୍ତିୟ ଭାଷା, ତାର ବ୍ୟବହାର ଉପରେ ନିର୍ଭର କରେ ତାର ଅସ୍ତିତ୍ୱ ରହିବ କି ନାହିଁ ବୋଲି ମତ ଦେଇଥିଲେ କବି ଅଧ୍ୟାପକ ସନ୍ଦୀପ କୁମାର କୁଅଁର । ଜେ ଏସ ଏମ ର ଓଡିଆ ଅଧ୍ୟାପିକା ଶ୍ରୀମତୀ ଅନସୂୟା ନନ୍ଦ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଇଂରାଜୀ ଅଧ୍ୟାପିକା ଶ୍ରୀମତୀ ହୀମାନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୋଟିଆରେ ଆନ୍ଧ୍ରର ବେଆଇନ କାର୍ଯ୍ୟକୁ ପ୍ରତିବାଦ କରିବାରେ ନବୀନ ସରକାର ବିଫଳ: ତାରାପ୍ରସାଦ ବାହିନୀପତି

ଭୁବନେଶ୍ୱର, ୧୩/୨ (ନି.ପ୍ର): କୋରାପୁଟ ଜିଲ୍ଲାର କୋଟିଆ ପଂଚାୟତରେ ଆନ୍ଧ୍ର ସରକାର ଯେଉଁଭଳି ଭାବରେ କାର୍ଯ୍ୟକ୍ରମ କରୁଛନ୍ତି ଏବଂ ଓଡ଼ିଶାର ସରକାରଙ୍କ ପକ୍ଷରୁ ଯେପରି ନୀରବତା ଅବଲମ୍ବନ କରାଯାଉଛି ଏଥିରୁ ଅନୁମେୟ ଓଡ଼ିଶା ସରକାର ଆନ୍ଧ୍ର ପାଖରେ କୋଟିଆକୁ ସମର୍ପି ଦେଇଛନ୍ତି । କୋଟିଆକୁ ଓଡ଼ିଶାରେ ରଖିବାପାଇଁ ଓଡ଼ିଶା ସରକାରଙ୍କର ଆନ୍ତରିକତାର ଅଭାବ ରହିଛି ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଛନ୍ତି । ସେ କହିଛନ୍ତି କୋଟିଆ ପଂଚାୟତର ୨୧ଟି ଗ୍ରାମରେ ଆନ୍ଧ୍ର ସରକାର ସାଧାରଣ ଜନତାଙ୍କୁ ପ୍ରଲୋଭିତ କରୁଛନ୍ତି । ଧୂଳିପଦର ଓ ଫାଟୁସିନେରୀ ଗ୍ରାମରେ ଆନ୍ଧ୍ର ସରକାରୀ ଦଳର ଦଳୀୟ ପତାକା ଆନ୍ଧ୍ର ସରକାରୀ କର୍ମଚାରୀମାନେ ଉତୋଳନ କରୁଛନ୍ତି । ଆନ୍ଧ୍ର ସରକାରଙ୍କ ପକ୍ଷରୁ ସେଠାରେ ମେଡିକାଲ କ୍ୟାମ୍ପ କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ଆନ୍ଧ୍ର ସରକାର 'ଜଗନ୍ନା ଭରସା' କାର୍ଯ୍ୟକ୍ରମ ମାଧ୍ୟମରେ କୋଟିଆ ଅଂଚଳର ସମସ୍ତ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ପାଖରେ ପଂହଚୁଛନ୍ତି । ଆନ୍ଧ୍ର ସରକାର କୋଟିଆ ପିଲାଙ୍କ ପାଇଁ ଆନ୍ଧ୍ରରେ କୋଟିଆର ସମସ୍ତବର୍ଗର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବାପାଇଁ ସରକାରୀ ହଷ୍ଟେଲ ସୁବିଧା ଯୋଗାଇ ଦେଉଛନ୍ତି । ଛାତ୍ରଛାତ୍ରୀମାନେ ଆନ୍ଧ୍ର ସ୍କୁଲରେ ନାମ ଲେଖାର ୧୫ ଦିନ ମଧ୍ୟରେ ସେମାନଙ୍କ ପରିବାର ବର୍ଗଙ୍କୁ ଆନ୍ଧ୍ର ସରକାର ୧୫ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି ଓ ସ୍କୁଲରେ ମଧାହ୍ନ ଭୋଜନରେ ଅଣ୍ଡା ପ୍ରାୟ ଦିଆଯାଉ ନାହିଁ । ଆନ୍ଧ୍ର ସରକାରଙ୍କ ପକ୍ଷରୁ ସରକାରୀ ଅଫିସରମାନେ ବାର୍ଦ୍ଧକ୍ୟଭତା ହିତାଧିକାରୀଙ୍କ ଘରକୁ ଯାଇ ହାତରେ ୨୫୦୦ ଟଙ୍କା ଧରେଇ ଦେଉଛି । କୋଣ୍ଡାଦ୍ୱାର, ମାଳି, ରଣା, କୁମ୍ଭାର, କମାର ଓ ପାଇକ ପ୍ରଭୃତି କେତେକ ବର୍ଗଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଆଦିବାସୀ ମାନ୍ୟତା ମିଳୁଥିବା ବେଳେ ଆନ୍ଧ୍ର ଓଡ଼ିଶା ସରକାର ସେମାନଙ୍କର ଦାବିକୁ ଉପେକ୍ଷା କରୁଛନ୍ତି । ଆନ୍ଧ୍ର ପକ୍ଷରୁ କୋଟିଆକୁ ଦୁଇଟି ପଂଚାୟତରେ ବିଭକ୍ତ କରାଯାଇଛି । ଗୋଟିଏ ହେଲା 'ଗୁଣସିନେରି ଓ ଅନ୍ୟଟି ତଳଗଞ୍ଜେଇପଦର । ଆନ୍ଧ୍ର ପକ୍ଷରୁ ଏହାକୁ ବିଗୁଆ ଗଞ୍ଜେଇ ଭଦ୍ରା ଏବଂ ଫଗୁ ଚିନାରୀ କୁହାଯାଉଛି । କୋଟିଆର ବିଭିନ୍ନ ସ୍ଥାନରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ବଡ଼ ବଡ଼ ଫଟୋ ଥାଇ ହୁଡିଂ ଲାଗିଛି । ଶ୍ରୀ ବାହିନୀପତି କହିଛନ୍ତିଯେ ପଟାଙ୍ଗୀ ବ୍ଲକ ଅଧିନସ୍ଥ ଗାଲିଗପ୍ପର ଠାରେ ଥିବା ଜଳପ୍ରପାତରୁ ପ୍ରବାହିତ ହୋଇଥିବା ଜଳକୁ ଅଟକାଇ କୋଟିଆ ପଂଚାୟତର ଉପତ୍ୟକାରେ ଏକ ଚେକଡ୍ୟାମ ନିର୍ମାଣ କରିବା ପାଇଁ ନିଷ୍ପତି ନେଇଛନ୍ତି ଏବଂ ଏହି ଜଳକୁ ବ୍ୟବହାର କରି ନେରେଡ଼ି ବାଲସା ଏବଂ ତାଡ଼ିବାଲସା (ଆନ୍ଧ୍ର ଏହାକୁ ଆନ୍ଧ୍ରର କୁରୁକୁଟି ପଂଚାୟତ ଅଧିନସ୍ଥ ବୋଲି କହୁଛି) ଠାରେ ଏକ ହ୍ରାଇଡ୍ରୋ ପ୍ରୋଜେକ୍ଟ ନିର୍ମାଣ କରିବାପାଇଁ ସର୍ଭେ ଏବଂ ସଏଲଟେଷ୍ଟ କାମ ସମାପ୍ତ ହୋଇଛି ।

# ଦାମୋଦରପୁର ଗ୍ରାମରୁ ଚୋରି ନେଇ ଥାନାରେ ଅଭିଯୋଗ

କୋରେଇ, ୧୩/୨ (ନି.ପ୍ର): ପାଣିକୋଇଲି ଥାନା ତଥା ପଥରପଦା ପଂଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଘରରେ କେହି ନଥିବା ବେଳେ ରାତିରେ ପଶି ଗଦରେଜ ଭାଙ୍ଗି ଚୋରି କରିଥିବାର ଗୃହର ମାଲିକ ଥାନାରେ ଅଭିଯୋଗ କରିଛନ୍ତି । ସୁଚନାନୁସାରେ ଯାଜପୁର ସଦର ଥାନା ଅନ୍ତର୍ଗତ କତରାପୁର ଗ୍ରାମର ନିରାକାର ଦଳାଇ ଦାମୋଦରପୁର ଗ୍ରାମରେ ଗୃହ ନିର୍ମାଣ କରିବା ପରେ ଗୃହର କିଛି ଭାଗକୁ ଜଣେ ବ୍ୟକ୍ତିଙ୍କୁ ଭଡ଼ା ସୁତ୍ରରେ ଦେଇଛନ୍ତି । ତେବେ ରାତିରେ ଭଡ଼ାରେ ଥିବା ବ୍ୟକ୍ତି ଘରେ ନଥିବା ବେଳେ ଦୁର୍ବୁତ ମାନେ ଘରର ଝରକା ଗ୍ରୀଲ ତାଡ଼ି ଉଭୟଙ୍କ ଗଦରେଜ ଭାଙ୍ଗି ସୁନା ଅଳଙ୍କାର ଗୁଡ଼ିକୁ ଲୁଟି ନେଇଛନ୍ତି । ଉକ୍ତ ବ୍ୟକ୍ତି ସକାଳେ ଘରକୁ ଫେରି ଘରର କବାଟ ଖୋଲି ଭିତରକୁ ଯିବା ପରେ ଝରକା ତଡ଼ା ଯାଇଥିବା ସହିତ ଗଦରେଜ ଭଙ୍ଗାଯାଇଥିବାର ଦେଖି ଗୃହ ମାଲିକଙ୍କୁ ଖବର ଦେଇଥିଲେ । ଏ ନେଇ ଶ୍ରୀ ଦଳାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ସନ୍ଧାନୀ କୁକୁର ମାଧ୍ୟମରେ ଚୋରଙ୍କୁ ଠାବ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଚୋରଙ୍କ ସନ୍ଧାନ ମିଳିପାରିନାହିଁ ।

# ପାୟଲ ମ୍ୟୁଜିକ ସ୍କୁଲର ଗ୍ରାମୀଣ ମହୋତ୍ସବ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ପାୟଲ ମ୍ୟୁଜିକ୍ ସ୍କୁଲର ଏକବିଂଶତମ ଗ୍ରାମୀଣ ମହୋତ୍ସବ ଦୁଇଦିନ ବ୍ୟାପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସଭାପତି ନୀଳମାଧବ ପତିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଡା. ଗଜେନ୍ଦ୍ର କୁମାର ପଣ୍ଡା ,ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନୀତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପିକା ଗୁରୁ ଭାରତୀ ଜେନା, ଓଡିଶୀ ନୃତ୍ୟଗୁରୁ ସୁଜାତା ବେହେରା, ବରିଷ୍ଠ ସଙ୍ଗୀତଗୁରୁ ପ୍ରଶାନ୍ତ କୁମାର ସାମଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଇନ୍ଦୁପୁରର ସରପଂଚ ପ୍ରଦୀପ୍ତ ରଞ୍ଜନ ସୂତାର, ସମିତି ସଭ୍ୟା ସୁନନ୍ଦା ମଲିକ ଏବଂ ୫ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୁଶ୍ରୀ ଲିଲିତା ଦାସ ପ୍ରମୁଖ ଯୋଗ ଦେଇ ପାୟଲ୍ ମ୍ୟୁଜିକ୍ ସ୍କୁଲର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ(ଦିଲୁ) ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ କବି ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ଘାଟନୀ ଉତ୍ସବରେ ଅନୁଷ୍ଠାନର ସଙ୍ଗୀତଗୁରୁ ଭାସ୍କର ଚନ୍ଦ୍ର ବେହେରା, ନୃତ୍ୟଗୁରୁ ଦୀପକ କୁମାର ନନ୍ଦୀ ଓ ଦିଲ୍ଲୀପ କୁମାର ଜେନା, ତବଲା ଗୁରୁ ସୁଶୀଲ ସେନ, ଚିତ୍ରକଳା ଗୁରୁ ପୁଷ୍ପାଞ୍ଜଳି ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରମୋଦ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ସହକାରୀ ପ୍ରଫେସର ଡ଼ା ରବିନାରାୟଣ ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ପାଲାଗାୟକ ଜ୍ଞାନପ୍ରିୟ କାନୁନଗୋ ପ୍ରମୁଖ ଯୋଗଦେଇ ପାୟଲ ମ୍ୟୁଜିକ୍ ସ୍କୁଲର ପିଲାମାନେ କିଭଳି ଭାବରେ ବିଦେଶରେ କଳା ପରିବେଷଣ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବରେଣ୍ୟ ଅତିଥି ଭାବରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ସମ୍ମାନୀତ ଅତିଥି ଭାବେ ଗୀତିକାର କୁମାର ଲିଟନ ଯୋଗଦେଇଥିଲେ । ଶେଷରେ ଓଡ଼ିଆ ଅଧ୍ୟାପକ ଡ଼. ସଂଗ୍ରାମ କେଶରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଦିନ ଧରି ଅନୁଷ୍ଠାନର ସଙ୍ଗୀତ ଗୁରୁ, ନୃତ୍ୟଗୁରୁ ଓ ପ୍ରତିଷ୍ଠାତା ଦେବାଶିଷ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷ ଦିନରେ ଓଡ଼ିଆ ଚଳଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଗଡନାୟକ, ହାସ୍ୟଅଭିନେତା ଡାଙ୍ଗ, ଦୀପ୍ତି, ଧାରାବାହିକ ନାୟକ ସୋମ୍ ଓ କୁମାର ଲିଟନ ପ୍ରମୁଖ ଯୋଗଦେଇ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନବାଳା ନାୟକ, ସୌମ୍ୟ ରଞ୍ଜନ ପାତ୍ରୀ, ସଞ୍ଜୟ କୁମାର ନାୟକ, ମିଲନ୍ କୁମାର ଜେନା, ହେମନ୍ତ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ରହ୍ମକୁମାରୀ ପକ୍ଷରୁ ୮୮ ତମ ପତାକା ଉତ୍ତୋଳନ

ପଟ୍ଟାମୁଣ୍ଡାଇ, ୧୩/୨ (ନି.ପ୍ର): ରାଜନଗର ନିବାର୍ଚନ ମଣ୍ଡଳୀ ଗୋପ୍ତିରା ଗ୍ରାମରେ ପ୍ରଜାପତି ବ୍ରହ୍ମକୁମାରୀ ପକ୍ଷରୁ ୮୮ ତମ ପତାକା ଉତୋଳନ ଉତ୍ସବ ପାଳିତ ହୋଇଛି । ପଟ୍ଟାମୁଣ୍ଡାଇ ପ୍ରଜାପତି ବ୍ରହ୍ମକୁମାରୀର ଭଉଣୀ ଶଶୀରେଖାଙ୍କ ଅଧ୍ୟକ୍ଷତାରେ ଓ ପଟ୍ଟାମୁଣ୍ଡାଇ ବାର କୋଷାଧକ୍ଷ ଧୀରେନ୍ଦ୍ର ନାଥ ସାହୁଙ୍କ ସଂଯୋଜନାରେ ଗୋପ୍ତିରା ଗ୍ରାମରେ ଭାଇ ସଞ୍ଜୟ କୁମାର ମହାପାତ୍ର, ଧର୍ମେନ୍ଦ୍ର ବାଇ ଭଉଣୀ ବିଳାସିନୀ ମହାପାତ୍ର, ଚଂଚଳା, ଭଗବତୀ, ଊର୍ମିଳା ଓ ଅବସର ପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଶଥପତି, ବୈକୁଣ୍ଠ ନାଥ ବାରିକ ଓ ଗୋପ୍ତିରା ଗ୍ରାମର ଭାଇ ଓ ଭଉଣୀ ମାନେ ଉପସ୍ଥିତ ରହି ଏହି ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସୌମ୍ୟରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରି ସଭାଟିକୁ ସାଙ୍ଗ କରିଥିଲେ ।

# ପଦ୍ମ ଫୁଲ ଚାଷ



ପଦ୍ମ ଆମର ଜାତୀୟ ଫୁଲ। ଓଡ଼ିଶାରେ ଏହି ଫୁଲକୁ ବ୍ୟାବସାୟିକ ଭିତ୍ତିରେ ଚାଷ ହେଉ ନଥିଲେ ମଧ ଏହାର ଚାହିଦା ସବୁବେଳେ ଅଧିକ। ତେଣୁ ଚାଷୀମାନେ ଏହି ଫୁଲକୁ ଯଦି ବ୍ୟାବସାୟିକ ପଦ୍ଧତିରେ



ଚାଷ କରନ୍ତି ତେବେ ନିଶ୍ଚିତ ଲାଭବାନ୍ ହୋଇପାରିବେ।

ପଦ୍ମର ସମଗ୍ର ଶରୀର ଖାଦ୍ୟ ଉପଯୋଗୀ ଚୀନ ଓ ଜାପାନ ଦେଶରେ ଏହାର ରାଇଜୋବିଅମ୍ କାଣ୍ଡରୁ ତରକାରୀ, ଭଜା ଚିପ୍ସ ଆଦି ଖାଦ୍ୟ ତିଆରି କରାଯାଏ। ଆଜିକାଲି ଘର ବଗିଚାରେ ପାଣି କୁଣ୍ଡରେ ଶଙ୍କର ପ୍ରଜାତିରା ପଦ୍ମ ରଖାଯାଉଛି। ଦେବସ୍ଥାନ ସହରମାନଙ୍କରେ ପଦ୍ମ ଫୁଲର ବଜାର ଚାହିଦା ରହୁଛି। ଏହାକୁ କିପରି ବ୍ୟାବସାୟିକ ଭିତ୍ତିରେ ଚାଷ ହୋଇପାରିବ ଆସନ୍ତୁ ସେ ବିଷୟରେ ଜାଣିବା।

ମୃତ୍ତିକା ଓ ଜଳବାୟୁ: ପଦ୍ମ ଏକ କ୍ରାନ୍ତିମଣ୍ଡଳୀୟ ଜଳଜ ଉଦ୍ଭିଦ। ଏହାର କାଣ୍ଡକୁ ରାଇଜୋମ କୁହନ୍ତି କାଣ୍ଡ ଓ ଚୋର ପୋଖରୀ ତଳ ପଙ୍କରେ ରହେ ପତ୍ର ତଥା ଫୁଲର ଡେମ୍ଫ ଲମ୍ବା ଏହା ସାହାଯ୍ୟରେ ପତ୍ର ଓ ଫୁଲ ଉପରକୁ ଭାସି ରହେ। ନୂଆ ବଗିଚାମାନଙ୍କରେ କୁଣ୍ଡ ମଧ୍ୟରେ ଚାଷ କଲାବେଳେ ଦୋରସା ମାଟିରେ ସମପରିମାଣର ସଢ଼ା ଗୋବର ଖତ ମିଶାଇ ମୃତ୍ତିକା ପ୍ରସ୍ତୁତ କରାଯାଏ।

ବଂଶବିସ୍ତାର: ପଦ୍ମ ଉଭୟ ମଞ୍ଜିକୁ ପୋତି ରାଇଜୋମ ସଂଲଗ୍ନ ବୁଦାକୁ ଭାଗ ଭାଗ କରି ନୂଆ ଗଛ କରାଯାଏ। ମଞ୍ଜିକୁ ନଖ



ଉଷୁମ ପାଣିରେ ଭିଜାଇ ରଖିବାକୁ ପଡ଼େ। ଏଥିରୁ ଦୁଇ ସପ୍ତାହ ପରେ ଗଜା ବାହାରେ କେତେକ ଶଙ୍କର ପ୍ରଜାତିର ପତ୍ର ମଝି ଶିରା ଗଣ୍ଠିରୁ ନୂଆ ଗଛ ବାହାରେ ଏହାକୁ ଅଲଗା କରି ମଧ ନୂଆ ଗଛ କରି ହୁଏ।

କିସମ: ଜଳାଶୟ ମଧ୍ୟରେ ଫୁଟୁଥିବା ନିମ୍ଫାଏସି ପରିବାରର ଫୁଲ ମଧ୍ୟରେ ଦୁଇଟି ମୁଖ୍ୟ ଗୋଟିଏ କଇଁ ଅନ୍ୟଟି ପଦ୍ମ। ଏମାନଙ୍କର ଅନେକ ସ୍ଥାନୀୟ ପ୍ରଜାତି ଦୃଷ୍ଟି ଗୋଚର ହୁଏ ନୀଳ, ଧଳା, ଗୋଲାପି ଏବଂ ଲାଲ ସବୁ ରଙ୍ଗର ଫୁଲ ପ୍ରକୃତିକ ଭାବେ ରହିଛି। ଭାରତୀୟ ପ୍ରଜାତିରେ ଦେବତାମାନଙ୍କୁ ଅର୍ପଣ କରାଯାଉଥିବା ପବିତ୍ର ଶତଦଳ ପଦ୍ମକୁ ନେଲୁମ୍ବିଅମ୍ ସ୍ପେସିଓସମ୍ କୁହାଯାଏ। ନିମ୍ଫିଆ ନେଲୁମ୍ବୋ ଏକ ଶଙ୍କର ପ୍ରଜାତି ଏହାକୁ ପାର୍କମାନଙ୍କରେ ଲଗାଯାଏ। ଅତ୍ୟଧିକ ଲୋକପ୍ରିୟ ନିମ୍ଫିଆ ଲୁଟଇଆ ନାମକ ଆମେରିକୀୟ ପ୍ରଜାତି ହଳଦିଆ ରଙ୍ଗର ଫୁଲ ଅଟେ। ପ୍ରଜାତି ମଧ୍ୟରେ ଆଲବାର୍ଷ୍ଟ୍ରିଅଟା, ମାଗ୍ନୋଲିଆ ଏବଂ ଆଲବାପ୍ଲେନା ପ୍ରଧାନ।

ଚାଷ ପ୍ରଣାଳୀ:

ଚାଷ ପାଇଁ କରାଯାଉଥିବା କୁଣ୍ଡ ବା ଗାଡ଼ିଆରେ ମୃତ୍ତିକା ମିଶ୍ରଣ ଉପରେ ଛୋଟ ଗଛକୁ ଲଗାଯାଏ। ଗଛର ଉଚ୍ଚତା ଅନୁସାରେ ପାଣି ଦିଆଯାଏ। ଖରା ଓ ବର୍ଷା ଦିନରେ ଗଛଭଲ ବଢ଼େ। ତରକାରୀ ପାଇଁ ଏହାର ରାଇଜୋମ ଅକ୍ଟୋବର ମାସରେ ଖୋଳାଯାଏ। ଏକ ଏକର ଜମିରୁ ଖାଦ୍ୟ ପାଇଁ ୧୬ କୁଣ୍ଟାଲ ରାଇଜୋମ୍ ଅମଳ କରାଯାଇପାରେ। ଫୁଲକୁ ଦୂର ଜାଗାକୁ ପଠାଇବାକୁ ହେଲେ ଫୁଟିବାର ଦୁଇଦିନ ଆଗରୁ ତୋଳାଯାଏ। ଏଇ ଚାଷ ଯେଉଁମାନଙ୍କର ଜମି ଜଳମଗ୍ନ ରହୁଛି ସେମାନେ ସହଜରେ କରିପାରିବେ। ଏକର ପରିମିତ ସ୍ଥାନରେ ଏହି ଚାଷରୁ ଫୁଲ ପତ୍ର କନ୍ଦା ବିକ୍ରିରୁ ଲାଭ ଅନ୍ତତଃ ୨୦ ହଜାର ଟଙ୍କାରୁ ଅଧିକ ପାଇପାରିବ।

# ଅଧିକ ଚାପଗ୍ରସ୍ତ



ଚାପ ବି ଚିନ୍ତା ଏବେ ପ୍ରତ୍ୟେକଙ୍କ ଜୀବନଶୈଳୀର ଅଂଶବିଶେଷ ହୋଇଯାଇଛି ଏବଂ ଅନେକ ଏଥିରେ ପୀଡ଼ିତ। ତେବେ ଆପଣ ଯଦି ସଠିକ୍ ପରିମାଣରେ ନିଦ୍ରା ଯିବା ସହିତ ଖାଦ୍ୟ ଠିକ୍ ରଖିଥିଲେ ମଧ ନିଜକୁ ଠିକ୍ ମନେ କରୁ ନାହାନ୍ତି ତେବେ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିବାକୁ ପଡ଼ିବ। ଯଦି ପ୍ରତ୍ୟେକ ରାତିରେ ଆପଣଙ୍କୁ ଦିନମାନର ଚିନ୍ତା ଘାରୁଛି ଏବଂ ଆପଣ ଶାନ୍ତିରେ ଶୋଇ ପାରୁନାହାନ୍ତି ଏବଂ ଯଦି ବି ବିଳମ୍ବିତ ରାତ୍ରିରେ ଶୋଉଛନ୍ତି ଆପଣ ସକାଳୁ କ୍ଳାନ୍ତ ଅନୁଭବ କରୁଛନ୍ତି ତେବେ ଏହା ଚାପଗ୍ରସ୍ତ ଜୀବନର ପ୍ରଥମ ଲକ୍ଷଣ। ତେଣୁ ନିଦ୍ରାହୀନତାକୁ ସାମ୍ନା କରିବା ପାଇଁ ପ୍ରଥମେ ଭଲଭାବେ ସାୱାର ବାଥ୍ ନିଅନ୍ତୁ ଏବଂ ତା'ପରେ ଉଷୁମ ଚାମୋମିଲ୍ ଚା' ପିଇ ବେଡ୍‌କୁ ଯାଆନ୍ତୁ। ଏହାଦ୍ୱାରା ଉତ୍ତମ ନିଦ୍ରା ହେବ।

ଚାପ ବା ଚିନ୍ତା ଏବେ ପ୍ରତ୍ୟେକଙ୍କ ଜୀବନଶୈଳୀର ଏକ ଅଂଶବିଶେଷ ହୋଇଯାଇଛି ଏବଂ ଅନେକ ଏଥିରେ ପୀଡ଼ିତ। ତେବେ ଆପଣ ଯଦି ସଠିକ ପରିମାଣରେ ନିଦ୍ରା ଯାଇ ଏବଂ ସଠିକ୍ ପରିମାଣରେ ଖାଦ୍ୟ ଖାଇ ମଧ ନିଜକୁ ଠିକ୍ ମନେ କରୁନାହାନ୍ତି, ତେବେ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିବାକୁ ପଡ଼ିବ। ଯଦି ଆଖିତଳ ହଠାତ୍ ଖୁବ୍ କଳା ଦେଖାଯାଉଛି ତେବେ ଏହା ଭିଟାମିନ୍ ଅଭାବ କିମ୍ବା ନିଦ୍ରାହୀନତା ହେତୁ ହୋଇପାରେ। କିନ୍ତୁ ଏହା ମଧ ଚାପ ଓ ଚିନ୍ତାର ଅନ୍ୟ ଏକ କାରଣ। ତେଣୁ ଯଦି ଆଖି ତଳ କଳା ଦେଖାଯାଉଛି ତେବେ ଆପଣଙ୍କ ଜୀବନଶୈଳୀରେ କିଞ୍ଚିତ୍ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ। ଯଥା-ବେଡ୍‌କୁ ଜଲଦି ଯାଆନ୍ତୁ, ଭଲଭାବେ ଗାଧନ୍ତୁ ଏବଂ ଧ୍ୟାନ କରନ୍ତୁ। ଯେତେବେଳେ ଆପଣ ଖୁସିଥିବେ ସେତେବେଳେ ଆପଣଙ୍କ ତ୍ୱଚା ଗ୍ଲୋ କରିବ। କିନ୍ତୁ ଯଦି ଆପଣଙ୍କ ତ୍ୱଚାରେ କିଛି ପରିବର୍ତ୍ତନ ଦେଖାଦେଉଛି କିମ୍ବା ତ୍ୱଚା ମାନ୍ଦା ଦେଖାଦେଉଛି ତେବେ ଏହା କେବଳ ଆପଣଙ୍କ ଖାଇବା ଶୈଳୀ ପାଇଁ ନୁହେଁ ବରଂ ଏହା ଆପଣଙ୍କ ଚାକିରି ପାଇଁ ହୋଇଥାଇପାରେ। ଏଥିପାଇଁ ଏକ ଜେଣ୍ଟଲ କ୍ଲିନ୍‌ଜର ଏବଂ ଉଚ୍ଚମାନର ମଏଶ୍ଚରାଇଜର ବ୍ୟବହାର କରନ୍ତୁ। ଏଥିପାଇଁ ମଧ ଘରୋଇ ପ୍ରସ୍ତୁତ ମହୁ ତଥା ସୁଗାର ସ୍କ୍ରବ୍ ବ୍ୟବହାର କରିପାରିବେ। ମହୁରେ ରହିଛି



ଆଣ୍ଟିବ୍ୟାକ୍ଟେରିଆ ଏବଂ ଏହା ବାସ୍ତବରେ ଖୁବ୍ ଉପକାରୀ। ଖାଦ୍ୟରେ ହଠାତ୍ ପରିବର୍ତ୍ତନ ଆଣିଛନ୍ତି? ତେବେ ହେଁ, ଏହା ମଧ ଆପଣଙ୍କ କାର୍ଯ୍ୟଚାପ ହେତୁ ହୋଇଥାପାରେ। ଯଦି ଆପଣ ଅଧିକାଂଶ ସମୟରେ କ୍ୟାଫିନ୍ ଏବଂ ଫ୍ୟାଟି ଫୁଡ୍ ଉପରେ ନିର୍ଭର କରୁଛନ୍ତି ତେବେ ଏହା ମଧ ଜାଣିରଖନ୍ତୁ ଯେ, ଏହା ଆପଣଙ୍କ ସ୍ୱାସ୍ଥ୍ୟରେ କ୍ଷତି ପହଞ୍ଚାଇବା ସହ ଆପଣଙ୍କ ଓଜନ ବୃଦ୍ଧି କରିପାରେ। ତେଣୁ ସବୁବେଳେ ମନେ ରଖନ୍ତୁ, ଦିନସାରା ଫଳ ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରନ୍ତୁ। କନ୍ଦମୂଳ ଏବଂ ଆଲ୍‌ମଣ୍ଡ ବି ଖାଇପାରିବେ। ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ ଏବଂ ଚାପର ସ୍ତରକୁ କମାଇଦେବ। ଯଦି ଆପଣ ସଠିକ୍ ସମୟରେ ଖାଉନାହାନ୍ତି ବା ମିଲ୍ ସ୍କିପ୍ କରୁଛନ୍ତି ତେବେ ଏହା ଖୁବ୍ ବିପଦପୂର୍ଣ୍ଣ। ଯଦି କାର୍ଯ୍ୟକ୍ଷେତ୍ରରେ ଆପଣ ଅତ୍ୟଧିକ ଚାପଗ୍ରସ୍ତ ଅଛନ୍ତି ଏବଂ ଏଥିପାଇଁ ଆପଣଙ୍କୁ ଆଦୌ ଖାଇବାକୁ ଇଚ୍ଛା ହେଉନାହିଁ ତେବେ ଆପଣ କିଛି ଫଳ କିମ୍ବା ବାଦାମ ମଞ୍ଜି ଖାଇପାରିବେ। କିନ୍ତୁ ଆଦୌ ନଖାଇଲେ ଆପଣଙ୍କ ଶରୀର ଦୁର୍ବଳ ହୋଇଯିବ ଏବଂ ଆପଣ ଷ୍ଟ୍ରେସ୍ ସହ ଫାଇଟ କରିପାରିବେନି। ଯଦି ଟିକେଟିକେ କଥାରେ ଅପାଣ ଆପଣଙ୍କ ଜୀବନର ଅତି ନିଜର ଲୋକ ଉପରେ କିମ୍ବା ପରିବାରର ଲୋକଙ୍କ ଉପରେ ରାଗି ଯାଉଛନ୍ତି କିମ୍ବା ସହକର୍ମୀଙ୍କ ସହ ଠିକ୍‌ଭାବେ କଥା ହୋଇପାରୁନାହାନ୍ତି ତେବେ ଏହା ମଧ ଆପଣଙ୍କ ଚାପଗ୍ରସ୍ତ ଜୀବନର ଅନ୍ୟ ଏକ ଲକ୍ଷଣ। ଏଥିପାଇଁ ନିଜେ ନିଜେ ରିଲାକ୍ସ ହେବାକୁ ଚେଷ୍ଟା କରନ୍ତୁ।

# ସଫଳତାର ମନ୍ତ୍ର

ଏ ସଂସାରରେ ସମସ୍ତେ ସଫଳତା ଲାଭ ଲାଗି ଇଚ୍ଛୁକ। କେହି ଭୌତିକ ଜୀବନରେ ସଫଳତାର ଆଶା ରଖନ୍ତି ତ ଆଉକେହି ଆଧ୍ୟାତ୍ମିକ କ୍ଷେତ୍ରରେ ସଫଳ ହେବାକୁ ମନ ବଳାନ୍ତି। ମନୁଷ୍ୟର ସଫଳତା ପ୍ରାପ୍ତି ନିର୍ଭର କରେ ତା'ର କର୍ମର ଶ୍ରେଷ୍ଠତା ଉପରେ। କର୍ମ ଯଦି ସତ୍ ଓ ନିଷ୍କାମ; ତେବେ ସଫଳତା ପ୍ରାପ୍ତି ଅସମ୍ଭବ ନୁହେଁ। ଏଥି ପାଇଁ ମନର ଶାନ୍ତି ଓ ପ୍ରସନ୍ନତା ଆବଶ୍ୟକ। ଇଚ୍ଛା ଦ୍ୱାରା ହିଁ ଜଟିଳ କାର୍ଯ୍ୟ ସହଜରେ ସାଧିତ ହୋଇଥାଏ। ଇଚ୍ଛାରୁ ଜନ୍ମ ନିଏ ପରିବାର ବିଶ୍ୱାସ ଏବଂ ତାହା ଆତ୍ମ-ବିଶ୍ୱାସରେ ପରିଣତ ହୁଏ। ବିଶ୍ୱାସ ଓ ଆତ୍ମ-ବିଶ୍ୱାସ ସଫଳତା ପାଇବାର ଅମୋଘ ଅସ୍ତ୍ର। ଆତ୍ମ-ବିଶ୍ୱାସ ଆମ ଭିତରେ ଦେବତ୍ୱ ଗୁଣ ପ୍ରକଟ କରେ। ସେତେବେଳେ ବ୍ୟକ୍ତି ସମର୍ଥ ହୋଇ ଯେକୌଣସି କାମ କରିପାରେ। ନିଜ ଉପରେ ବିଶ୍ୱାସ ନ ଥିବା କାରଣରୁ ଆମେ ଅନେକ ସମୟରେ ଅସଫଳ ହେଉ। ଆତ୍ମବିଶ୍ୱାସ ସଂପର୍କରେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ- 'ଯାହାର ଆତ୍ମ-ବିଶ୍ୱାସ ନାହିଁ, ସେ ନାସ୍ତିକ। ବ୍ୟକ୍ତି ଅଥବା ରାଷ୍ଟ୍ର ଯେତେବେଳେ ଆତ୍ମ-ବିଶ୍ୱାସ ହରାଏ, ସେତେବେଳେ ହିଁ ତା'ର ମରଣ ହୁଏ। ଏଣୁ ନିଜ ଉପରେ ବିଶ୍ୱାସ ହିଁ ସଫଳତାର ଏକମାତ୍ର ଉପାୟ।'

# କଳା ଖରାପ ନୁହେଁ




କେହି କେବେ ନିଜ ମୁହଁକୁ କଳାରଙ୍ଗରେ ସଜାଇବାକୁ ଚାହିଁବେନି କି କଳାରଙ୍ଗର ତ୍ୱଚା ପାଇବାକୁ ଇଚ୍ଛା କରିବେନି। କଳା ଅଙ୍ଗାରହାତ ମଇଳା କରିଦେଉଥିବାରୁ ଏହାକୁ ଧରିବା ଲାଗି ବି ଅନେକେ ପସନ୍ଦ କରନ୍ତିନି। କିନ୍ତୁ ଏବେ ଅଙ୍ଗାର ସୌନ୍ଦର୍ଯ୍ୟ ବୃଦ୍ଧିର ପ୍ରମୁଖ ଉପାଦାନ ପାଲଟିଛି। ଏମିତି ତ ପାରମ୍ପରିକ ଉପାୟରେ ଭାରତରେ କ୍ଷତ ଶୁଖାଇବା ଲାଗି ଅଙ୍ଗାର ବ୍ୟବହାର କରାଯାଏ, ହେଲେ ଜାପାନରେ ବର୍ଷ ବର୍ଷ ଧରି ଏହାକୁ ସ୍ୱଚ୍ଛ ତଥା ଉଜ୍ଜ୍ୱଳ ତ୍ୱଚା ପାଇବା ଲାଗି ଏକ ସୌନ୍ଦର୍ଯ୍ୟ ଉପକରଣ ଭାବେ ବ୍ୟବହାର କରାଯାଇଆସୁଛି। ଆଶ୍ଚର୍ଯ୍ୟ ହେଉଛନ୍ତି କି! ଏବେ ଅଙ୍ଗାର ଅବଶୋଷଣ ବଢ଼ାଇବା ପାଇଁ କ୍ଲିନ୍‌ଜର, ଫେସ୍ ମାସ୍କ, ସ୍କ୍ରବ୍ ଏବଂ ସାବୁନ୍‌ରେ ବି ବ୍ୟବହାର କରାଯାଉଛି। ଯେଉଁ ଅଙ୍ଗାର ତ୍ୱଚା ମଇଳା କରିଦିଏ, ସେ କେମିତି ସୁନ୍ଦର କରିବ ବୋଲି ଭାବୁଛନ୍ତି କି? ଅଙ୍ଗାରରେ ରହିଛି କିଛି ଖାସ୍ ଗୁଣ-

ପ୍ରଦୂଷଣରୁ ମୁକ୍ତ ରଖିବା ଅଙ୍ଗାରର ଏକ ବିଶେଷ ଗୁଣ। ଆକ୍ଟିଭେଟେଡ୍ ଅଙ୍ଗାର ଚୁମ୍ବକ ପରି ତ୍ୱଚାରୁ ଟକ୍ସିନ ଶୋଷିନିଏ। ତେଣୁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଯଦି ଅଙ୍ଗାରଯୁକ୍ତ ଫେସ୍‌ୱାସ ବ୍ୟବହାର କରନ୍ତି, ତେବେ ସକାଳୁ ଫ୍ରେଶ୍ ତ୍ୱଚା ପାଇପାରିବେ।

ତ୍ୱଚାରେ କଳାଦାଗ ହେଉଥିଲେ ଏହି ବ୍ଲାକ୍‌ହେଡ୍ ଦୂର କରିବା ପାଇଁ ଦରକାର ଏକ ଅଙ୍ଗାରଯୁକ୍ତ ବ୍ଲାକ୍‌ହେଡ୍ ରିମୁଭାଲ ଷ୍ଟ୍ରିପ୍ ଯେଉଁଥିରେ ଆକ୍ଟିଭେଟେଡ୍ ଚାର୍‌କୋଲ ରହୁଥିବ। ଏହା ତ୍ୱଚାର ଗଭୀରତାରୁ ବ୍ଲାକ୍‌ହେଡ ସମସ୍ୟା ଦୂର କରିଥାଏ। ଅଙ୍ଗାର ସହାୟତାରେ ଏଥିରୁ ମୁକ୍ତି ପାଇବା ସହଜ।

ଭଲ କ୍ଲିନ୍‌ଜିଂ ପାଇଁ ପ୍ରତି ସପ୍ତାହରେ ଚାରକୋଲ୍ ଫେସ୍‌ମାସ୍କ ବ୍ୟବହାର କରନ୍ତୁ। ଯଦି ତୈଳୀୟ ତ୍ୱଚା ହୋଇଥାଏ ତେବେ ସପ୍ତାହକୁ ଦୁଇଥର ବ୍ୟବହାର କରିପାରନ୍ତି। ଶୁଷ୍କ ତ୍ୱଚା ହୋଇଥିଲେ ଫେସ୍ ପ୍ୟାକ୍ ଲଗାଇବା ପରେ ଏକ ଭଲ ମଏଶ୍ଚରାଇଜର ଲଗାଇବାକୁ ଭୁଲିବେନି।

ନିଜ ଡିଟକ୍ସିଫାଇଂ ଏବଂ କ୍ଲିନ୍‌ଜିଂ ଗୁଣ ଯୋଗୁ ଚାର୍‌କୋଲଯୁକ୍ତ ପ୍ରଡକ୍ଟ ବ୍ରଣରୁ ବି ମୁହଁକୁ ରକ୍ଷା କରିବ। ତ୍ୱଚା ସଫା କରିବା ସହିତ ଏହା ତ୍ୱଚାର ରନ୍ଧ୍ରକୁ ମଧ ସଫା କରି ପୂରାଦିନ ଚମକ ଦେଇଥାଏ।

# ସକାଳ ଜଳଖିଆ ଖାଉନାହାନ୍ତି କି ?



ସକାଳ ଜଳଖିଆ ନଖାଉଥିବା କିମ୍ବା ଖରାବେଳ ପର୍ଯ୍ୟନ୍ତ ଉପାସ ରହୁଥିବା ଟାଇପ୍-୨ ଡାଇବେଟିସ୍ ପୀଡ଼ିତ ଲୋକଙ୍କ ରକ୍ତ ଶର୍କରାରେ ପରିବର୍ତ୍ତନ ହେଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ସକାଳ ଜଳଖିଆ ଖାଇନଥିବା ୨୨ ଜଣ ଟାଇପ୍- ୨ ଡାଇବେଟିସ୍ ରୋଗୀଙ୍କଠାରେ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନ ପରେ ରକ୍ତ ଶର୍କରାରେ ଶର୍କରା ସାମାନ୍ୟଠାରୁ ଅଧିକତର ଜଣାପଡ଼ିଲା। ଜଳଖିଆ ନଖାଇବା ଦ୍ୱାରା ଶରୀରରେ ଗ୍ଲୁକୋଜ୍ ପ୍ରକ୍ରିୟାକରଣ ଏବଂ ରକ୍ତ ଶର୍କରା ଶକ୍ତିରେ ପରିବର୍ତ୍ତନ ହ୍ରାସ ପାଇଥିଲା। ସକାଳ ଜଳଖିଆ ଛାଡ଼ିବା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ ବୋଲି ଗବେଷକମାନେ ଜାଣିଥିଲେ। କିନ୍ତୁ ଏଥିପାଇଁ ଗ୍ଲୁକୋଜ୍ ମେଟୋବୋଲିଜମ୍‌ର ସାମ୍ନା କରିବାକୁ ପଡ଼େ ଜାଣି ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେଲ୍ ଅଭିଭ୍ ୟୁନିଭର୍ସିଟିର ମୁଖ୍ୟ ଲେଖକ ଡାନିଏଲା ଜାକୁବୋଇକ୍ କହନ୍ତି, ଏହାର ଅର୍ଥ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନରେ ଶ୍ୱେତସାର ଏବଂ ଶର୍କରା ପରିମାଣ କମାଇଦେଲେ ମଧ ସକାଳ ଜଳଖିଆ ନଖାଉଥିବା ରୋଗୀଙ୍କ ଗ୍ଲୁକୋଜ୍ ସ୍ତର ହ୍ରାସ କରିବାରେ ତା'ର କୌଣସି ପ୍ରଭାବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ବିଶ୍ୱ ସ୍ତରରେ ପ୍ରତି ୧୦ ଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଡାଇବେଟିସ୍ ପୀଡ଼ିତ। ତନ୍ମଧ୍ୟରୁ ଅଧିକାଂଶ ଲୋକ ଟାଇପ୍-୨ ଡାଇବେଟିସ୍ ପୀଡ଼ିତ। ଏହା ମେଦବୃଦ୍ଧି ଓ ବୟସ ବୃଦ୍ଧି ସହ ସମ୍ପୃକ୍ତ। ଶରୀର ପର୍ଯ୍ୟାପ୍ତ ହର୍ମୋନ୍ ଇନ୍‌ସୁଲିନ୍ ପ୍ରସ୍ତୁତ କରିନପାରିଲେ ଏହି ସମସ୍ୟା ହୋଇଥାଏ। ସକାଳ ଜଳଖିଆ ନ ଖାଇଲେ ଓଜନ ବୃଦ୍ଧି ଓ ମଧୁମେହ ସମସ୍ୟା ବଢ଼ିଥିବା ପୂର୍ବ ଅଧ୍ୟୟନରୁ ଜଣାପଡ଼ିଥିବା ଜାକୁବୋଇକ୍ ଓ ତାଙ୍କ ସହକର୍ମୀମାନେ ଡାଇବେଟିସ୍ କେୟାର ପତ୍ରିକାରେ ପ୍ରକାଶ କରିଚନ୍ତି। ହାରାହାରି ୫୭ ବର୍ଷ ବୟସର ୧୨ଜଣ ପୁରୁଷ ଓ ୧୦ ଜଣ ମହିଳାଙ୍କୁ ସଦ୍ୟ ଅଧ୍ୟୟନରେ ସାମିଲ କରାଯାଇଥିଲା।

# ୱାର୍କିଂ ମମ୍



ପିଲାଟିଏ କୋଳରେ ଥିଲେ ଖୁବ୍ ଖୁସି ଲାଗେ ସତ, ହେଲେ ଖୁବ୍ ଦାୟିତ୍ୱ ନିଭାଇବାକୁ ପଡ଼େ। ତେବେ ଦାୟିତ୍ୱ ଟିକେ ଅଧିକ ଭାରି ପଡ଼ିଯାଏ ୱାର୍କିଂ ମମଙ୍କ ନିକଟରେ। ଏପରିକି ପିଲାର ନିତିଦିନର ଖାଇବା, ଗାଧୋଇବା ଏବଂ ଅନ୍ୟ କିଛି କାମ ସରିଗଲେ କିଛିଗୋଟେ ବଡ଼ ଜିନିଷ ହାସଲ କରିବା ପରି ଲାଗେ। ନିଜ ପିଲା ଓ ଅଫିସର ଦାୟିତ୍ୱ ଏକ ସମୟରେ ସନ୍ତୁଳନ ରଖି ତୁଲାଇବା ଏତେ ସହଜ କଥା ନୁହେଁ। ତେବେ ଜାଣନ୍ତୁ କେମିତି ସନ୍ତୁଳନ ରଖିବେ ଏଥିରେ।

ରୁଟିନ୍ ଟାଇମ ମେଣ୍ଟେନ୍ କରନ୍ତୁ। ଜୀବନକୁ ସନ୍ତୁଳନ ରଖିବାରେ ସବୁଠାରୁ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଭାଇଥାଏ ଏହି ରୁଟିନ୍ ଟାଇମ୍। ସବୁବେଳେ ରୁଟିନ୍ ଅନୁଯାୟୀ କାମ ସାରିବାକୁ ଚେଷ୍ଟା କରନ୍ତୁ।

ସବୁ ଜିନିଷ ସଜାଡ଼ି ରଖନ୍ତୁ ଯାହାଦ୍ୱାରା ଦରକାର ସମୟରେ ଆପଣଙ୍କୁ ଏଣେତେଣେ ଖୋଜି ହଇରାଣ ହେବାକୁ ପଡ଼ିବନି। ପାର୍ଟନରଙ୍କ ଠାରୁ ସହଯୋଗ ନିଅନ୍ତୁ। ପାର୍ଟନର ଯଦି ସହଯୋଗ କରିବେ ତେବେ ଆପଣଙ୍କ କାମ ଖୁବ୍ ସହଜ ହୋଇଯିବ। ଶିଶୁର ସ୍ୱାସ୍ଥ୍ୟକୁ ଆଦୌ ଅବହେଳା କରନ୍ତୁନି। ଏହାଦ୍ୱାରା ଆପଣଙ୍କୁ ହିଁ ପରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଯଥାର୍ଥ ନାମ...

ଗତ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ଏବଂ ଚରଣ ସିଂହ ତଥା କୃଷି ବୈଜ୍ଞାନିକ ଏମ୍‌ଏସ୍ ସ୍ୱାମୀନାଥନ୍‌ଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପ୍ରଦାନ କରିବା ନିମନ୍ତେ ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ସମଗ୍ର ଦେଶର କ୍ୱଚିତ୍ କେହି ଦ୍ୱିମତ ହେବେ ଯେ ଏହି ତିନିଜଣ ରତ୍ନଗର୍ଭା ଭାରତର ନାମକୁ ସାର୍ଥକ କରି ନାହାନ୍ତି । ସ୍ୱାଧୀନ ଭାରତରେ ବହୁଭାଷୀ, ବିଦ୍ୱାନ୍, ଲେଖକ, ସ୍ୱାଧୀନତା ସଂଗ୍ରାମୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ପାମୁଲାପର୍ତ୍ତି ଭେଙ୍କଟ ନରସିଂହ ରାଓଙ୍କ ଭଳି ଏତେ ବହୁଗୁଣସମ୍ପନ୍ନ କଦାଚିତ୍ କୌଣସି ବ୍ୟକ୍ତି ଅଛନ୍ତି। ବୁଧବାର ଦିନ ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯିବା ପରେ ଯଥାର୍ଥରେ ତାଙ୍କୁ ଜଣେ 'ଅନ୍ତରଙ୍ଗ' ଭାବରେ ଚିହ୍ନିତ କରାଯାଇ ପାରିଛି । ସେହିପରି ଏହି ସରକାରଙ୍କର ଅନ୍ୟ ଏକ ପ୍ରଶଂସନୀୟ କାର୍ଯ୍ୟ ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅନ୍ୟ ଜଣେ ମହାନ ଚାଷୀ ନେତା ଚୌଧୁରୀ ଚରଣ ସିଂହଙ୍କ ନାମକୁ ଭାରତ ରତ୍ନ ଉପାଧି ପ୍ରଦାନ ନିମନ୍ତେ ଘୋଷଣା କରିବା। ସେ ମଧ୍ୟ କୃଷକମାନଙ୍କ ରାଜନୀତିକ ଶକ୍ତିକୁ ଉନ୍ମୋଚିତ କରି ଏକ କୃଷକ ଆନ୍ଦୋଳନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ଯାହା ଆଜିକା ଦିନରେ ମଧ୍ୟ ଭାରତୀୟ ରାଜନୀତିରେ ପ୍ରତିଧ୍ୱନିତ ହେଉଛି । ଶୁକ୍ରବାର ଦିନ ଭାରତ ରତ୍ନ ପ୍ରଦାନ ନିମନ୍ତେ ଘୋଷଣା କରାଯାଇଥିବା ଅନ୍ୟ ଏକ ନାମ ହେଉଛି ବିଖ୍ୟାତ ବିଜ୍ଞାନୀ ତଥା ଭାରତର ଯଶ ଅର୍ଜନକାରୀ ସବୁଜ ବିପ୍ଳବର ଜନକ ଭାବରେ ଖ୍ୟାତ ଏମଏସ୍ ସ୍ୱାମୀନାଥନ୍। ଆଜି ଯଦି ଭାରତୀୟମାନେ ନିଜର ଖାଲି ଥାଳି ଧରି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଅନ୍ନ ମୁଠାଏ ନିମନ୍ତେ ଠିଆ ନହୋଇ ନିଜ ମାଟିରେ ଫସଲ ଫଳାଇ ଆପଣା ବଳରେ ଥାଳିରେ ଅନ୍ନ ପାଉଛନ୍ତି, ତା'ହେଲେ ତା'ର ଶ୍ରେୟ କେବଳ ସ୍ୱାମୀନାଥନଙ୍କର। ଏହିସବୁ ପୁରସ୍କାର ବା ଉପାଧି ପ୍ରଦାନ ପଛରେ ରାଜନୀତିକ ଉଦ୍ଦେଶ୍ୟ ଯାହା ବି ଥାଉ ନା କାହିଁକି, ଏକଥା କିନ୍ତୁ ଅଲଘଂନୀୟ ସତ୍ୟ ଯେ ରାଓଙ୍କ ପ୍ରଭୂତ ଅବଦାନର କ୍ୱଚିତ୍ କୌଣସି ପ୍ରକାରର ମୂଲ୍ୟାୟନ କରାଯାଇ ପାରିବ। ଅଯୋଧ୍ୟାରେ ବାବ୍ରି ମସଜିଦ୍‌ର ଧ୍ୱଂସ ପଛରେ ତାଙ୍କର ପ୍ରତ୍ୟକ୍ଷ ଭୂମିକା ରହିଥିବା ଅଭିଯୋଗର ରେକର୍ଡ ଭଳି ପର ପିଢ଼ିଙ୍କ ପାଇଁ ଅନ୍ୟ କୌଣସି ବିବଦମାନ ସ୍ଥିତିରେ ସମ୍ପୃକ୍ତ ନଥିବାକୁ ବାଦ୍ ଦେଲେ ରାଓ ଥିଲେ ରାଜନେତାମାନଙ୍କର ଏମିତି ଏକ ଦୁର୍ଲଭ ଗୋଷ୍ଠୀର ସଦସ୍ୟ, ଯିଏକି ଉଭୟ ଦର୍ଶନ ଏବଂ ସାଧାରଣ ଜନତାଙ୍କୁ ଅନୁପ୍ରେରିତ କରିବାରେ ନିଜକୁ ନିୟୋଜିତ କରିଥିଲେ। ଜମିଦାରମାନଙ୍କ ପକ୍ଷରୁ ତୀବ୍ର ପ୍ରତିବାଦର ସମ୍ଭାବନା ଥିବା ସତ୍ତ୍ୱେ ବିନୋବା ଭାବେଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱେଚ୍ଛାକୃତ ଭୂମି ଆବଣ୍ଟନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକୀକରଣ କରିବା ନିମନ୍ତେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ସେ ଆନ୍ଧ୍ରପ୍ରଦେଶ ଭୂ-ସଂସ୍କାର ଆଇନର ପ୍ରଚଳନ କରିଥିଲେ । ତାଙ୍କର ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଗରିବ ଭୂମିହୀନ ପରିବାରଙ୍କୁ ଉପକୃତ କରିଥିଲା, କାରଣ ଏହା ସେମାନଙ୍କୁ ସ୍ୱଳ୍ପ ହେଉ ପଛେ ନିଜ ଜମିରୁ ଆୟ କରି ଗୁଜୁରାଣ ମେଣ୍ଟାଇବାର ସୁରକ୍ଷା ପ୍ରଦାନ କରିଥିଲା । ଯଦିଓ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳକୁ ଜୟ ଆନ୍ଧ୍ର ଆନ୍ଦୋଳନ ଦ୍ୱାରା କଂଗ୍ରେସର ନେତୃବୃନ୍ଦ ତାଙ୍କୁ ଜାତୀୟ ସ୍ତରରେ ନେତୃତ୍ୱ ନେବା ପାଇଁ ଡକାଇବା ପରେ ସଂକ୍ଷିପ୍ତ କରାଯାଇଥିଲା, ପରବର୍ତ୍ତୀ ସମୟରେ ଏହା ତାଙ୍କୁ ଆଧୁନିକ ଭାରତର ସ୍ଥପତି ଭାବରେ ଖ୍ୟାତି ଅର୍ଜନ କରିବାର ସୁଯୋଗ ପ୍ରଦାନ କରିଥିଲା। ନରସିଂହ ରାଓ ସବୁଠାରୁ କଦର୍ଯ୍ୟ ଭରାଜନୀତିକ ଦୃଶ୍ୟପଟରେ ଦେଶର ନେତୃତ୍ୱ ନେବାକୁ ନିର୍ବାଚିତ ହୋଇଥିଲେ। ସୋଭିଏତ୍ ରାଷ୍ଟ୍ରସଂଘ ଭୁଶୁଡ଼ି ପଡ଼ିବା ପରେ ଭାରତକୁ ନିଜ ଗୋଡ଼ରେ ଛିଡ଼ା ହେବାକୁ ପଡ଼ିଥିଲା । ଏଭଳି ଏକ ପରିସ୍ଥିତିରେ ସେ ଉଦାରୀକରଣ ଜରିଆରେ ଅର୍ଥନୀତିକୁ ଦୃଢ଼ ଶକ୍ତି ପ୍ରଦାନ କରିବା ନିମନ୍ତେ ମନମୋହନ ସିଂହଙ୍କୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ଏହି ପଦକ୍ଷେପ ଭାରତର ସମୃଦ୍ଧିର କାରଣ ପାଲଟି ଯାଇଥିଲା । ନିଜ ହାତରେ ବିଦେଶ ବ୍ୟାପାର ମନ୍ତ୍ରଣାଳୟକୁ ରଖି ସେ ଏକ ନୂଆ ବିଦେଶ ନୀତିର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଯାହା ଥିଲା ବହୁପକ୍ଷୀୟ ମେଣ୍ଟ ଉପରେ ଆଧାରିତ, ଯେଉଁଥରେ ପ୍ରାଚ୍ୟ ଆଡ଼କୁ ଚାହିଁବାର ନୀତି, ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହିତ ଆଲୋଚନା ଏବଂ ଇସ୍ରାଏଲ ସହିତ ସମ୍ପର୍କକୁ ସ୍ୱାଭାବିକ କରିବାର ନୀତିଗୁଡ଼ିକ ସାମିଲ ଥିଲା । ଜବାହାରଲାଲ ନେହରୁଙ୍କ ବ୍ୟତୀତ ଭାରତରେ ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଦେଶର ଭବିଷ୍ୟତର ଗତିକୁ ନିର୍ଦ୍ଧାରଣ କରିବାର ସୁଯୋଗ ପାଇ ନଥିଲେ, ଯେପରି ସେ ପାଇଥିଲେ । ଏଭଳି ଏକ ଭାବମୂର୍ତ୍ତିସମ୍ପନ୍ନ ରାଷ୍ଟ୍ରନେତାଙ୍କୁ ଭାରତ ରତ୍ନ ପ୍ରଦାନ କରି ନରେନ୍ଦ୍ର ମୋଦୀଙ୍କ ସରକାର ନିଜକୁ ଗୌରବାନ୍ୱିତ କରିଛନ୍ତି କହିଲେ ଅତୁକ୍ତି ହେବନାହିଁ ।

# ମା' ସରସ୍ୱତୀଙ୍କ ଜନ୍ମଦିନ 'ବସନ୍ତ ପଞ୍ଚମୀ'

## ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର



ଭାରତର ସଂସ୍କୃତି ଅତି ପ୍ରାଚୀନ । ଭାରତୀୟ ପରମ୍ପରାରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ସେଥି ମଧ୍ୟରୁ 'ସରସ୍ୱତୀ ପୂଜା' ଅନ୍ୟତମ । ଏହା 'ଶ୍ରୀପଞ୍ଚମୀ' ବା 'ବସନ୍ତ ପଞ୍ଚମୀ' ଭାବରେ ବି ଖ୍ୟାତ । ଏହି ପର୍ବଟି ଗାଁ, ସହର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅତି ଆଦରରେ, ଆଗ୍ରହରେ ଓ ଆନ୍ତରିକତାରେ ସହ ପାଳନ କରାଯାଏ । ମାତା ସରସ୍ୱତୀ ନିର୍ମଳ ଜ୍ଞାନ ଓ ବିଦ୍ୟାଦାତ୍ରୀ ରୂପେ ପରିଚିତ । ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀଗଣ, ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ଚିତ୍ତରେ ବୀଣାପାଣିଙ୍କୁ ପୂଜାର୍ଚ୍ଚନା କରନ୍ତି । ପୂର୍ବକାଳରେ ମାଟିବଂଶ ଅବଧାନମାନେ ଏହି ମଙ୍ଗଳ ମୁହୂର୍ତ୍ତରେ ଶିଶୁମାନଙ୍କର ବିଦ୍ୟାରମ୍ଭ କରୁଥିଲେ । ଖଡ଼ିକୁ ମୁଣ୍ଡରେ ଛୁଆଁଇ ସିଲଟ୍‌ରେ ବା ମାଟିରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କ ଉଦ୍ଦେଶ୍ୟରେ ତିନିଗୋଟି ମୁଣ୍ଡୁଳି କାଟୁଥିଲେ । ଏହା 'ଖଡ଼ିଛୁଆଁ' ନାମରେ ଖ୍ୟାତ ।

ମା' ସରସ୍ୱତୀ ହେଉଛନ୍ତି ବାକ୍ ବା ଶବ୍ଦର ଅଧିଷ୍ଠାତ୍ରୀ ଦେବୀ । ଏଥିପାଇଁ ତାଙ୍କୁ 'ବାକ୍‌ଦେବୀ' ମଧ୍ୟ କୁହାଯାଏ । 'ବାକ୍‌ଦେବୀ'ଙ୍କୁ ତିନି ପ୍ରକାର ରୂପରେ ପ୍ରକାଶ କରାଯାଇଛି । ଯଥା:- 'ମାତୃ ଶ୍ରେଷ୍ଠା', ଦେବୀ ଶ୍ରେଷ୍ଠା ଓ ନଦୀଶ୍ରେଷ୍ଠ । ସରସ୍ୱତୀ- ସରସ+ବତୀ। ସରସ ଶବ୍ଦର ଅର୍ଥ ହେଉଛି ଆଲୋକମୟୀ, ବା ଜ୍ୟୋତିର୍ମୟ, ପ୍ରକାଶମୟୀ । ଜଗତକୁ ସେ ଆଲୋକ, ପ୍ରକାଶ ଓ ପୂର୍ଣ୍ଣତା ପ୍ରଦାନ କରନ୍ତି । ଜ୍ଞାନ ହିଁ ଅଜ୍ଞାନକୁ ଦୂରକରେ । ଏହି ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ ହିଁ 'ସରସ୍ୱତୀ' ।

ମା'ଙ୍କର ବାହନ ହଂସ । ହିନ୍ଦୁ ପୌରାଣିକ ସିଦ୍ଧାନ୍ତ ମତେ- 'ହଂସ ଏକ ପବିତ୍ର ପକ୍ଷୀ । ତାର ଗତିବିଧି ବି ବେଶ୍ ଧୀରସ୍ଥିର । କ୍ଷୀର ଓ ନୀରକୁ ଏକାଠି ରଖିଲେ ମଧ୍ୟ ହଂସ କେବଳ କ୍ଷୀରକୁ ହିଁ ଶୋଷଣ କରେ । ଯେମିତି କି ସଂସାର 'ସାର' ଓ 'ଅସାର'ର ମିଶ୍ରଣ, ତେଣୁ ହଂସ ପରି ସଂସାରରୁ ସାରଟିକୁ ଗ୍ରହଣ କରି ଅସାରକୁ ପରିତ୍ୟାଗ କରିବା ଶିକ୍ଷାର ପ୍ରତୀକ ସାଜିଥାଏ ଏହି ହଂସ ।

ମା' ସରସ୍ୱତୀ ହାତରେ ଥାଏ 'ବୀଣା' । ବୀଣାରେ ନିତ୍ୟ ଗୁଞ୍ଜରିତ ହୁଏ ଓଁକାର ଧ୍ୱନି/ ବେଦ, ବେଦାନ୍ତ, ବେଦାଙ୍ଗ ପୁରାଣ, କାବ୍ୟ ଓ ସଙ୍ଗୀତରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଧ୍ୱନିତ ହୁଏ ସେହି ପ୍ରଣବ ଧ୍ୱନି । ଜୀବନରେ ଯେତେବେଳେ ସୁରର ଅସ୍ୱର ଘଟେ ସେତେବେଳେ ଜୀବନରେ ସୃଷ୍ଟି ହୁଏ ଅଶାନ୍ତି ଓ ବିଶୃଙ୍ଖଳା ।

'ପୁସ୍ତକ ଶୋଭାପାଏ ମା'ଙ୍କ ହସ୍ତରେ । ଏହା ସାଧାରଣ ପୁସ୍ତକ ନୁହେଁ । ତାହା ହେଉଛି 'ଚତୁର୍ବେଦ' ଓ 'ଶ୍ରୁତି' । ବିଦ୍ୟାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛଇ । ଯଥା- ପରା ଓ ଅପରା । ବ୍ରହ୍ମ ବିଦ୍ୟା ହେଲା 'ପରାବିଦ୍ୟା' ଓ ଅନ୍ୟାନ୍ୟ ସବୁ 'ଅପରା ବିଦ୍ୟା' । ତେବେ ଯେ କୌଣସି ଜ୍ଞାନକୁ ଆୟତ କରିବାକୁ ହେଲେଆମକୁ ମା' ସରସ୍ୱତୀଙ୍କୁ ଆରାଧନା ଓ ଉପାସନା କରିବାକୁ ହେବ । ତାଙ୍କର ଅପାର କୃପାରୁ ମହାମୂର୍ଖ 'କାଳିଦାସ' ମହାପଣ୍ଡିତ କବି କୁଳଗୁରୁ କାଳିଦାସ ହୋଇ ପାରିଛନ୍ତି । ଅନେକ ପୁରାଣ ଶାସ୍ତ୍ରରେ ବି ବର୍ଣ୍ଣନା ଅଛି ସରସ୍ୱତୀଙ୍କୁ ଆରାଧନା କରି ମହର୍ଷି ବାଲ୍ମୀକି, ବ୍ୟାସଦେବ, ବଶିଷ୍ଠ, ବିଶ୍ୱାମିତ୍ର ଓ ଶୌନକ ଆଦି ମୁନିଗଣ ତାଙ୍କର ଆଶୀର୍ବାଦ ଲାଭ କରି କୃତାର୍ଥ ହୋଇଛନ୍ତି । ସରସ୍ୱତୀଙ୍କର ଅପାର କରୁଣା ଲାଭ କରି କବିସୂର୍ଯ୍ୟ ବଳଦେବ ରଥ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ସାରଳା ଦାସ ଯଶସ୍ୱୀ ହୋଇ ପାରିଛନ୍ତି ।

ଦେବୀ ସରସ୍ୱତୀ 'ଶ୍ରୀ' ନାମରେ ବି ପରିଚିତା । ସେଥିପାଇଁ ତାଙ୍କର ପୂଜା ଦିନକୁ 'ଶ୍ରୀ ପଞ୍ଚମୀ' ମଧ୍ୟ କୁହାଯାଏ । ପ୍ରାଚୀନ କାଳରେ ବସନ୍ତ ଋତୁରୁ ହିଁ ବର୍ଷାରମ୍ଭ ହୋଇଥିଲା ଏବଂ ଏହାକୁ 'ବସନ୍ତ ସମ୍ପାତ' ମଧ୍ୟ କୁହାଯାଉଥିଲା । ଅର୍ଥାତ୍ ଋତୁରାଜ ବସନ୍ତର ଆଗମନକୁ ସ୍ୱାଗତ ଜଣାଇ ନିଜ ଶକ୍ତର ଉଦ୍ଭବ ବାଗ୍‌ଦେବୀଙ୍କୁ ଆରାଧନା କରାଯାଏ । ମାତ୍ର ପୁରାଣ କହେ ସରସ୍ୱତୀ ବ୍ରହ୍ମାଙ୍କର 'ମାନସ କନ୍ୟା' । ସେ ଜ୍ଞାନ, ବିଜ୍ଞାନ, କଳା ଓ ସଂଗୀତର ଅଧିକାରିଣୀ ଦେବୀ, ପୁଣି ସେ ବାଣୀ, ଶକ୍ତି ବିନାଶ ଓ ବୈଭବ ଏହି ଚାରି ଶକ୍ତିକୁ ବି ନିୟନ୍ତ୍ରଣ କରିଥାନ୍ତି । ଶ୍ରୀକୃଷ୍ଣ ପ୍ରଥମେ ମା' ସରସ୍ୱତୀଙ୍କୁ 'ଶ୍ରୀ ପଞ୍ଚମୀ' ଦିନ ପ୍ରଥମେ ପୂଜା କରିଥିଲେ । ତେଣୁ ସେଦିନ ତାଙ୍କ ଜନ୍ମଦିନ । ପରେ ବ୍ରହ୍ମା ପୂଜାକହେ । କାଳକ୍ରମେ ତାହାଙ୍କୁ ମୁନିଋଷି ମାନେ ପୂଜା କଲେ ଓ ପରେରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ପୁରୀର ଦେବ, ମାନବ ଓ କିନ୍ନରମାନେ ପୂଜାରାଧନା କଲେ । ବ୍ରହ୍ମା ମଧ୍ୟ ସରସ୍ୱତୀଙ୍କ କୃପାରୁ ସୃଷ୍ଟିର ଆଦିମ ଶାସ୍ତ୍ର 'ବେଦ'କୁ ସୃଷ୍ଟି କରିଛନ୍ତି । ମୁନିଋଷିମାନେ ସିଦ୍ଧିଲାଭ ନିମନ୍ତେ ଭଗବତୀ ସରସ୍ୱତୀଙ୍କୁ ପୁନଃ ପୁନଃ ସ୍ମରଣ ପୂର୍ବକ ସ୍ତୁତି ଗାନ କରି ସିଦ୍ଧିଲାଭ କରିଛନ୍ତି। ମା' ସରସ୍ୱତୀ ଅଶେଷ ମହିମାର ଅଧିକାରିଣୀ । ସେ ସର୍ବବ୍ୟାପୀ, ସୃଷ୍ଟି ସ୍ଥିତି ଓ ବିଲୟର ମୂଳ କାରଣ ।

ଶାକ୍ତ ସାହିତ୍ୟରେ ମା' ବାଗ୍‌ଦେବୀଙ୍କୁ ଅସଂଖ୍ୟ ତନ୍ତ୍ର ସାଧକ ଆରାଧନା କରି ବହୁ ଦୈବୀ ଶକ୍ତିର ଅଧିକାରୀ ହୋଇଛନ୍ତି । ଏପରିକି ଜୈନ ବୌଦ୍ଧ ତନ୍ତ୍ରରେ ସରସ୍ୱତୀଙ୍କୁ ସତ୍ ପ୍ରେରଣାଦାତ୍ରୀ ରୂପେ ବିବେଚନା କରାଯାଏ । ଗୁପ୍ତ ଯୁଗରେ ସରସ୍ୱତୀଙ୍କୁ ନେଇ ଅନେକ ପୁରାଣ ରଚିତ ହୋଇଛି । ଆଜି ସରସ୍ୱତୀ ପୂଜା ବ୍ୟକ୍ତିଗତ, ପାରିବାରିକ ତଥା ସାମାଜିକ ମହୋତ୍ସବର ମାନ୍ୟତା ଲାଭ କରିଛି । ଭାରତ ବାହାରେ ଚୀନ୍, ଜାପାନ, ତିବ୍ବତରେ ସରସ୍ୱତୀ 'ବୌଦ୍ଧ ଦେବୀ' ଭାବରେ ବେଶ୍ ଜନାଦୃତ ।

ଅତୀତରେ ବ୍ରାହ୍ମଣମାନେ ତାମ୍ର ପାତ୍ରରେ ନଡ଼ିଆ ଓ ଗୁଆକୁ ସରସ୍ୱତୀ କରି ପୂଜା କରୁଥିଲେ । ପରେ ଚାରୁକଳା ଓ ମୃଣ୍ମୟ ଗଢ଼ର ବିକାଶ ଯୋଗୁଁ ଘରେ,



ବିଦ୍ୟାଳୟରେ, ମହାବିଦ୍ୟାଳୟ, ସଂଘ ଓ ଆଖଡ଼ାଘର ଆଦିରେ ମୂର୍ତ୍ତି ପୂଜା କରାଯାଉଛି । ସାମବେଦରେ ସେ କାବ୍ୟ ଓ ସ୍ୱରର ଅଧିଷ୍ଠାତ୍ରୀ ଦେବୀ ରୂପେ ବର୍ଣ୍ଣନା କରାଯାଇଛି । ବେଦ ବର୍ଣ୍ଣିତ ପରମାତ୍ମା ଏକ, ଅଭିନ୍ନ, ସର୍ବବ୍ୟାପୀ ଓ ସର୍ବାନ୍ତର୍ଯ୍ୟାମୀ । ପ୍ରକୃତରେ ତାହା 'ଓଁ' । ସେ ମାତା ଓ ପିତା । ମାତା ଅର୍ଥାତ୍ ମାପିଚୁପି ସେ ଆମର ସକଳ ଅଭାବ ପୂରଣ କରନ୍ତି। ପିତା ଅର୍ଥାତ ପାଳନ କର୍ତ୍ତା ବା ପାଳନ । ବେଦରେ ଅଧ୍ୟୟନ, ଅଧ୍ୟାପନା, ପ୍ରବଚନ ଆଦି ସରସ୍ୱତୀ ଉପାସନା । ବିଦ୍ୟାର୍ଥୀଙ୍କ ନମ୍ରତା, ସରଳତା, ପବିତ୍ରତା ଆଚରଣର ଶୁଦ୍ଧତା ତଥା ଆହରଣ ପାଇଁ ପ୍ରେରଣା ଦେବାକୁ ସରସ୍ୱତୀ ପୂଜାର ସୃଷ୍ଟି ବା ମହାତ୍ମ୍ୟ ବି କୁହାଯାଇ ପାରେ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ହୋମ, ପୂଜାରେ ଶଙ୍ଖ, ଘଣ୍ଟି, ଘଣ୍ଟାର ଧ୍ୱନି, ପଞ୍ଚାମୃତ ସେବନ ଓ ଦଗ୍ଧୀଭୂତ ଘୃତର ବାଷ୍ପ ଶରୀର ତଥା ପରିବେଶ ପାଇଁ ବେଶ୍ ହୀତକର । ଚରକଙ୍କ ପ୍ରଦତ୍ତ ଚିକିତ୍ସା ବିଜ୍ଞାନରେ ଅଗ୍ନିସେବନ ଏକ ମହୋଷଧୀ ରୂପେ ବର୍ଣ୍ଣିତ । ପୁନଶ୍ଚ ବସନ୍ତ ଋତୁରେ ଏହା ଏକାନ୍ତ ଅନାବଶ୍ୟକ । ଏଣୁ କ୍ରିୟା ବସନ୍ତ ପଞ୍ଚମୀ ଠାରୁ ଆରମ୍ଭ ହୋଇ, ମାଦୀ ପୂର୍ଣ୍ଣିମାର 'ଅଗ୍ନିହୋତ୍ସବ' ତଥା ଦୋଳ ପୂର୍ଣ୍ଣିମାର 'ଫଗୁଖେଳ' ଶେଷ ହୁଏ । ଶରୀରର ହିତ ସାଧନ ସହ ପରିବେଶ ସୁରକ୍ଷାରେ ବି ସହାୟକ ହୋଇଥାଏ ।

ଗତି ହିଁ ଉନ୍ନତିର ପରିଚାୟକ । ବିଦ୍ୟାର୍ଥୀ ଗଣ ହେଉଛନ୍ତି ଉନ୍ନତିର ପରିବାହକ । ଅନ୍ୟକଥାରେ କହିଲେ- ବିଦ୍ୟା ଏକ ସାଧନା ଓ ବିଦ୍ୟାର୍ଥୀମାନେ ହେଉଛନ୍ତି ସାଧକ । ମନରେ ନିଷ୍ଠା ଅଭିନିବେଶ ଓ ଅଧ୍ୟବସାୟ ନ ରହିଲେ ବିଦ୍ୟାଲାଭ ଅସମ୍ଭବ। ତେଣରୁ ବିଦ୍ୟାର୍ଥୀମାନଙ୍କ ପ୍ରାଣରେ ଆଧ୍ୟାତ୍ମିକତାକୁ ଉଦ୍‌ବୁଦ୍ଧ କରି ନୈତିକତାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବିଦ୍ୟାଶିକ୍ଷାରେ ବ୍ରତୀ ହେବା ପାଇଁ ଶ୍ରୀପଞ୍ଚମୀ ଏକ ମହାନ ପର୍ବ। ପର୍ବପର୍ବାଣୀର ସୃଷ୍ଟି ଶରୀର ସୁସ୍ଥତା ଓ ମନର ଶୁଦ୍ଧତା ଓ ପବିତ୍ରତା ତଥା ସାମାଜିକ ଏକତା ଓ ଭାତୃଭାବ ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ମାତ୍ର ଆଜି ଏବେ ଭକ୍ତି ଭାବନା ଓ ସାତ୍ତ୍ୱିକ ଚିନ୍ତାଠାରୁ ଦୂରେଇ ଯାଉଛୁ । ଏହା ଆମର ସାମାଜିକ ଅବକ୍ଷୟ ଓ ଅପସଂସ୍କୃତିକୁ ଆପଣେଇବାର ମାନସିକତା ହୋଇଗଲାଣି । ଆମେ ଆମର ଐତିହ୍ୟ ଓ ପରମ୍ପରା ପ୍ରତି ଅନ୍ଧ ହୋଇଯାଇଛୁ । ଏବେ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାଣରେ ସେହି ଆଧ୍ୟାତ୍ମିକ ଚେତନା ପୁନଃ ଜାଗରଣ ଏକାନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ ଆମେ ଆମର ଅଜ୍ଞାନ ଅନ୍ଧକାରକୁ ଦୂରେଇ ଦେବା ଓ ସଦ୍‌ଜ୍ଞାନ ପ୍ରାପ୍ତି ସହ ସୃଜନାତ୍ମକ ପ୍ରତିଭାର ବିକାଶ ପାଇଁ ସେହି ପରମ କଲ୍ୟାଣମୟୀ ଭଗବତୀ ସରସ୍ୱତୀଙ୍କୁ ବିନମ୍ର ପ୍ରାର୍ଥନା କରିବା ହିଁ ସଠିକ୍ ହେବ !

'ପ୍ରଜ୍ଞାନୀଡ଼'
(ବସନ୍ତ ବିହାର) ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ:୮୮୯୫୯୮୮୮୮୪

# ଭଗବତୀ ଭାରତୀ ଦେବୀ ନମସ୍ତେ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା'ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ ? ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ଭ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି। ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ। ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ - ଅର୍ଥ ଗତି ବା ଚାଲିବା। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ତେଣୁ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ମା'ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ - ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ଆବେଗପୂର୍ଣ୍ଣ ଭାବରେ ଶ୍ରୀ ଶ୍ରୀ ଠାକୁର କହିଲେ - ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପୁଣି କହିଲେ - ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ - ମା'ଙ୍କର କୋଳରେ ପୂଜାପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି।

ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି।

ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। ଏଥିପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମରେ ମା'ସରସ୍ୱତୀଙ୍କର ପୂଜା ସାଡ଼ମ୍ବରେ କରୁଥିଲେ। ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ପୁଷ୍ପାଞ୍ଜଳି ଦେଉଥିଲେ ଓ ପ୍ରଣାମୀ ସହ ପ୍ରଣାମ ନିବେଦନ କରୁଥିଲେ। ପୁଷ୍ପାଞ୍ଜଳି ଦେଇ ଭକ୍ତି ସହକାରେ ମା'ସରସ୍ୱତୀଙ୍କୁ ପ୍ରଣାମ ନକଲା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଆହାର ଗ୍ରହଣ କରୁନଥିଲେ। ସମସ୍ତ ଭାବାର୍ଥ ସହ ଶ୍ରୀ ଶ୍ରୀ ଠାକୁର ବାଣୀ ଦେଲେ - 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ' ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ: ୯୪୩୭୦୫୧୯୫୭

# କବିତା କୋଣାର୍କ

## ବିଦ୍ୟାଦାତ୍ରୀ ମା' ବୀଣାପାଣି

### ସୁଶାନ୍ତ କୁମାର ମହାରଣା

ମା ଗୋ ବୀଣାପାଣି ଜଗତ ଜନନୀ
ଜୟ ବିଦ୍ୟା ପ୍ରଦାୟିନୀ
ତୋର କୃପା ହେଲେ ଏ ଜଗତେ ପୁଣି
ମୂରୁଖ ହୁଅନ୍ତି ଜ୍ଞାନୀ ।
ଜୟ ସରସ୍ୱତୀ ବ୍ରହ୍ମାଙ୍କ ନନ୍ଦିନୀ
ଘେନ ବାରେ ମୋ ପ୍ରଣତି
ତୋ ଆଶିଷ ପାଇଁ ଅଧମ ସୁଶାନ୍ତ
ତୋ ପଦେ ବଳାଏ ମତି ।
ନିର୍ବେଦ ରୁ ବେଦ କଲେ ପଦ୍ମଯୋନି
ବେଦରୁ ଜାତ ଭାରତୀ
ଏ ବିଶ୍ୱବ୍ରହ୍ମାଣ୍ଡେ ଖ୍ୟାତ ଯେ ହୋଇଲା
ତୋର ନାମ ସରସ୍ୱତୀ ।
ତୋ ଆଶିଷ ବଳେ ହେବି ଜଗଜ୍ଜିତା
ଆହେ ମାତା ବାକ୍ୟଦେବି
କିଞ୍ଚିତେ କରୁଣା
ହୋଇଲେ ମୋଠାରେ
ବିଦ୍ୟାସାଗର ଲଙ୍ଘିବି ।
ଝଙ୍କଡ଼ବାସିନୀ ମା ଗୋ ଶାରଳା
କୃପା କର ମୋର ଠାରେ
ନ ଆସିବା ପଦମାନ କହିଦେବୁ
କଣ୍ଠେ ବିଜେ କରି ବାରେ।
ତୋ ଆଶିଷ ବଳେ କାଳୀ ଦାସ ପୁଣି
ହୋଇଲେ ଯେ ମହା ଜ୍ଞାନୀ
ରଚି କେତେ କୃତି ଯଶସ୍ୱୀ ହୋଇଲେ
କୀର୍ତ୍ତି ରହିଛି ଅବନୀ ।
ବାୟକ ଚିନ୍ତିଲେ ବାଦ୍ୟେ ଅନର୍ଗଳା
ପାଇଣ ତୋର ଅଭୟ
ଗାୟକ ଚିନ୍ତି ସୁସ୍ୱରେ ଲଭେ ଗଳା
ସର୍ବତ୍ର ହୁଅଇ ଜୟ ।
ହେଉ ଜ୍ଞାନୀ ଅବା ହେଉ ଅବା ମାନି
ହେଉ ଅବା ମହାମୂର୍ଖ
ଚଉଦ ବ୍ରହ୍ମାଣ୍ଡ ତୋତେ ଯେ ପୂଜନ୍ତି
ପାଆନ୍ତି ସେ ମହା ସୁଖ।
ବେନି ପୟରରେ ଅଳତକ ଗାର
ଦିଶେ କେଡେ ମନଲୋଭା
ନବ ରତନରେ ଭୂଷିତ ଶ୍ରୀଅଙ୍ଗ
ଦିଦ୍ୟୁତ୍ ପ୍ରାୟ ତୋର ଆଭା ।
ଗଳେ ତୋର ଗଜ ମୁକୁତାର ହାର
ସ୍ଥିତ ଶ୍ୱେତପଦ୍ମ ପରେ
ବୀଣା ପୁସ୍ତକ ଯେ
ଶୋହେ ତୋର କର
ସ୍ଫଟିକ ହାର ହସ୍ତରେ ।
ଶୁଭ୍ର ପୁଷ୍ପରେ ତୁ ବିମଣ୍ଡିତା ସଦା
ଶୁଭ୍ର ବସ୍ତ୍ରେ ଅନୁରକ୍ତି
ତୁଷାରର ଭାତି ତୋର ଶୁଭ୍ର କାନ୍ତି
ମାଆ ଗୋ ବିଶ୍ୱ ଭାରତୀ ।
ବିଦ୍ୟାର୍ଥୀମାନଙ୍କ ଅଟୁ ଅଧିଷ୍ଠାତ୍ରୀ
ମାଗୋ ମରାଳ ବାହିନୀ
ହେ ବିଶ୍ୱ କଲ୍ୟାଣୀ ବିଷ୍ଣୁଙ୍କ ଘରଣୀ
ମା ଗୋ ଜଗତଜନନୀ ।
ମାଘ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ
ହୁଅଇ ତୋହର ପୂଜା
ହେଉ ଥାଏ ପ୍ରତି ବିଦ୍ୟାର ମନ୍ଦିରେ
କରି ନାନା ସାଜସଜ୍ଜା ।
ଘନଚାରୁକେଶି ମା ଗୋ ଚତୁର୍ଭୁଜା
ସୃଷ୍ଟି, ସ୍ଥିତି, ବିନାଶିନୀ
ଶୁମ୍ଭ , ନିଶୁମ୍ଭଙ୍କୁ ନାଶିଲୁ ମାଆ ଲୋ
ତୁହି ସତ୍ୟ ସନାତନୀ ।
ତୋ ମହିମା ଗାନ କରିବାକୁ ମା ଗୋ
ମୋଠାରେ ନାହିଁ ଶକତି
ଦିଅ ବିଦ୍ୟା ବୁଦ୍ଧି ଝଟଟେ ଭାରତୀ
ଘୁଞ୍ଚିଯାଉ ମୋ ଦୁର୍ଗତି।
ତୋ ପଦ୍ମ ପୟରେ ରହୁ ମନ ମୋର
ଭାଳେ ଅଧମ ସୁଶାନ୍ତ
ମୁଁ ମୂଢ଼ ଅଜ୍ଞାନ ନାହିଁ ଦିବ୍ୟ ଜ୍ଞାନ
ମୁହିଁ ତୋର କ୍ଷମା ପାତ୍ର ।
ହେ ବରଦାୟିନୀ ମା ଗୋ ଶାରଦା
ଘେନ ମୋର ନିବେଦନ
ଅଜ୍ଞାନ ତିମିର ନାଶକରି ମୋର
ନେତ୍ରେ ଦିଅ ଜ୍ଞାନାଞ୍ଜନ ।

ଝାଟିପଦର ,ପାଲୁରୁ (ଗଞ୍ଜାମ)
ମୋ: ୯୪୩୯୦୨୦୯୪୯



## ଶ୍ରୀପଞ୍ଚମୀ ଦିନ

### ଜୟନ୍ତ କୁମାର ମଲ୍ଲିକ୍



ଶ୍ରୀପଞ୍ଚମୀ ଦିନ ଧରାବତରଣ
କରିଥାନ୍ତି ବୀଣାପାଣି -
ତାଙ୍କ ଆଗମନେ ଅପୂର୍ବ ପୁଲକେ
ହସଇ ପ୍ରକୃତିରାଣୀ,
ବୀଣା ପୁସ୍ତକକୁ କରିଣ ଧାରଣ
ମରାଳ ପୃଷ୍ଠରେ ବସି -
ଶ୍ୱେତ ବସ୍ତ୍ରାବୃତ୍ତା ହୋଇ ବିଦ୍ୟାଦାତ୍ରୀ
ଆସିଥାନ୍ତି ହସି ହସି -
କଳା ସାହିତ୍ୟର ଅବାରିତ ଧାରା
ସେ ଯେ ସଂଗୀତର ପ୍ରାଣ -
ମୂରୁଖ ମାନଙ୍କୁ ଦେଇ ସଦବୁଦ୍ଧି
କରିଥାନ୍ତି ପରିତ୍ରାଣ,
ତାଙ୍କ ଦୟା ଲାଭ କରିବା ନିମନ୍ତେ
ଲୋଡ଼ା ଶୁଦ୍ଧପୁତ ମନ -
ବୃଥା ଆଡ଼ମ୍ବର ମିଛ ସାଜସଜା
ଅଟେ ଜାଣ ପ୍ରହସନ।

ଶୁରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ - ୯୪୩୭୮୬୫୭୨୭

## କେଉଁଠୁ ପାଇଲୁ ରଙ୍ଗରେ ଫଗୁଣ

### ନୀଳମଣି ଚାନ୍ଦ



କେଉଠୁଁ ପାଇଲୁ ରଙ୍ଗରେ ଫଗୁଣ
ତୋ ଦେହ ଚହଟେ ଭାରି
ତୋତେ ଦେଖି ପିକ ହୁଏ ବାବଦୂକ
ଗାଏ କୁହୁ ସୁର କରି।

କେଉଁଠୁ ପାଇଲୁ ଭଲ ପେନ୍ଥାରେ
ମହକୁଛି ସାରା ତୋଟା
ଦକ୍ଷିଣରୁ ଆସି ମଳୟ ମରୁତ
ମେଲିଦିଏ କେତେ ଛଟା।

କୁଆଡ଼େ ଗଲେରେ କୁହୁଡ଼ି,କାକର
କହରେ ଫଗୁଣ କହ
କଅଁଳ ଖରାଟା ବିଛେଇ ପଡ଼ିଛି
ପୋଇଁବୁ ଟିକିଏ ରହ।

କେଉଁଠୁ ପାଇଲୁ ଅଶୋକ ଫୁଲରେ
ପେନ୍ଥା ପେନ୍ଥା ପଡ଼େ ଝୁଲି
କଅଁଳ ପତରେ ପାଦପ ଶୋହୁଛି
ଶୀତକୁ ଗଲୁଣି ଭୁଲି।

ଆସିଲୁ ଫଗୁଣ ଖୁସିଟି ଦିଗୁଣ
ଭରିଦେଲୁ ସଭି ମନେ
ଇଏ ମଧୁମାସ ପ୍ରତିଧ୍ୱନି ଆସି
ଶୁଭୁଥିଲା ପ୍ରତି କାନେ।

ଭୁବନେଶ୍ବର
ମୋ:୯୫୮୩୨୦୨୩୫୭

# ବିଦେଶରେ ଦେବୀ ବୀଣାପାଣିଙ୍କ ଆରାଧନା



## ନେତାଜୀ ତାପସ କୁମାର ସାହୁ



ବସନ୍ତର ଆଗମନରେ ସମଗ୍ର ଧରାପୃଷ୍ଠରେ ନୂତନ ଉନ୍ମାଦନା ସୃଷ୍ଟି ହୋଇଥାଏ । ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ଯାହାକି ଶ୍ରୀପଞ୍ଚମୀ ନାମରେ ଖ୍ୟାତ, ସେହି ଦିନ ଦେବୀ ସରସ୍ୱତୀ ପ୍ରକଟ ହୋଇଥିବାରୁ ତାଙ୍କର ଆରାଧନା ଉକ୍ତ ଦିନ କରାଯାଇଥାଏ । ମାଆ ସରସ୍ୱତୀ ବିଦ୍ୟା, ଜ୍ଞାନ, କଳା ଓ ସାହିତ୍ୟର ଦେବୀ ରୂପେ ଆବାହମାନ କାଳରୁ ପୂଜିତା । ଦେବୀ ଶ୍ୱେତ ବସ୍ତ୍ର ପରିଧାନ କରିଥାନ୍ତି, ଯାହାକି ଶୁଦ୍ଧ ଅନ୍ତଃକରଣ ରୂପୀ ଜ୍ଞାନକୁ ପ୍ରତିଭାତ କରିଥାଏ । ପଦ୍ମଫୁଲ ଉପରେ ମାଆ ବିଦ୍ୟମାନ, ଯାହାକି ବାର୍ତ୍ତା ଦିଏ ପଦ୍ମଫୁଲ ଯାହାକି ଜଳାଶୟ ରେ ଫୁଟି ଥାଏ ଏବଂ ଏହାର ନାଡ କାଦୁଅରେ ଥିଲା ବେଳେ ମୂଳରେ ସାପ ମଧ୍ୟ ଗୁଡେଇ ହୋଇ ରହିଥାଏ । ମାତ୍ର ସୂର୍ଯ୍ୟ କିରଣକୁ ଚାହିଁ ଫୁଟୁଥିବା ଏହି ପଦ୍ମଫୁଲ ଭୌତିକ ସଂସାର ରୂପୀ କାଦୁଅ ତଥା ଜଞ୍ଜାଳ ରୂପୀ ସାପର ଫାଶରୁ ମୁକ୍ତ ହୋଇ ସୂର୍ଯ୍ୟ କିରଣ ରୂପୀ ବାସ୍ତବ ଜ୍ଞାନ ଆହରଣ ପାଇଁ ପ୍ରେରଣା ଦେଇଥାଏ । ଚତୁର୍ଭୂଜା ଭାବେ ମାତା ସରସ୍ୱତୀ ହାତରେ ବେଦ, ସ୍ୱଟିକ ମାଳ ଓ ବୀଣା ଧାରଣ କରିଥାନ୍ତି । ସନାତନ ଧର୍ମ ଅନୁସାରେ ବେଦ ହେଉଛି ସମ୍ପୂର୍ଣ୍ଣ ଜ୍ଞାନର ଭଣ୍ଡାର । ସେହିପରି ସ୍ୱଟିକ ମାଳ ଏକାଗ୍ରଚିତ୍ତର ପ୍ରତୀକ ଭାବରେ ବିବେଚିତ କରାଯାଉଥିବା ବେଳେ ବୀଣା ବାସ୍ତବ ଜୀବନର ଗୁରୁତ୍ୱ ଓ ମହତ୍ତ୍ୱ ବୁଝି ଦକ୍ଷତାର ସହ ପରିଚାଳନା କରିବାର ସାଙ୍କେତିକ ପ୍ରତୀକ । ଦେବୀଙ୍କ ବାହାନ ହେଉଛି ହଂସ, ଯିଏ ପାଣି ଓ କ୍ଷୀର ଅଲଗା କରିଥାଏ । ହଂସ ଏଠାରେ ମାନବ ସମାଜକୁ ଷଡ୍ ରିପୁଠୁ ନିଜକୁ ଦୂରେଇ ମୋକ୍ଷ ପ୍ରାପ୍ତି ପାଇଁ ବାର୍ତ୍ତା ଦେବା ସହ ଭଲ ଖରାପର ପ୍ରଭେଦ ଜାଣି ଭଲକୁ ଗ୍ରହଣ କରି ଜୀବନକୁ ଉଚିତ୍ ମାର୍ଗରେ ପରିଚାଳିତ କରିବା ପାଇଁ ଶିକ୍ଷା ଦେଇଥାଏ ।

ମାଆ ସରସ୍ୱତୀଙ୍କୁ ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମର ଦେବୀ ରୂପେ କେବଳ ଭାରତରେ ନୁହ ବିଦେଶରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ ।

ଜାପାନରେ ଉଭୟ ବୌଦ୍ଧ ଓ ଶିନ୍ତୋ ଧର୍ମାବଲମ୍ବୀ ମାନେ 'ବେଞ୍ଜାଇତେନ୍'ଙ୍କୁ ବିଦ୍ୟାର ଦେବୀ ରୂପେ ଆରାଧନା କରିଥାନ୍ତି , ଯିଏକି ଶ୍ୱେତ ପଦ୍ମ ଉପରେ ବିରାଜମାନ ହେବା ସହ 'ବିୱା' ନାମକ ବାଦ୍ୟ ଯନ୍ତ୍ର ହାତରେ ଧରିଥାନ୍ତି, ଯାହାକି ଜାପାନରେ ବିଭିନ୍ନ ଶୁଭକାର୍ଯ୍ୟରେ ବଜାଯାଇଥାଏ । ଦେବୀ ବେଞ୍ଜାଇତେନଙ୍କ ମନ୍ଦିର ମୁଖ୍ୟତଃ ଜଳାଶୟ ନିକଟରେ ଅବସ୍ଥିତ । ସ୍ଥାନୀୟ ଲୋକମାନେ ଦେବୀଙ୍କୁ କଳା, ସାହିତ୍ୟ, ସଙ୍ଗୀତ ଓ ଭାଗ୍ୟର ଦେବୀ ରୂପେ ମାନିଥାନ୍ତି । ସେମାନଙ୍କ ବିଶ୍ୱାସ ମାଆଙ୍କୁ ଆରାଧନା କରିଲେ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟ, ଧନ ସମ୍ପଦ ଓ ସଫଳତା ପ୍ରାପ୍ତ କରିଥାଏ । ସେହିପରି ନୋସିମା ଦ୍ୱୀପର ଅଧିବାସୀ ମାନେ କୁହନ୍ତି ଜାପାନକୁ ଦେବୀ ବେଞ୍ଜାଇତେନ ଭୂମିକମ୍ପରୁ ସବୁବେଳେ ରକ୍ଷା କରିଥାନ୍ତି । ଜାପାନରେ ବେଞ୍ଜାଇତେନଙ୍କ ତିନୋଟି ପ୍ରମୁଖ ମନ୍ଦିର ଇତସୁକୁସିମା, ଇନୋସିମା ଓ ହୋଗୋନଠାରେ ଅବସ୍ଥିତ ।

ଚୀନରେ ଦେବୀ ସରସ୍ୱତୀଙ୍କୁ 'ବିୟାନଚାଇତ୍ୟାନ୍' ରୂପେ ଆରାଧନା କରାଯାଏ, ଯାହାଙ୍କୁ ବୌଦ୍ଧଧର୍ମରେ 'ସୁବର୍ଣ୍ଣପ୍ରଭାସୂତ୍ର' ନାମରେ ବର୍ଣ୍ଣନା କରାଯାଇଛି ।

ପଡୋଶୀ ମିଆଁମାରରେ 'ଥୁରଥଦୀ', 'ସୁରସ୍ୱତୀ' ଓ 'ତିପିଟକମେଦା' ରୂପେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଏ । ଏଠାରେ ସ୍ଥାନୀୟ ଲୋକମାନେ ଦେବୀଙ୍କୁ ଅନେକ ସଂଖ୍ୟାରେ ମାନିଥାନ୍ତି । ପ୍ରାଚୀନ ବୌଦ୍ଧ ପ୍ରସ୍ତର କଳା ଗୁଡ଼ିକରେ ଦେବୀଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳିଥିବା ବେଳେ, ୧୦୮୪ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ବାଗଦେବୀଙ୍କ ମନ୍ଦିର ଆଜିବି ଏଠାରେ ବିଦ୍ୟମାନ । ବୌଦ୍ଧ ଧର୍ମାବଲମ୍ବୀ ମାନେ ଦେବୀ ଥୁରଥଦୀଙ୍କୁ ଜ୍ଞାନ ଓ କଳାର ଦେବୀ ରୂପେ ଆରାଧନା କରିବା ସହ ବୌଦ୍ଧ ଧର୍ମଗ୍ରନ୍ଥ ଗୁଡ଼ିକୁ ଦେବୀ ରକ୍ଷା କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

କମ୍ବୋଡିଆଠାରେ ଥିବା ବିଶ୍ୱର ସର୍ବବୃହତ ମନ୍ଦିର ଅଙ୍କୋରବାଟ ମନ୍ଦିରରେ ମାଆ ସରସ୍ୱତୀଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ସ୍ଥାନୀୟ ଲୋକମାନେ 'ବାଗୀଶ୍ୱରୀ' ରୂପେ ତାଙ୍କୁ ଆରାଧନା କରିଥାନ୍ତି ।

ସେହିପରି ଥାଇଲାଣ୍ଡରେ ପ୍ରଚଳିତ ପ୍ରାଚୀନ ଗ୍ରନ୍ଥ ଗୁଡିକରେ ଦେବୀ ସରସ୍ୱତୀଙ୍କୁ 'ସୁରସବଦୀ' ନାମରେ ଉଲ୍ଲେଖିତ କରାଯାଇଥିବା ବେଳେ ସମସ୍ତଙ୍କୁ ସେ ବାକ୍ ଶକ୍ତି ପ୍ରଦାନ କରିଥାନ୍ତି ବୋଲି କିମ୍ବଦନ୍ତୀ ରହିଛି । ଏଠାରେ ମୟୂର ଉପରେ ବିରାଜିତା ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଇଥାଏ ।

ସୁଦୂର ଇଣ୍ଡୋନେସିଆର ସାହିତ୍ୟ ତଥା ଧର୍ମ ଶାସ୍ତ୍ରରେ ଦେବୀ ସରସ୍ୱତୀଙ୍କ ବିଷୟରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଥିବା ବେଳେ ବାଲି ଠାରେ ଅନୁଷ୍ଠିତ ହେଉଥିବା ପ୍ରତିଟି ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆରମ୍ଭରେ ଦେବୀ ସରସ୍ୱତୀଙ୍କ ଆହ୍ୱାନ କରାଯାଇଥାଏ, ଯାହାକି ଓଡ଼ିଶାରେ ପ୍ରଚଳିତ ପାଲା ଗାୟନ ପୂର୍ବରୁ ପାଲା ଗାୟକଙ୍କ ଦ୍ୱାରା ଦେବୀ ବନ୍ଦନା ସହ ସାମଞ୍ଜସ୍ୟ ରଖିଥାଏ । ଏହି ଦିନ ବାଲିରେ ପ୍ରଚଳିତ ବାର୍ଷିକ କ୍ୟାଲେଣ୍ଡର ମଧ୍ୟ ସମାପ୍ତ ହେଉଥିବା ବେଳେ ହିନ୍ଦୁ ମାନେ ବେଶ୍ ଧୁମ୍ ଧାମ୍ ସହକାରେ ଏହି ଉତ୍ସବକୁ ପାଳନ କରିଥାନ୍ତି ।

ପ୍ରାଚୀନ ଦେଶ ଗ୍ରୀସର ଏଥେନ୍ସ ସହରର ରକ୍ଷାକର୍ତ୍ତ୍ରୀ ଦେବୀ 'ଏଥେନା'ଙ୍କୁ ଜ୍ଞାନ, କଳା, ଶକ୍ତି, ସଭ୍ୟତା,ନ୍ୟାୟ ଓ ଗଣିତ ଶାସ୍ତ୍ରର ଆରାଧ୍ୟା ଦେବୀ ରୂପେ ବର୍ଣ୍ଣିତ କରାଯାଇଛି ।

ମିଶରରେ ଦେବୀ 'ସେଶାତ'ଙ୍କୁ ଲେଖନ କଳା ଆବିଷ୍କାର କରିବା ସହ ଜ୍ୟୋତିଷ, ଜ୍ୟାମିତି ଓ ବାସ୍ତୁକଳା ରଚନା କରିଥିବାର ବିଶ୍ୱାସ କରାଯାଏ । ସେହିପରି ଫ୍ରାନ୍ସ, ସ୍ପେନ୍, ଇଂଲଣ୍ଡ, ବେଲଜିଅମ, ଅଷ୍ଟ୍ରିୟା ତଥା ୟୁରୋପୀୟ ଦେଶ ଗୁଡ଼ିକରେ ଜ୍ଞାନ ଓ ଶିଳ୍ପ କଳାର ଦେବୀ ରୂପେ 'ମିନର୍ଭା'ଙ୍କୁ ତଥା ଜର୍ମାନୀରେ ଜ୍ଞାନ, ସଦାଚାର ଓ ଆତ୍ମ ନିୟନ୍ତ୍ରଣ ଦେବୀ ରୂପେ' ସ୍ନୋତ୍ର କୋ ' ଙ୍କୁ ଆରାଧନା କରାଯାଇଥାଏ ।

ତେବେ ମାଆ ଯେତେ ରୂପରେ ଓ ନାମରେ ପୂଜା ହେଲେ ବି ସେ ସାରା ବିଶ୍ୱର ମାଆ । ଓଡ଼ିଶାରେ ଏହି ବସନ୍ତ ପଞ୍ଚମୀ ଦିନ ଶ୍ରୀଜୀଉମାନଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ କାଠ ଆସି ବଡଦାଣ୍ଡରେ ପହଞ୍ଚି ଥାଏ, ଯାହାକି ପ୍ରତିପାଦିତ କରେ ଜଗନ୍ନାଥ ସଂସ୍କୃତିର ନାରୀ ଜାତି ପ୍ରତି ଅଗ୍ରାଧିକାର ଓ ପ୍ରାଧାନ୍ୟତା ।

+ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ,
ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ: ୮୨୬୦୩୫୬୧୧୩

## ଆସ ଅବତରି ଦେବୀ ବୀଣାଧାରୀ

### ସୁହଂସ ଭୋଇ

ଶୁକ୍ଳ ମାଘ ମାସ ପଞ୍ଚମୀ ଦିବସ
ବସନ୍ତ ମରୁତ ସାଥେ
ଆସ ଅବତରି ଦେବୀ ବୀଣାଧାରୀ
ମରାଳ ବାହନେ ମର୍ତ୍ତ୍ୟେ ।
ବିନୟେ ଶିଶିର ଧୋଇବ ପୟର
ବିମଳ ଶୀତଳ ଜଳେ
ଆଣି ପ୍ରଭଞ୍ଜନ ନାନା ପୁଷ୍ପ ମାନ
ସମର୍ପିବ ପାଦ ତଳେ ।
ଚାଟ ଅବଧାନ ପୂଜିବେ ଚରଣ
ଦେଇ ଭକତି ସୁମନ
ବିବେକ ପ୍ରଜ୍ଞାନ କରିବ ପ୍ରଦାନ
ହୋଇ ମାତା ସୁପ୍ରସନ୍ନ ।
ଜ୍ଞାନର ସାଗର ବୁଦ୍ଧିର ଭଣ୍ଡାର
ରାଗ ସୁର ତରଙ୍ଗିଣୀ
ସଙ୍ଗୀତ ରାଗିଣୀ ନୃତ୍ୟ ଶବ୍ଦ ଧ୍ୱନି
ନଖ କୋଣ ଅଛ ଘେନି ।
ମୂଢ କାଳିଦାସ ଲଭି ଶୁଭାଶିଷ
ମୂର୍ଖରୁ ହେଲେ ପଣ୍ଡିତ
ଅଖ୍ୟାତରୁ ଖ୍ୟାତ ଜଗତେ ବିଦିତ
ବୋଲାଇଲେ ତବ ସୁତ ।
ଢାଳ କୃପା ଜଳ କଲମରେ ବଳ
ଦିଅ ଅନ୍ଧାରେ ଆଲୋକ
କଣ୍ଠେ ଆସି ବସ ପଦ ବାକ୍ୟ ଭାଷ
ରଖ ଅରଜ ଏତକ ।

+ପହଣ୍ଡି,ବରଗଡ଼

## ଚତୁର୍ଭୁଜା ଶୁଭାଂଗିନୀ...

### ରାମଚନ୍ଦ୍ର ବେହେରା

ଜୟ ଜ୍ଞାନଦାତ୍ରୀ ମାଗୋ ବିଦ୍ୟାଦାତ୍ରୀ
ଚତୁର୍ଭୁଜା ଶୁଭାଂଗିନୀ
ଅଜ୍ଞାନ ତିମିର ଦୂର କର ମାତ
ଶ୍ୱେତବସ୍ତ୍ରା ସୌଦାମିନୀ
ତୁମ କୃପା ବଳେ ମାତ
ମୂର୍ଖ କାଳିଦାସ ମହାଜ୍ଞାନୀ ରୂପେ
ଜଗତେ ହେଲା ବିଖ୍ୟାତ ।
ଆହେ ବୀଣାପାଣି ମା' ହଂସ ବାହିନୀ
ଆସ ତୁମେ ଅବତରି
ଧର୍ମ ସଂସାରରେ ସଭିଂକ ପରାଣେ
ଦିବ୍ୟ ଜ୍ଞାନ ଦିଅ ଭରି
ତୁମେ ମା' ଶବ୍ଦ ଝଂକାର
ତୁମେ ଯେ ଅକ୍ଷର ତୁମେ ସାରା ସଂଖ୍ୟା
ତୁମେ ଜ୍ଞାନର ଭଣ୍ଡାର ।
ଜଗତ ଜନନୀ ବ୍ରହ୍ମାଂକ ଘରଣୀ
ବିଦ୍ୟା ବୁଦ୍ଧି ଦାନ କର
ତୁମ ପୁଣ୍ୟ ନାମ ସ୍ମରଣ ମାତ୍ରକେ
ଅଜ୍ଞାନତା ହେଉ ଦୂର
ଦୟା ତୁମ ଝରୁଥାଉ
ଅପସରି ଯାଉ ଦୁଃଖ ଓ ଯାତନା
ଶାନ୍ତିର ବାରତା ବହୁ ।
ଆଜି ପରା ମାଘ ଶୁକଳ ପଂଚମୀ
ତୁମ ଆଗମନ ହେବ
ସାରା ରାଇଜରେ ଛାତ୍ରଂକ ପରାଣେ
ଶ୍ରଦ୍ଧାର ଭାବ ଜାଗିବ
ହେବ ତୁମ ପୂଜାବିଧି
ବିଦ୍ୟା ପ୍ରଦାୟିନୀ ଏତିକି ବିନତୀ
ଭରିଦେବ ଜ୍ଞାନ ବୁଦ୍ଧି ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଯୁଗେ ଯୁଗେ ସରସ୍ୱତୀ

## ରାଜସ୍ମିତା ବାରିକ୍



"ସରସ୍ୱତୀ ମହାଭାଗେ ବିଦ୍ୟେ କମଲଲୋଚନେ !
ବିଦ୍ୟାରୂପେ ବିଶାଲାକ୍ଷି ବିଦ୍ୟାଂ ଦେହି ନମୋସ୍ତୁତେ ।।"

ସନାତନ ଧର୍ମ ରେ ବାଗଦେବୀ ଙ୍କ ଆରାଧନା ର ବିଶେଷ ଗୁରୁତ୍ୱ ରହିଛି । ଋତୁରାଜ ବସନ୍ତ ନିଜର ମୃଦୁ ମଳୟ ରେ ବିଦ୍ୟାଦାୟିନୀ ମା ସରସ୍ୱତୀ ଙ୍କୁ ଧରା ପୃଷ୍ଠ କୁ ସ୍ୱାଗତ କରେ । ଏହି ପର୍ବ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀତିଥି ରେ ପାଳନ କରାଯାଏ । ବିଦ୍ୟାପ୍ରାପ୍ତି ନିମିତ୍ତ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ମା ସରସ୍ୱତୀଙ୍କୁ ବିଦ୍ୟାର୍ଥୀ ମାନେ ଭକ୍ତି ସହକାରେ ଆରାଧନା କରିଥାନ୍ତି । ଜ୍ଞାନ, ଶିକ୍ଷା, ସଙ୍ଗୀତ ଏବଂ କଳାର ଦେବୀ ମା ସରସ୍ୱତୀ । ମାଆଙ୍କ ଆଗମନ ରେ ଧରାପୃଷ୍ଠ ଉତ୍ସବମୁଖର ହୋଇ ଉଠେ । ବସନ୍ତ ପଞ୍ଚମୀ ରେ ମା ସରସ୍ୱତୀ ଙ୍କୁ ପୂଜା କରିବା ଦ୍ୱାରା ମହାଲକ୍ଷ୍ମୀ ଓ ମା କାଳୀଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ମା ସରସ୍ୱତୀ ଙ୍କୁ ବାଗଦେବୀ, ଭଗବତୀ , ଶାରଦା, ବୀଣାବାଦିନୀ ରୂପରେ ମଧ୍ୟ ପୂଜା କରାଯାଇଥାଏ । ସରସ୍ୱତୀ ପୂଜା କୁ ବସନ୍ତ ପଞ୍ଚମୀ, ଶ୍ରୀ ପଞ୍ଚମୀ ମଧ୍ୟ କୁହାଯାଏ । ମା ସରସ୍ୱତୀ ଶୁକ୍ଳ ବସ୍ତ୍ର ପରିଧାନ କରି କର୍ଣ୍ଣରେ ରତ୍ନବିଭୂଷିତ କୁଣ୍ଡଳ ଧାରଣ କରି ଗଳାରେ ଗଜମୋତି ଏବଂ ମୁକ୍ତାହାର ପିନ୍ଧି ଓ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରି ପଦ୍ମାସନରେ ଶ୍ୱେତପଦ୍ମ ଉପରେ ଅଧିଷ୍ଠାତ୍ରୀ ହୁଅନ୍ତି ।

ଆଦିଶକ୍ତିଙ୍କ ତେଜ ପୁଞ୍ଜରୁ ମା ସରସ୍ୱତୀ ପ୍ରକଟ ହୋଇଥିଲେ । ମା ସରସ୍ୱତୀ ଜ୍ଞାନ, ପ୍ରଜ୍ଞା, ବାଣୀ, ସୌନ୍ଦର୍ଯ୍ୟ ଓ ଅନ୍ୟ ସମସ୍ତ ସୃଜନକ୍ରିୟାର ଅଧିଷ୍ଠାତ୍ରୀ ଅଟନ୍ତି । ସେ ଚତୁର୍ଭୁଜା ଯାହାକି ମନ, ବୁଦ୍ଧି, ବିଚାର ଓ ଚେତନାର ପ୍ରତୀକ । ହିନ୍ଦୁ ଧର୍ମ ରେ ମା' ସରସ୍ୱତୀଙ୍କୁ ସର୍ବଦା ଧଳାପଦ୍ମ, ଶ୍ୱେତହଂସ ସହ ସୁସଜ୍ଜିତା କରା ଯାଇଥାଏ । ଶୁଭ୍ରତା ହେଉଛି ପବିତ୍ରତାର ପ୍ରତୀକ, ପଦ୍ମଫୁଲ ବିମଳ ବିଚାରର ପ୍ରତୀକ, ହଂସ ହେଉଛି ପ୍ରାଣଶକ୍ତିର ପ୍ରତୀକ ।

ତ୍ରେତୟା ଯୁଗରେ ମାତା କୈକେୟୀ ନିଜର ପୁତ୍ର ଭରତଙ୍କ ଠାରୁ ରାମଙ୍କୁ ଅଧିକ ଭଲ ପାଉଥିଲେ ।ଯେଉଁଥିପାଇଁ ସେ ଜାଣିଥିଲେ ଯଦି ରାମ ଭୋଗ ବିଳାସ ଜୀବନ ଯାପନ କରିବେ ତେବେ ସଂସାରର ହିତ ସାଧନ ତଥା ରାମ ଅବତାରର ମୁଖ୍ୟ ଲକ୍ଷ୍ୟ ସାକାର ହୋଇ ପାରିବ ନାହିଁ । ତେଣୁ ଦେବୀ ସରସ୍ୱତୀଙ୍କୁ ଆରାଧନା ପୂର୍ବକ ଦାସୀ ମନ୍ଥରା କଣ୍ଠରେ ବନବାସ କଥା କହିବା କରାଇଥିଲେ ରାମ । ହୁଏ ତ ଏଥିପାଇଁ କୈକେୟୀଙ୍କୁ ଅନେକ ଲୋକ ଆଜିବି କୁମାତା କୁହନ୍ତି । କିନ୍ତୁ ରାମଚନ୍ଦ୍ର ସେଦିନ ଉତ୍ତର ଦେଇଥିଲେ - 'କୁପୁତ୍ର ଜାୟତେ କୋ ଚି ଦପି କୁମାତା ନ ଭବତି ।' ଅର୍ଥାତ ପୁତ୍ର ଖରାପ ହୋଇପାରେ କିନ୍ତୁ ମାଆ କେବେ ବି ନୁହ । ମାଆର ପ୍ରତିଟି ନିଷ୍ପତ୍ତି ଓ ବାକ୍ୟ ବେଦବାଣୀଠୁ ଅଧିକ । କାରଣ ସେହିଁ ସୃଷ୍ଟିର ଆରମ୍ଭ ଓ କାରଣ ।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଯେଉଁ ବଂଶୀର ସ୍ୱରରେ ସମଗ୍ର ବିଶ୍ୱକୁ ବାନ୍ଧି ରଖିଥିଲେ, ସେଥିପାଇଁ ସେ ମାତା ସରସ୍ୱତୀଙ୍କ ଠାରୁ ଆଶୀର୍ବାଦ ରୂପେ ଏହି ମୋହନ ବଂଶୀକୁ ପ୍ରାପ୍ତ କରିଥିଲେ ।

କଳିଯୁଗରେ ମାନବୀୟ ଲୀଳା କରୁଥିବା ଶ୍ରୀଜଗନ୍ନାଥଙ୍କୁ ସମାଜ ରେ ପ୍ରଚଳିତ ଥିବା ଜାତି ଅଜାତି ଭେଦ ଭାବ ଦୂର କରି ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ପୁନଃ ଦେବୀ ସରସ୍ୱତୀଙ୍କ ଭୂମିକା ଅବିସ୍ମରଣୀୟ, ଯାହାକି ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ରେ ଦେଖିବାକୁ ମିଳେ । ଯେତେବେଳେ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର ତ୍ୟାଗ କରିବା ପାଇଁ ମହାପ୍ରଭୁ ନିର୍ଦ୍ଦେଶ ଦେଇଥିଲେ, ଲକ୍ଷ୍ମୀ ନିଜ ଗୃହ ତ୍ୟାଗ ପୂର୍ବକ ସରସ୍ୱତୀଙ୍କୁ ସ୍ମରଣ କରି କହିଥିଲେ -

' ମହାଲକ୍ଷ୍ମୀ ତହୁଁ ଏକ କଥା ବିଚାରିଲେ
ସରସ୍ୱତୀ ଦେବୀଙ୍କୁ ଯେ ହୃଦେ ସୁମରିଲେ
ବୋଇଲେ ଗୋ ସରସ୍ୱତୀ ଏମନ୍ତ କରିବ
ରାଜ୍ୟ ରାଜ୍ୟ ହୋଇ ଘରେ ଘରେ ବୁଲୁଥିବ
ସର୍ବ ଦ୍ୱାରେ ଜଗନ୍ନାଥ ବୁଲିବେଟି ଯାଇଁ
ସର୍ବ କଣ୍ଠେ ସରସ୍ୱତୀ ବିଜେ କର ତୁହି ।'

ସେହିପରି ବସନ୍ତ ପଞ୍ଚମୀ ଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ସନ୍ଧ୍ୟାଧୂପ ପରେ ସରସ୍ୱତୀ ଦେବୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଏ ଏବଂ ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରେ ପଞ୍ଚପଲ୍ଲବ ଲାଗି ହୁଏ । ଏଥି ସହିତ ରଥଯାତ୍ରା ନିମନ୍ତେ ରଥକାଠ ଅନୁକୂଳ ମଧ୍ୟ କରାଯାଏ ।

ମା ସରସ୍ୱତୀଙ୍କୁ ଭାରତ ବ୍ୟତୀତ ଜାପାନ,



ଚୀନ୍, ମିଆଁମାର, କମ୍ବୋଡିଆ, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରେ ମଧ ଆରାଧନା କରାଯାଏ । ସେଇଥିପାଇଁ ସେ ବିଶ୍ୱଦେବୀ ।

ବିଦ୍ୟାଦାୟିନୀ ମା ସରସ୍ୱତୀଙ୍କୁ ଭକ୍ତିରେ ପୂଜା କଲେ ମହାମୂର୍ଖ ବି ପଣ୍ଡିତ ହୋଇପାରେ । ପୌରାଣିକ ମତରେ ଦେବୀଙ୍କ କୃପା ପ୍ରାପ୍ତ କରି କାଳୀଦାସଙ୍କ ଭଳି ମହାମୂର୍ଖ ବି ମହାପଣ୍ଡିତ ହୋଇପାରିଥିଲେ । ତେଣୁ ଏହି ଶ୍ରୀପଞ୍ଚମୀ ତିଥିରେ ମାଆ ସରସ୍ୱତୀଙ୍କୁ ଭକ୍ତିରେ ଆରାଧନା କରି ସଭିଏଁ ତାଙ୍କର କୃପା ପ୍ରାପ୍ତ ହେବା ।

+ନୀଳଗିରି, ବାଲେଶ୍ୱର

## ଶ୍ରୀପଞ୍ଚମୀ ପ୍ରାର୍ଥନା

### ନିରଞ୍ଜନ ସାହୁ

ମହାସରସ୍ୱତୀ ହେ ଦେବୀ ଭାରତୀ
ବାକ୍ୟଦେବୀ ବୀଣାପାଣି
ବସନ୍ତପଞ୍ଚମୀ ଆସିଅଛି ମାତ
ଆସ ଆସ ଠାକୁରାଣୀ ।
କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରର
ତୁମେ ଆରାଧିତା ଦେବୀ
ସବୁ ବିସ୍ମରଣ ହୁଅଇ ସ୍ମରଣ
ତୁମକୁ ହୃଦୟେ ସେବି
ଗାୟକ, ବାୟକ , ନାୟକ , ଲେଖକ
ପ୍ରଣମ୍ୟନ୍ତି ମଥା ହାଣି ।
ଦେଖ ମା ' ଜଗତେ ଅଜ୍ଞାନ ଅନ୍ଧାର
କିପରି ଯାଇଛି ଘୋଟି
ଅଜ୍ଞାନୀ ପାଲଟି ଯାଇଛନ୍ତି ମାତ
ଜନଗଣ କୋଟିକୋଟି
ଧରାବତରଣ କର ମହାଦେବୀ
ଶୁଣାଇ ଜ୍ଞାନର ବାଣୀ ।
ତୁମେ ବିରାଜିଲେ ଜ୍ଞାନରେ ମଜ୍ଜିଲେ
ସଦଜ୍ଞାନ ଉଦେ ହେବ
ଜ୍ଞାନ ପରିସର ବ୍ୟାପକ ହୋଇଲେ
ଅଜ୍ଞାନ ବିଦାୟ ନେବ
ଜ୍ଞାନର ପିପାସୁ ଜ୍ଞାନ ମାର୍ଗେ ଆସୁ
ଦେଖାଉ ଜ୍ଞାନର ଠାଣି ।
ମାତ ଶ୍ୱେତପଦ୍ମା କି ଦେବି ଉପମା
ସହଜେ ମୁରୁଖ ଅଟେ
ଆଶୀର୍ବାଦ କର ସେବିବି ପୟର
ଜ୍ଞାନର ଜାହ୍ନବୀ ତଟେ
ନ ବହିବ ରୋଷ କ୍ଷମିବ ମୋ ଦୋଷ
ଅଧମ ସନ୍ତାନ ଜାଣି ।

ନିହାଲପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଶ୍ରୀ ପଞ୍ଚମୀ

### ସନ୍ତୋଷ କୁମାର ଅଦାବର

(ରାଗ-କାମୋଦୀ)
ପବିତ୍ର ମାଘ ମାସ ସର୍ବ ଜନ ହରଷ
ଶୁକ୍ଳ ପକ୍ଷ ପଞ୍ଚମୀ ତିଥି
ହଂସ ପୃଷ୍ଠେ ବସିଣ ଶୁଭ୍ର ବସ୍ତ୍ର ଧାରଣ
ଗଳାରେ ଶୋହେ ଗଜମୋତି
ମା ସରସ୍ୱତୀ....
ପଦ୍ମାସନରେ ଅଧିଷ୍ଠାତ୍ରୀ,
ହସ୍ତେ ଶୋଭଇ ବୀଣା,ପୋଥି;
ତବ ଆଶିଷ ପାଇଁ ଶ୍ରୀପଦେ ମଥା ନଇଁ
ପୂଜନ୍ତି ଗାୟକ,ବିଦ୍ୟାର୍ଥୀ ।
ପୂଜା ମଣ୍ଡପେ ଶୋଭା ଅତୀବ ମନଲୋଭା
ସଜ୍ଜିତ ନାନାଦି କୁସୁମେ
ବିଦ୍ୟା ପ୍ରାପ୍ତି ନିମିତ୍ତ ସରବ ଛାତ୍ରୀଛାତ୍ର
ପୂଜନ୍ତି ଶୁଦ୍ଧ ପୂତ ମନେ
ମା ସରସ୍ୱତୀ....
ଧୂପ,ଦୀପ,ନୈବେଦ୍ୟ ଦାନ
ଅନ୍ତେ ପୁଷ୍ପାଞ୍ଜଳୀ ଅର୍ପଣ
ବେନି କର ଯୋଡ଼ିଣ ଗଭୀର ହୃଦେ ଧ୍ୟାନ
କରିଥା'ନ୍ତି ସରବ ଜନ ।
ଲଭି ତବ ଆଶିଷ ମୁରୁଖ କାଳିଦାସ
ପଣ୍ଡିତେ ହେଇଲା ସେ ଗଣା
ମୁହିଁ ଯେ ଅକିଞ୍ଚନ ନାହିଁ ମୋ ବୁଦ୍ଧି ଜ୍ଞାନ
ଅଜ୍ଞାନ ତିମିରେ ମୁଁ ବଣା
ମା ସରସ୍ୱତୀ....
ଦିଅ ସଦବୁଦ୍ଧି ସୁଜ୍ଞାନ
ତବ ଶ୍ରୀପଦେ ନିବେଦନ
ମିଛ ମାୟା ସଂସାର ଅଜ୍ଞାନ ଅନ୍ଧକାର
ଜ୍ଞାନାଲୋକ କର ପ୍ରଦାନ ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ସରସ୍ୱତୀ ପୂଜା

### ଆଚାର୍ଯ୍ୟ କ୍ଷିତୀଶ ଜେନା

ଏହି ମାଘ ମାସ ଶୁକ୍ଳ ପକ୍ଷରେ ହିଁ
ଶ୍ରୀପଞ୍ଚମୀ ପୂଣ୍ୟଦିନ
ସରସ୍ୱତୀ ପୂଜା ପାଳନ କରନ୍ତି
ସମସ୍ତ ଶିକ୍ଷାନୁଷ୍ଠାନ ।
ପୂଜାର ଦାୟିତ୍ୱ ନିଜ ମଧ୍ୟେ ପିଲେ
ପୂର୍ବରୁ ବାଣ୍ଟି ଦିଅନ୍ତି
ପୂଜାବିଧି ପାଇଁ ଯାହା ଆବଶ୍ୟକ
ଯୋଗାଡ଼େ ଲାଗିପଡ଼ନ୍ତି ।
ହଂସରେ ହିଁ ବସି ବୀଣା ହସ୍ତେ ଧରି
ପିନ୍ଧି ମୁକୁତାର ହାର
ଶୁକ୍ଳ ବସ୍ତ୍ର ପିନ୍ଧି ଉଭା ହେବେ ମାଆ
ଦେବେ ସେ ବିଦ୍ୟା ଭଣ୍ଡାର ।
ପୂଜା ପୂର୍ବଦିନ ଶ୍ରେଣୀ କକ୍ଷ ଧୋଇ
ରଙ୍ଗ କାଗଜ ଲଗେଇ
ଦେବଦାରୁ ଡ଼ାଳେ କଦଳୀ ଗଛରେ
ଦିଅନ୍ତି ହତା ସଜେଇ ।
ଏହି ସମୟରେ ଯେହେତୁ ପରିବା
ପ୍ରାୟ ଶସ୍ତା ହୋଇଥାଏ
ବିଦ୍ୟାଳୟେ ପରି ସବୁଠି ପୂଜାରେ
ଭୋଜିଭାତ ପରା ହୁଏ ।
ପୂଜା ଦିନ ପିଲେ ଫୁଲହାର ସହ
ଦେଇ ଭୋଗ ନାରିକେଳ
ପୁଷ୍ପାଞ୍ଜଳି ଦେଇ ମାଗନ୍ତି ମାଆଲୋ
ଦିଅ ବୃଦ୍ଧି,ଯଶ,ବଳ ।
ସଙ୍ଗୀତର ସ୍ରଷ୍ଟା ଦେବୀଙ୍କ କୃପାରୁ
କବି ଶ୍ରେଷ୍ଠ କାଳିଦାସ
ମହାମୂର୍ଖରୁ ସେ ମହାକବି ହୋଇ
ଲଭିଛନ୍ତି କୋଟି ଯଶ ।
ସରସ୍ୱତୀ ପୂଜା ଆସିଥିବା ହେତୁ
ପିଲାମାନେ ଭାରି ଖୁସି
ନୂଆ ଜାମା ପିନ୍ଧି ଭକ୍ତିରେ ମାଆଙ୍କୁ
ପୂଜିବେ ସେ ମିଳିମିଶି ।

+ କଣ୍ଟିଗଡ଼ିଆ,ଧର୍ମଶାଳା, ଯାଜପୁର
ମୋ-୭୮୭୩୫୧୦୦୨୭

# ବିନିକା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୩/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାଶ ଓ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ୯୩ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୭୫ ଗୋଟି, ସାମୁହିକ ଦରଖାସ୍ତ ୧୮ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ୪୧ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ୪ ଜଣଙ୍କୁ ସିଏମଆରଏଫ ରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶିବିରରେ ଜଣେ ଦିବ୍ୟାଙ୍ଗ ନାବାଳକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ଆର୍ଥିକ ସହାୟତା ସହ ୩ ଚକିଆ ସାଇକେଲ ଓ ଅନ୍ୟ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବସ ପାସ ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ଦାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀମଲ । ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିକା ପ୍ରମୋଦ ଚନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ବିନିକା ବ୍ଲକ ଅଧକ୍ଷା ଦିପ୍ତୀରେଖା ନନ୍ଦ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟେ ନାରାୟଣ ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜ଼ିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଉପ ଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ନିର୍ବାହୀ ଯନ୍ତ୍ରୀ ଟି ପି ଡବ୍ଲୁ ଓ ଡି ଏଲ ଅଶୋକ କୁମାର ମିଶ୍ର, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ ବିନିକା ସତ୍ୟ ନାରାୟଣ ପ୍ରଧାନ, ତହସିଲଦାର ବିନିକା ସୀତାରାମ ଭୋଇ, ଏ ଏସ ଆଇ ଅନିଲ ବେହେରା ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## ଜୟପୁର ଭିଜିଲାନ୍ସ କୋର୍ଟରେ ଏଆରଆଇ ଦଣ୍ଡିତ

ଜୟପୁର, ୧୩/୨ (ନି.ପ୍ର): ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଲାଂଚ ନେବା ମାମଲାର ଶୁଣାଣି ଆଜି ହୋଇଛି । କୋର୍ଟ ଅଭିଯୁକ୍ତ ଥିବା ଏଆରଆଇ କାଶି ନାଥ ମଣ୍ଡଳ କୁ ଦଣ୍ଡିତ କରାଯାଇଛି । ଏଆରଆଇ କାଶି ନାଥ ମଣ୍ଡଳ କୁ ୨ ବର୍ଷ ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଆର୍ଥିକ ଜୋରିମାନା ଦଣ୍ଡିତ କରାଯାଇଛି । ଅର୍ଥ ଅନାଦୟ ହେଲେ ଅଧିକା ୨ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଶୁଣାଣି ହୋଇଛି । ସୂଚନା ଆନୁଯାଇ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ତହସିଲର ବାଲିମେଳା ସର୍କିଲରେ ଏଆରଆଇ ଭାବେ କାଶିନାଥ ମଣ୍ଡଳ କାର୍ଯ୍ୟ କରୁଥିଲେ । ଜମି ର ପଟ୍ଟା ଯାଂଚ କରି ରିପୋର୍ଟ ଦେବା ପାଇଁ ଏଆରଆଇ ଜଣକ ୧୫ ହଜାର ଟଙ୍କା ଲାଂଚ ମାଗିଥିଲେ । ଅଭିଯୋଗକାରି ୨୮.୧୧.୨୦୧୪ ମସିହାରେ ୧୨ହଜାର ଟଙ୍କା ଲାଂଚ ଦେଇଥିଲେ ।

# ଶିଶୁ ବିକାଶ କେନ୍ଦ୍ର ତରଫରୁ ସଦ୍‌ଭାବନା ସାଇକେଲ ଯାତ୍ରା

ବଲାଙ୍ଗିର, ୧୩/୨ (ନି.ପ୍ର): ବଲାଙ୍ଗିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ର ର ୪୦ ବର୍ଷ ପୂର୍ତି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଶିଶୁ ବିକାଶ କେନ୍ଦ୍ର ତରଫରୁ ଦୁଇ ଦିନ ଧରି ସଦ୍ଭାବନା ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଇକେଲ ଯାତ୍ରାଟି କେଶବ ମିଶ୍ର ଓ ମଧୁ ସାହୁଙ୍କ ନେତୃତ୍ୱରେ ତଥା ଅରୁଣ ଖୁଆସ ଓ ଧୃରେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଆରମ୍ଭରେ ମା ପାଟଣେଶ୍ୱରୀ ମନ୍ଦିରରେ ଡ. ଶ୍ରୀକର ମିଶ୍ର ପତାକା ହଲାଇ ଓ ଡା. ଜ୍ୟୋସ୍ନାମୟୀ ମହାପାତ୍ର, ଡା. ଲୋକେଶ୍ୱର ସାଏ ଙ୍କ ଆଶିର୍ବାଦରେ ସାଇକଲ ଯାତ୍ରା ଆରମ୍ଭ ହୋଇଥିଲା । ପ୍ରଥମ ଦିନ ସାଇକଲ ଯାତ୍ରୀମାନେ ଖୁଜେନପାଲି, ପଣ୍ଡରାଟିଟା, ବାଂଜିପାଲି, ଜଲିଆ, ସିନଖମନ ଦେଇ ଶିକାଛିଡା ପହଂଚିଥିଲେ । ରାସ୍ତାରେ ପଥପ୍ରାନ୍ତ ସଭା, ସଭା ସମିତି ଓ ଲିଫ୍ଲେଟ ବଂଟନ କରି ଲୋକମାନଙ୍କୁ ଶିଶୁ ସୁରକ୍ଷା, ନାରୀ ନିର୍ଯ୍ୟାତନା, ନାରୀମାନଙ୍କ ବିଭିନ୍ନ ରୋଗ ସଂପର୍କରେ, ପରିବେଶ ସୁରକ୍ଷା, ଜାତୀୟ ଏକତା ସହିତ ଓ ନିଶା ନିବାରଣ ଉପରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ସଭାମାନଙ୍କରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ପ୍ରେମଚାନ୍ଦ ମହାନ୍ତି, ଜୟରାମ ମିଶ୍ର, ଗୋପାଳଚନ୍ଦ୍ର ହୋତା, ସିତାଂଶୁ ନାୟକ, ହୃଷିକେଶ ପୁରୋହିତ, କପିଳ ପତି, ସୁନାଧର ବନଛୋର, ଦୁର୍ଗା ଚରଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ଦିବସରେ ସାଉନ୍ତମୁଣ୍ଡା, ପ୍ରତାପୁର, ଚିକଲବାହାଲ, ବିଡିଘାଟ, ବରଗାଁ, ବୈଦୁପାଲି ଓ ପଥରଚେପା ଦେଇ ଟିକ୍ରାପଡା ରାମ ମନ୍ଦିର ରେ ସଦ୍ଭାବନା ସାଇକେଲ ଯାତ୍ରୀ ପହଂଚିଥିଲେ । ସେଠାରେ ଆଦ୍ୟାଶକ୍ତି ନାରୀ ସଂଗଠନ ଓ ଅହୋରାତ୍ର ନାମଯଜ୍ଞ ଟିକ୍ରାପଡାର ମହିଳା ମଣ୍ଡଳ ସାଇକଲ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ । ସାଇକେଲ ଯାତ୍ରାରେ ଭୀମସେନ ସାହୁ, ସତ୍ୟାର୍ଥ ପସାୟତ, ଆକାଶ କୁମାର ନନ୍ଦ, କେଦାରନାଥ ସେଠୀ, ଅଶୋକ କୁମାର ରାୟ, ମାନସ ବାଗ, ଆଶିଷ ବେଜ, ଆକାଶ କଂଟା, ନରେନ୍ଦ୍ର ନାଏକ, ରମାକାନ୍ତ ଷାଣ୍ଡେ, ଆନନ୍ଦ ସାଏ, ଶିବା ସେଲମା, ଯୁଧିଷ୍ଠିର ଭୁଏ, ସୁରେନ୍ଦ୍ର ଦନ୍ତା, ପ୍ରଶାନ୍ତ ଷଡଙ୍ଗୀ ଓ ଶ୍ରୀରାମ ପସାୟତ ପ୍ରମୁଖ ଯାଇଥିଲେ । ଏହି ଯାତ୍ରାକୁ ରତ୍ନମୟ ତ୍ରିପାଠୀ, ପ୍ରଦୀପ ପସାୟତ, ଚୁଡେନ୍ଦ୍ର କୁମାର ବେହେରା ଓ ଗୋବିନ୍ଦ ଚନ୍ଦ୍ର ସେଠ୍ ସହଯୋଗ କରିଥିଲେ । ଶେଷରେ ଶିଶୁ ବିକାଶ କେନ୍ଦ୍ର ସଭାପତି ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାନ୍ତିର ବାର୍ତ୍ତା ବହନ କରୁଛି ଗୁରୁପ୍ରିୟା ସେତୁ

ମାଲକାନଗିରି, ୧୩/୨ (ନି.ପ୍ର): ଦିନେ ଯେଉଁଠି ବିକାଶ ଥିଲା ସ୍ୱପ୍ନ, ସେହି ପାହାଡ଼ ଘେରରେ ଥିବା ଶତାଧିକ ଗାଁକୁ ବାଲିମେଳା ଜଳଭଣ୍ଡାର (ଚିତ୍ରକୋଣ୍ଡା ) ବିଚ୍ଛିନ୍ନ କରିଥିଲା । ସମାଜିକ ଓ ଆର୍ଥିକ କ୍ଷେତ୍ରର ଉନ୍ନତି ଲୋକଙ୍କ ପାଇଁ ଦିବା ସ୍ୱପ୍ନ ସାଜିଥିଲା । ଲାଲଗଡର ଆଖ୍ୟା ପାଇଥିବା ସେହି ଅଂଚଳରେ ପ୍ରତିଟି ମୁହୂର୍ତରେ ରହିଥିଲା ଭୟର ବାତାବରଣ । ଏଠି ଲାଲ ପତାକା ବଦଳରେ ଏବେ ଉଡୁଛି ତ୍ରିରଙ୍ଗା । ଗମନାଗମନ ଠାରୁ ଆରମ୍ଭ କରି ସାଧାରଣ ଜୀବନଯାପନ ଶୈଳୀରେ ଆସିଛି ପରିବର୍ତନ । ସମାଜର ମୁଖ୍ୟ ସ୍ରୋତରେ ଆଜି ସମସ୍ତେ ସାମିଲ ହୋଇପାରିଛନ୍ତି । ଅନେକ ସମ୍ଭାବନା, ଦୁଃଖ, ଯନ୍ତ୍ରଣା ଉପଶମର ଆଶା ସଂଚାର କରିଛି ମାଲକାନଗିରି ଜିଲ୍ଲାର ଗୁରୁପ୍ରିୟା ସେତୁ । ଦ୍ୱୀପାଚଂଳବାସୀଙ୍କର ଜୀବନରେଖା ପାଲଟିଛି । ହଜାର ହଜାର ଲୋକ ଦୀର୍ଘଦିନ ଧରି ଭୋଗୁଥିବା ଜଳବନ୍ଦୀରୁ ମୁକ୍ତ ହେବା ସହ ବହୁ ପ୍ରତିକ୍ଷିତ ସ୍ୱପ୍ନ ପୂରଣ ହୋଇଛି । ବିଚ୍ଛିନ୍ନାଚଂଳ ଭାବେ ଥିବା ୯ଟି ପଂଚାୟତ ସ୍ୱାଭିମାନ ଅଂଚଳର ଏକ ନୂତନ ପରିଚୟ ପାଇଛି । ଏହି ସେତୁ ଦ୍ୱାରା ଆଜି ବହୁ ଲୋକଙ୍କ ଭାଗ୍ୟ ବଦଳିପାରିଛି । ଅନେକ ଘାତ ପ୍ରତିଘାତ, ଅନେକ ପ୍ରତିବନ୍ଧକର ସାମ୍ନା କରିଛି ଏହି ସେତୁ । କେତେବେଳେ ମାଓବାଦୀଙ୍କ ଭୟ ତ ଆଉ କେତେବେଳେ ପାହାଡିଆ ନଦୀର ପ୍ରଖର ସ୍ରୋତ ଯୋଗୁଁ ନିର୍ମାଣ ବାଧକ ସାଜିଥିଲା । ଏତେ ସବୁ ଝଡଝଞ୍ଜାକୁ ସାମ୍ନା କରି ବର୍ଷ ବର୍ଷର ପ୍ରଚେଷ୍ଟା ଦ୍ୱାରା ମାଲକାନଗିରି ବିଚ୍ଛିନ୍ନାଚଂଳବାସୀଙ୍କୁ ଯୋଡିଛି ଗୁରୁପ୍ରିୟା ସେତୁ । ୧୯୮୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । ୨୦୧୮ ମସିହା ଜୁଲାଇ ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍ଘାଟନ କଲେ । ଜଳଭଣ୍ଡାର ଦୁଇ କୂଳରେ ବିଏସଏଫ ଯବାନ ପହରା ଦେଉଥିବା ବେଳେ ୧୮୭.୨୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ୯୧୦ ମିଟର ଲମ୍ବର ସେତୁ । ଯାହାଫଳରେ ୯ଟି ପଂଚାୟତର ୧୫୧ଟି ଗାଁକୁ ସଡକପଥର ବାଟ ଫିଟିଲା । ବଡପଡା, ପାପରମେଟଲା, ଧୁଲିପୁଟ, ରାଲଗେଡା, ଯୋଡାମ୍ବ, ପଣସପୁଟ, ଯନ୍ତ୍ରୀ, ଅଣ୍ଡ୍ରାପାଲି ଓ ଗାଜଲମାମୁଡି ଗ୍ରାମରେ ଏବେ ୬୯୯୫ଟି ଘର ରହିଛି । ୧୩୩୬୫ ଜଣ ପୁରୁଷ ଓ ୧୩୭୦୭ ଜଣ ମହିଳା ବସବାସ କରୁଛନ୍ତି । ସେତୁ ନିର୍ମାଣ ପରେ ବଡପଡାରୁ ହନ୍ତାଲଗୁଡା ଘାଟି ଦେଇ ପଣସପୁଟ ରାସ୍ତା, ପାପରମେଟଲାରୁ ଧୂଳିପୁଟ ଓ ବଡପଡାରୁ ରାଲେଗେଡା ପର୍ଯ୍ୟନ୍ତ ବହୁ ଦୁର୍ଗମ ଅଂଚଳରେ ୧୨୦ରୁ ଅଧିକ ରାସ୍ତା ଓ ହାଇଲେଭେଲ୍ ବ୍ରିଜ ନିର୍ମାଣ ହୋଇପାରିଛି । ଦେଶୀ ଡଙ୍ଗା ଓ ଲଂଚ୍ ଉପରେ ଆଉ ଆଗଭଳି ନିର୍ଭର କରିବାକୁ ପଡୁନି । ଘୋଡାର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି । ପଣସପୁଟ ଓ ଯୋଡାମ୍ବକୁ ଓଏସଆରଟିସି ବସ ଚଳାଚଳ କରୁଥିଲା । ଏବେ ସମସ୍ତ ପଂଚାୟତକୁ ଲକ୍ଷ୍ମୀ ଯୋଜନାରେ ବସ ଚଳାଚଳ କରୁଛି । ଜାନବାଇ ଓ ଯୋଡାମ୍ବ ଠାରେ ପି.ଏଚ.ସି. ରହିଥିବା ବେଳେ ଏବେ ୧୦୮ ଆମ୍ବୁଲାନ୍ସ, ବୋଟ ଓ ବାଇକ ଆମ୍ବୁଲାନ୍ସ ସୁବିଧା ହୋଇପାରିଛି । ଶିଶୁଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ୮୬ଟି ଅଙ୍ଗନବାଡି କେନ୍ଦ୍ର ଖୋଲିପାରିଛି । ପିଲାମାନେ ପଢ଼ିବା ପାଇଁ ବିଦ୍ୟାଳୟ ଓ ଘର ଅଭାବ ରହିଥିଲା । ଏବେ ନୂତନ ବିଦ୍ୟାଳୟ କୋଠା ସହିତ ହଷ୍ଟେଲ ଖୋଲାଯାଇଛି । ନେଟ୍ୱାର୍କ ଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ରହିଥିଲା ଏ ଅଞ୍ଚଳ । ୭୭ଟି ଟାୱାର ମଧ୍ୟରୁ କେତୋଟି ସ୍ଥାପନ ହୋଇଛି ଆଉ କିଛି ନିର୍ମାଣ ଚାଲିଛି । ବ୍ୟାଙ୍କ ସେବା ପାଇଁ ଚିତ୍ରକୋଣ୍ଡାକୁ ଯାଉଥିବା ବେଳେ ଏବେ ବଡପଡାରେ ଆମ ବ୍ୟାଙ୍କ ଖୋଲିଛି ଓ ଆଗକୁ ଅନ୍ୟ ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବାର ଯୋଜନା ରହିଥିବା ପ୍ରଶାସନ କହିଛି । ଗାଁ ଗୁଡିକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବା ସହ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ପାପରମେଟଲା ଓ ଯୋଡାମ୍ବ ଠାରେ ନୂତନ ଥାନା ଖୋଲିଛି । ବହୁ ସ୍ଥାନରେ ବିଏସଏଫ କ୍ୟାମ୍ପ ଖୋଲିଥିବା ବେଳେ ଯବାନଙ୍କ କୁମ୍ବିଂ ଅପରେସନ ଯୋଗୁଁ ମାଓ ହିଂସା ଦୂର ହୋଇପାରିଛି । ଗୁରୁପ୍ରିୟା ସେତୁ ଶାନ୍ତିର ବାର୍ତ୍ତା ବହନ କରୁଛି । ସ୍ୱାଭିମାନ ଅଞ୍ଚଳବାସୀ ଗଣତନ୍ତ୍ରରେ ସାମିଲ ହୋଇ ନିଜର ମତଦାନ କରିପାରୁଛନ୍ତି । ଏବେ ବିଚ୍ଛିନାଞ୍ଚଳ ଶବ୍ଦଟି କେବଳ ଇତିହାସର ଶବ୍ଦ ପାଲଟିଛି ।

# ପୃଥକ୍ ପୃଥକ୍ ସ୍ଥାନରୁ ଦୁଇଟି ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ, ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର, ୧୩/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦୈତାରି ଥାନା ଅଧିନସ୍ଥ ବ୍ରହ୍ମଣିପାଳ ହାଟପଡ଼ିଆରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ହରିଚନ୍ଦନପୁର ଥାନା ସୁନାପେଣ୍ଠ ପଂଚାୟତ କୁଂଟୁଳା ସାହିର ନିଶିକାନ୍ତ ପାତ୍ର(୩୫) ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ନିଶିକାନ୍ତ ବ୍ରାହ୍ମଣିପାଳରେ ନିଜ ପିଉସାଙ୍କ ଘରେ ରହି କଳିଙ୍ଗନଗର ଠାରେ କାମ କରୁଥିଲେ । ହେଲେ ଆଜି ସକାଳୁ ହାଟପଡିଆ ନିକଟରେ ରକ୍ତାକ୍ତ ଅବସ୍ଥାରେ ମୃତଦେହ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ତେବେ ଯୁବକଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ଚର୍ଚ୍ଚା ଯୋର୍ ଧରିଛି । ତାଙ୍କ ସହିତ ରହୁଥିବା ଭଉଣୀଙ୍କ କହିବା ଅନୁସାରେ, କିଛିଦିନ ହେବ ଜଣେ ଯୁବକଙ୍କ ସହିତ ଭାଇର ଝଗଡା ହୋଇଥିଲା । ସେ ଜୀବନରୁ ଭାଇକୁ ମାରିଦେବା ପାଇଁ ଧମକ ଦେଇଥିଲା ।

ସେହିପରି ଦୈତାରି ମାରେଦା ଗ୍ରାମ ନିକଟ ପୋଲ ତଳୁ ଦୈତାରି ପୋଲିସ ଯୁଧିଷ୍ଠିର ମୁଣ୍ଡା(୫୫) ନାମକ ଆଉ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ଉଭୟ ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଏଥିସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ସୂଚନା ରହିଛି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୧୩/୨ (ନି.ପ୍ର):ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୭୯ ଗୋଟି ଅଭିଯୋଗ ମିଳିଥିଲା । ଏଥିରେ ୭୬ ଗୋଟି ବ୍ୟକ୍ତିଗତ ଓ ୩ ଟି ଗ୍ରାମ ସମସ୍ୟା ସମ୍ପର୍କରେ ଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ ଗୋଟି ଆବେଦନ ମିଳିଥିଲା । ତତ୍କାଳୀନ୨ ଗୋଟି ଅଭିଯୋଗର ସମାଧାନ ହୋଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ଅନୁଧାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶୀଷ ପଟ୍ଟନାୟକ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ, ତହସିଲଦାର ଅଭିଷେକ ଦାଶ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ୫ଟି ରୂପାନ୍ତରିତ ବିଦ୍ୟାଳୟ ଉଦ୍‌ଘାଟିତ

ଧର୍ମଶାଳା, ୧୩/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷକ ଭିକେ ପାଣ୍ଡିଆନଙ୍କ ତତ୍ୱଧାନରେ ଭିସି ମାଧ୍ୟମରେ ୪ର୍ଥ ପର୍ଯ୍ୟାୟରେ ୫ଟି ରୂପାନ୍ତରିତ କାର୍ଯ୍ୟକ୍ରମରେ ହାଇସ୍କୁଲ ଗୃହର ଶଭୁ ଉଦଘାଟିତ ହୋଇଯାଇଛି । ଏହି ୪ର୍ଥ ପର୍ଯ୍ୟରେ ଆଜି ପୂର୍ବାହ୍ନରେ ଯାଜପୁର ଜିଲାର ୮୫ଗୋଟି ହାଇସ୍କୁଲର ଲୋକାର୍ପଣ ଉତ୍ସବ ଭିସି ମାଧ୍ୟମରେ ଉଦଘାଟିତ ହୋଇଥିଲା । ଏହି କ୍ରମରେ ରସୁଲପୁର ବ୍ଲକ ଅର୍ଥଙ୍ଗା ପଂଚାୟତସ୍ଥ ତୋରଡ ଉଚ୍ଚ ବିଦ୍ୟାଳୟ ଓ ଝାଲପଡା ପଂଚାୟତ କାକୁଡିକୁଦସ୍ଥ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତୋରଡ ଉଚ୍ଚ ବିଦ୍ୟାଳୟକୁ ସାଜସଜ୍ଜା କରାଯାଇଥିଲା । ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନ ମୋହନ ସାହୁଙ୍କ ତତ୍ୱବଧାନରେ ନୋଡାଲ ଅଫିସର ଶୁଚିସ୍ମିତା ବିଶ୍ୱାଳ,ଅର୍ଥଙ୍ଗା ସରପଂଚ ପ୍ରତିଭା ମଲ୍ଲିକ,ସମିତିସଭ୍ୟା କୁନି ମଲ୍ଲିକ,ବିଜେଡି ପଂଚାୟତ ସଭାପତି କାର୍ତିକ ଚନ୍ଦ୍ର ମହାଳିକ,ଗୋଲକ ଚନ୍ଦ୍ର ପାଢୀ,ଶ୍ରୀମତି ମଲ୍ଲିକ,ଶିକ୍ଷକ ପଶୁ୍ୟରାମ ତ୍ରିପାଠୀ,ଯୁବନେତା ହିମାଂଶୁ ନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ସ୍ଥାନୀୟ ମୁରବୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷାକର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରିଭାବେ କାକୁଡିକୁଦସ୍ଥିତ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସରୋଜ କୁମାର ସାମଲ,ଝାଲପଡା ସରପଂଚ ଭାରତୀ ମଲ୍ଲିକ,ସମିତି ସଭ୍ୟ ନିର୍ମଳ ସାମଲ, ଜିତେନ୍ଦ୍ର କୁମାର ଓଝା, ଶ୍ରୀମମୀ ମୁର୍ମୂ, ସ୍ୱାଗତିକା ପ୍ରଧାନ,ମଞ୍ଜୁସା ପରିଡା,ବଳଭଦ୍ର ସାହୁ,ଜିଆଏସ୍ କ୍ଷିରୋଦ କୁମାର କର ପ୍ରମୁଖ ଉପସ୍ଥିତ ରହି ଥିଲେ । ପରିଚାଳନା କମିଟି ସମସ୍ତ ସଭ୍ୟ/ସଭ୍ୟା,ସ୍ଥାନୀୟ ନେତୃ ମଣ୍ଡଳୀ ଓ ବରିଷ୍ଠ ମୁରବୀଙ୍କ ସମେତ ପୁରାତନ ଛାତ୍ର ସାମିଲ ହୋଇଥିଲେ ।

# ଜୀବନ ସୁରକ୍ଷା କଲ୍ୟାଣ ସମିତିର ପ୍ରତିଭା ସମ୍ମାନ

ପଟ୍ଟାମୁଣ୍ଡାଇ, ୧୩/୨ (ନି.ପ୍ର): ଜୀବନ ସୁରକ୍ଷା କଲ୍ୟାଣ ସମିତି ପଟ୍ଟାମୁଣ୍ଡାଇ ତରଫରୁ ପ୍ରତିବର୍ଷ ପରି ପ୍ରତିଭା ସମ୍ମାନ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଅଛି । ଆବାହକ ଭାରତୀୟ ଜୀବନ ବୀମା ନିଗମର ସିଲିଆ ଗୋଲ୍ଡ ମେଡ଼ାଲିଷ୍ଟ ରଞ୍ଜନ କୁମାର ପ୍ରଧାନଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭାରତୀୟ ଅର୍ଥନୀତିରେ ଜୀବନ୍ବୀମାର ଭୂମିକା ଉପରେ ବକ୍ତୃତା, ଜଙ୍ଗଲ ନିଆଁ ଉପରେ ଚିତ୍ରାଙ୍କନ ଓ ଦେଶାତ୍ମକ ସଙ୍ଗୀତ,ନୃତ୍ୟ ପ୍ରତିଯୋଗିତାରେ ଉତୀର୍ଣ୍ଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗୀତରେ ଆଶୁତୋଷ ନାଥଶର୍ମା,ରୋସନୀ ସିଂହ, ସ୍ୱୟଂଶ୍ରୀ ରାଉଳ ଓ ବକ୍ତୃତାରେ ଆଦିଶା ବିଶ୍ୱାଳ,ଭାଗ୍ୟଶ୍ରୀ ପଣ୍ଡା,ଅଳକନ୍ଦ ଷଡ଼ଙ୍ଗୀ ନୃତ୍ୟରେ ଏମ୍ ଡି ଆକାଂକ୍ଷା ପଣ୍ଡା, ସୁଚିତ୍ରା ତରାଇ,ସତ୍ୟଭାମା ରଣା ଚିତ୍ରାଙ୍କନରେ ୍ର୍ଷାରାଣୀ ମହାରଣା,ଅନନ୍ୟା ସ୍ଥିତପ୍ରଜ୍ଞା ସାହୁ ,ଅଭିପ୍ସା ପଲାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅମିତ୍ କୁମାର ପାତ୍ର ଆଳି, ମୋହିତ ପଣ୍ଡା ପଟ୍ଟାମୁଣ୍ଡାଇ ଓ ରାଜନଗର ଆୟେଶା ମିଶ୍ରଙ୍କୁ ମାଟ୍ରିକ୍ ଟପ୍ପର ଭାବରେ ୫୦୨୧/ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା । ଏହା ସହିତ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମମତାଦଳାଇଙ୍କୁ ସାହାସିକତା ସମ୍ମାନ, କବି ଅଭିରାମ ସାହୁ,ଆଦର୍ଶ ଶିକ୍ଷୟତ୍ରୀ ରେଣୁବାଳା ସାମଲ,ସଞ୍ଜୟ କୁମାର ସାହୁ, ପରିବେଶବିତ୍ ସମରେନ୍ଦ୍ର ମାହାଳି,ଆଦର୍ଶ କୃଷକ ଅନ୍ତର୍ଯ୍ୟାମୀ ଖୁଂଟିଆ, ସମାଜସେବୀ ଶେକ୍ ଲିଆକତ ହୁସେନ୍ ,କ୍ରୀଡାବିତ୍ ସ୍ୱନ୍ଦିତା ଦାସ,ଦକ୍ଷ ସଂଗଠକ ସୁରେଶ ଚନ୍ଦ୍ର ଜେନା, ମହିଳା ଉଦ୍ୟୋଗୀ ପୁଷ୍ପାଞ୍ଜଳି ପାତ୍ର, ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ତବଲାବାଦକ କୃପାସିନ୍ଧୁ ନାୟକ, ସମ୍ବାଦକ ଶତ୍ରୁଘନ ତରାଇଙ୍କୁ ଉତରୀୟ, ମାନପତ୍ର ଓ ଚାରାଗଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପଂଚାୟତ ଉଚ୍ଚବିଦ୍ୟାଳୟ କଷଣଅଂଟାକୁ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ୱାଟର ଫିଲ୍ଟର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ବିତରଣ ଉତ୍ସବରେ ସମ୍ପାଦକ ଗାଳ୍ପିକ ପ୍ରଦୀପ ନାୟକ,ପ୍ର. ଭରତ ଚନ୍ଦ୍ର ପାତ୍ର, ପ୍ର .କୈଳାସ ଚନ୍ଦ୍ର ପାତ୍ର, କବି ସଚ୍ଚିତ୍ର କୁମାର ବେହୁରା ଓ ଶ୍ରୀଯୁକ୍ତ ଅକ୍ଷୟ କୁମାର ରାଉତରାୟ, ଅଜୟ କୁମାର ନାୟକ , ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ଦାଶ ଯୋଗଦେଇ ସମସ୍ତ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ । ସାଇରାମ ପଣ୍ଡାଙ୍କୁ ବିଶେଷ ପୁରସ୍କାର ରେ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ସ୍ତମ୍ଭକାର ବ୍ରଜବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ ଡ଼ିକି ଭାଙ୍ଗି ରୁପା ଅଳଙ୍କାର ଲୁଟ

କୋରେଇ, ୧୩/୨ (ନି.ପ୍ର): ପାଣିକୋଇଲି ଥାନା ଅଂଚଳରେ କ୍ରମାଗତ ଭାବେ ଚୋରି ବୃଦ୍ଧି ପାଉଥିବା ବେଳେ ଚୋର ମାନଙ୍କୁ ଧରିବା ପୁଲିସ ପାଇଁ ଚ୍ୟାଲେଂଜ ପାଲଟିଛି । ତେବେ ଜଣେ ଅଳଙ୍କାର ସଫା କରୁଥିବା କାରିଗରର ବାଇକ ଡ଼ିକି ଭାଙ୍ଗି ଅଳଙ୍କାର ଲୁଟି ନେବା ନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶଯେ କୁଆଖିଆ ଥାନା ଅନ୍ତର୍ଗତ ସୁଆଁସାହି ଗ୍ରାମର କାଳନ୍ଦୀ ସାହୁଙ୍କ ପୁଅ ଶତ୍ରୁଘ୍ନ ଜଣେ ଅଳଙ୍କାର ସଫା କରିବା କାରିଗର ଅଟନ୍ତି । ସେ ପ୍ରତିଦିନ ବାଇକରେ ବୁଲି ବୁଲି ଗାଁରେ ସୁନା ରୁପା ଅଳଙ୍କାର ଆଦିକୁ ସଫା କରି ପରିବାର ପ୍ରତିପୋଷଣ କରିଥାନ୍ତି । ତେବେ ପାଣିକୋଇଲି ପଂଚାୟତ ଅଳତିରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରର ଗେଟ ବାହାରେ ବାଇକ ରଖି ଘରୁ ଅଳଙ୍କାର ସଫା କରିବା ଲାଗି ଯାଇଥିବା ବେଳେ କେହି ଦୁର୍ବୃତ ତାଙ୍କର ବାଇକରୁ ଡ଼ିକି ଭାଙ୍ଗି ରୁପା ଅଳଙ୍କାର ଗୁଡ଼ିକୁ ଲୁଟି ନେଇଥିଲେ । ଅଳଙ୍କାର ସଫା କରି ଶତ୍ରୁଘ୍ନ ଗେଟ ବାହାରକୁ ଆସି ବାଇକର ଡ଼ିକି ଭଙ୍ଗା ଯାଇଥିବା ବେଳେ ସେଥିରେ ଅଳଙ୍କାର ଗୁଡ଼ିକ ନଥିବା ନେଇ ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଥାନାରେ ଏକ ମାମଲା ୯୦/୨୪ରଜୁ କରିବା ସହିତ ସେହି ରାସ୍ତାରେ ଥିବା ଏକ କେବୁଲ କାର୍ଯ୍ୟାଳୟରେ ଲଗାଯାଇଥିବା ସିସିଟିଭି ଫୁଟେଜକୁ ଆଣି ଯାଂଚ କରୁଛି ।

# ଅଳପୁଆରେ କଂଗ୍ରେସ କର୍ମୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅଳପୁଆରେ କଂଗ୍ରେସର ଏକ ବିଶାଳ କର୍ମୀ ସମ୍ମିଳନୀ ପଂଚାୟତ କଂଗ୍ରେସ ସଭାପତି ଚନ୍ଦନ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଂଚ ଶରତ ଚନ୍ଦ୍ର ଦାଶ ଏହି ସମାବେଶରେ ସଭାପତିତ୍ୱ କରି ଉଭୟ ସାଂସଦ ଓ ବିଧାୟକ ଅଳପୁଆ ପ୍ରତି ଚରମ ଅବହେଳା କରିଛନ୍ତି ବୋଲି ଅଭିଯୋଗ କରିଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ କେନ୍ଦ୍ରାପଡ଼ାର ଲୋକସଭା ଓ ବିଧାନସଭା ପ୍ରତିନିଧି ଧୋୟାଂଚଳ ସମସ୍ୟା ପ୍ରତି ଉଦାସୀନ ରହିଛନ୍ତି ଓ ବିଗତ ପାଂଚ ବର୍ଷ ଭିତରେ ଏହି ଦୁଇ ପ୍ରତିନିଧିଙ୍କ ଦ୍ୱାରା କୌଣସି ଗୋଟିଏ ଆଖିଦୃଶିଆ କାର୍ଯ୍ୟ କରାଯିବାର ପ୍ରମାଣ ନାହିଁ । ଶିଳାନ୍ୟାସ ହୋଇଥିବା ବ୍ରାହ୍ମଣୀ ନଦୀ ଉପରେ ଦାମଦର ପାଟଣା ସେତୁ ଓ ଆଗାମୀ ସାଧାରଣ ନିର୍ବାଚନରେ ଧୋୟାଂଚଳ ଭୋଟଦାତା ଭାଇଭଉଣୀମାନେ ଏହାର ବିଚାର କରିବେ ଓ କଂଗ୍ରେସ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭାବେ ସମର୍ଥନ କରିବେ । ଶ୍ରୀ ବେହେରା ଅଳପୁଆ ବାସୀଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, "ଜ୍ୟେଷ୍ଠେ କଦଳୀ ଆଷାଢେ କିଆ, ଡାକେ ନ ଡାକେ ହୋଇବି ଠିଆ" । କେନ୍ଦ୍ରାପଡ଼ା ଲୋକସଭା ପାଇଁ ଆଶାୟୀ କଂଗ୍ରେସ ପ୍ରାର୍ଥୀ ଯୁବ ଇଞ୍ଜିନିୟର ସିଦ୍ଧାର୍ଥ ସ୍ୱରୂପ ଦାଶ ନିଜ ଭାଷଣରେ କହିଥିଲେ ଯେ କେନ୍ଦ୍ର ବିଜେପି ସରକାର ଓ ରାଜ୍ୟ ବିଜେଡି ସରକାରଙ୍କର କେନ୍ଦ୍ରାପଡ଼ା ପ୍ରତି ଦରଦ ନାହିଁ । ଏହି ଦୁଇ ବେଦରଦୀ ସରକାର ବିରୁଦ୍ଧରେ କଂଗ୍ରେସକୁ ଭୋଟ ଦେବାକୁ ନିବେଦନ କରିଥିଲେ । ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ବିଶ୍ୱାଳ, ଉମାକାନ୍ତ ରାଉତ, ନିମାଇଁ ଚରଣ ସେଠୀ, ସୌମ୍ୟରଞ୍ଜନ ଦାସ ନିଜର ବକ୍ତବ୍ୟ ରଖି ଗଣେଶ୍ୱର ବେହେରାଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ବିଧାନସଭା ପଠାଇବାକୁ ଅଳପୁଆ ପଂଚାୟତର ସମସ୍ତ ଭୋଟ ଦାତା ଭାଇ ଭଉଣୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ବୀରବର ବିଶ୍ୱାଳ, ବେଣୁଧର ଯେନା, ଚତୁର୍ଭୁଜ ଦାଶ, ରବିନ୍ଦ୍ର ଯେନା, କିଶୋର ଚନ୍ଦ୍ର ମହାନ୍ତି, ରବିନ୍ଦ୍ର ସାହୁ ଓ ଗୋକୁଳ ଚନ୍ଦ୍ର ସେଠୀ ବିଜେଡି ଓ ବିଜେପି ଦଳ ଛାଡି ଗଣେଶ୍ୱର ବେହେରାଙ୍କ ସମର୍ଥନରେ କଂଗ୍ରେସରେ ଯୋଗ ଦେଇଥିଲେ ।

# ଭୁବନେଶ୍ୱରରେ ୩୮୪ ଜଣଙ୍କୁ ନିଯୁକ୍ତି ପତ୍ର ବାଂଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୩/୨ (ନି.ପ୍ର): ସାମର୍ଥ୍ୟବାନ ଯୁବଶକ୍ତି ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛନ୍ତି ବୋଲି ସୋମବାର ଭୁବନେଶ୍ୱରରେ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ୩୮୪ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ କଠିନ ପରିଶ୍ରମ ପରେ ସଫଳତା ପାଇଥିବା କର୍ମଯୋଗୀ ବନ୍ଧୁ ମାନଙ୍କୁ ଶୁଭେଚ୍ଛା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ରୋଜଗାର ମେଳା ଯୁବକ ଯୁବତୀ ମାନଙ୍କୁ ସଶକ୍ତୀକରଣ ଏବଂ ବିକଶିତ ଭାରତରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ସୁଯୋଗ ଦେଉଛି । ନିଯୁକ୍ତ ପାଇଥିବା ଯୁବଶକ୍ତିଙ୍କ ପରିଶ୍ରମ ହିଁ ଦେଶକୁ ବିକଶିତ କରିବ । ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ନିଯୁକ୍ତ ପାଇଥିବା ପ୍ରାର୍ଥୀଙ୍କୁ ପରାମର୍ଶ ଦେବା ସହ ଧନ୍ୟବାଦ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ମଜଭୂତ୍ ସ୍ଥିତିରେ ପହଞ୍ଚିଛି । ଦେଶ ବିଶ୍ୱର ପଞ୍ଚମ ବୃହତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଆଗାମୀ ତିନି ବର୍ଷ ମଧ୍ୟରେ ୩ ନମ୍ବର ଅର୍ଥନୀତି ହେବ । ବର୍ତମାନ ସମୟରେ ସ୍କିଲିଂ, ରି- ସ୍କିଲିଂ ଓ ଅପ୍ - ସ୍କିଲିଂ ନିତିଦିନିଆ କାର୍ଯ୍ୟରେ ପରିଣତ ହେଲାଣି । ସମୟ ସହ ନୂଆ ନୂଆ ଟେକ୍ନୋଲୋଜି ଆସୁଛି । ଡିଜିଟାଲ ଦୁନିଆ ଭାରତକୁ ଆଗକୁ ନେଉଛି । ଆମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଆଜି ନିଯୁକ୍ତି ପାଇଥିବା ପ୍ରାର୍ଥୀ ମାନେ ଆଗାମୀ ୨୫ ବର୍ଷ ଭିତରେ ଦକ୍ଷତାକୁ ବହୁ ଗୁଣିତ କରିବା ପାଇଁ ଏବେ ଠାରୁ ପ୍ରୟାସ କରିବାର ଆବଶ୍ୟକତା ଅଛି । ପାଠ ପଢି ଯେଉଁମାନେ ସରକାରୀ ଦାୟିତ୍ୱରେ ଅଛନ୍ତି ସେମାନେ ହିଁ ଦେଶକୁ ଆଗକୁ ନେବେ । ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବ । ଓଡ଼ିଶା ବିକଶିତ ହେଲେ ହିଁ ଭାରତ ବିକଶିତ ହେବ । ପ୍ରଧାନମନ୍ତ୍ରୀ ଏକ ଭାରତ ଶ୍ରେଷ୍ଠ ଭାରତର ନାରା ଦେଇଛନ୍ତି । ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ବେଳେ ଦେଖାଗଲା କି ସମସ୍ତଙ୍କର ଗୋଟିଏ ଭାବଧାରା ଅଛି । ଭାଷା, ସ୍ଥାନ, ପୋଷାକ, ଖାଦ୍ୟ ଏବଂ ରୁଚି ଆମ ପାଇଁ ଅଲଗା ହୋଇପାରେ । କିନ୍ତୁ ଆମେ ବିବିଧତାରେ ଏକ । ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' କଳ୍ପନାରେ ଭାରତୀୟ ଭାବେ ଆମ ଦେଶକୁ ବିଶ୍ୱରେ ଅଗ୍ରଣୀ କରିବା ପାଇଁ, ଓଡ଼ିଶାର ସ୍ୱାଭିମାନକୁ ବଢାଇବା ପାଇଁ ଏବଂ ମାନବ ସମାଜକୁ ଆଗେଇ ନେବା ପାଇଁ ତପସ୍ୟା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଯୁବ ସମାଜକୁ ଆହ୍ୱାନ କରିଛନ୍ତି । ଉଲ୍ଲେଖନୀୟ ଯେ, ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ ସିଆଇଏସଏଫରେ ୧୦୦ ଜଣ, ପୂର୍ବତଟ ରେଳ ବିଭାଗରେ ୭୪, ଏମ୍ସରେ ୫୬, ସିବିଆଇସିରେ ୪୦, ଏଫସିଆଇରେ ୨୯, ବିଏସଏଫରେ ୨୪, ଇପିଏଫଓରେ ୧୭, ଇନକମ ଟ୍ୟାକ୍ସରେ ୧୦, ଭାରତୀୟ ଡାକ ବିଭାଗରେ ୯, ଜନଜାତି ବ୍ୟାପାର ମନ୍ତ୍ରଣାଳୟରେ ୯, ସିଡବ୍ଲୁସିରେ ୭, ସିଆରପିଏଫରେ ୬ ଏବଂ ସିପିଡବ୍ଲୁଡିରେ ୦୩ ଜଣ ସର୍ବମୋଟ ୩୮୪ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କରାଯାଇଥିଲା ।

# ରାୟପୁରଠାରେ ନନ୍ଦିଘୋଷ ରଥ ଚକକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ରାୟପୁର , ୧୩/୨ (ନି.ପ୍ର): ଛତିଶଗଡ଼ ର ରାଜଧାନୀ ରାୟପୁର ଠାରେ ନିକଟରେ ବିଗତ ବର୍ଷର ରଥଯାତ୍ରା ରେ ନନ୍ଦିଘୋଷ ରଥରେ ବ୍ୟବହାର କରାଯାଇଥିବା ଚକ କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆରୋହଣ କରିଥିବା ଏହି ପବିତ୍ର ଚକ ଗାୟତ୍ରୀ ନଗର ସ୍ଥିତ ଛତିଶଗଡ଼ ର ସ୍ୱର୍ବୃହତ ଜଗନ୍ନାଥ ମନ୍ଦିରର ପ୍ରାଙ୍ଗଣରେ ପଂହଁଚିବା କ୍ଷଣି ମନ୍ଦିର ର ପ୍ରତିଷ୍ଠାତା,ଶ୍ରୀଜଗନ୍ନାଥ ସେବା ସମିତି ର ସଭାପତି ଏବଂ ରାୟପୁର ନଗର ଉତ୍ତର ନିର୍ବାଚନ ମଣ୍ଡଳୀ ର ବିଧାୟକ ପୁରନ୍ଦର ମିଶ୍ର, ଏହାକୁ ପାରମ୍ପରିକ ଢଙ୍ଗରେ ବନ୍ଦାପନା କରି ଗ୍ରହଣ କରିଥିଲେ । ରାୟପୁରକୁ ବଡ଼ଠାକୁରଙ୍କ ରଥ ଚକ ଆଗମନ କରିବାର ଏହା ପ୍ରଥମ ଘଟଣା ଥିଲା ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।

ଗତ ରବିବାର ୧୧ ତାରିଖର ଶୁକ୍ଳପକ୍ଷ ଦ୍ୱିତୀୟା ତିଥିର ଶୁଭ ଦିବସରରେ ଚକ ଭ୍ରମଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ରଥ ଉପରେ ଶୋଭା ପାଉଥିବା ତିନିଦିଅଁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ଶୁଭଦ୍ରା ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ଶ୍ରୀ ଜଗନ୍ନାଥ ସେବା ସମିତି ର ସଦସ୍ୟ ବୃନ୍ଦ ତଥା ଶତାଧିକ ଭକ୍ତ ଏହି ଭବ୍ୟ ଚକ ର ଦିବ୍ୟ ଦର୍ଶନ ଲାଭ କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ମୁଖ୍ୟ ଉଦ୍ୟୋକ୍ତା ପୁରନ୍ଦର ମିଶ୍ର, ଗୁରୁଶ୍ରୀ ସଦନ ତିୱାରୀ, ବିଜେପି ନେତା ସଂଜୟ ଶ୍ରୀବାସ୍ତବ, କିଶୋର ମହାନନ୍ଦ,ରୋହିତ ସାହୁ, ସୀମା ସନ୍ତୋଷ ସାହୁ, ସୁନୀଲ କୁକ୍ରେଜା, ଅଜୟ ଦେବତା, ସୌରଭ ମିଶ୍ର ଓ ଅର୍ପିତ ସୂର୍ଯ୍ୟବଂଶୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ଏହାପରେ ଚକ ଆସୀନଥିବା ଏହି ସୁନ୍ଦର, ସୁଶୋଭିତ ରଥ ଟିକୁ ଭଜନ, କୀର୍ତ୍ତନ ଓ ଢୋଲ ବାଦକ ଦଳଙ୍କ ସହିତ ନଗର ଭ୍ରମଣ ପାଇଁ ବିଦା କରାଯାଇଥିଲା । ଖୁବ ଜାକଜମକ, ସାହି ରୋଷଣୀ ଓ ଭକ୍ତଗଣଙ୍କର




ପ୍ରବଳ ଆନଂଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ମଧ୍ୟରେ ମନ୍ଦିର ରୁ ବାହାରିଥିବା ଏହି ରଥ ଚକ ଶୋଭାଯାତ୍ରାର ନେତୃତ୍ୱ ପୁରୁନ୍ଦର ମିଶ୍ର କରିଥିଲେ ।ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଫେବ୍ରୁୟାରୀ ୧୧ ତାରିଖ ରୁ ୨୧ତାରିଖ ପର୍ଯ୍ୟନ୍ତ ଏହି ରଥ ରାୟପୁର ର କୋଣ ଅନୁକୋଣରେ ଭ୍ରମଣ କରିବ ।ଏହି ସମୟରେ ରଥ ରାଜଧାନୀର ପ୍ରସିଦ୍ଧ ରାମ ମନ୍ଦିର, ରାଜ୍ୟପାଳ ଙ୍କର ନୀବାସ ରାଜଭବନ, ମୁଖ୍ୟମନ୍ତ୍ରୀ ଙ୍କର ନୀବାସ ଏବଂ ଜେଲ ଆଦି ଗ୍ରସ୍ତ କରିବ ।ପରବର୍ତ୍ତୀ ପର୍ଯ୍ୟାୟରେ ଏହି ରଥ ଫେବୃୟାରୀ ୨୨ ତାରିଖରୁ ଛତିଶଗଡ଼ ର ମହାସମୁନ୍ଦ ତଥା ଓଡ଼ିଶାର ରାଜଖଡ଼ିଆର ରୋଡ଼ , କୁମନା ଓ ବରଗଡ଼ ଆଦି ଅଞ୍ଚଳ ଭ୍ରମଣ କରିବାକୁ ଯାଉଥିବା ଜଣାଯାଇଛି । ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପୁରୀଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।ସେହି ସମୟରେ ରଥ ଚକ ସ୍ପର୍ଶ କରିବା ମାତ୍ରେ ଜୀବନର ସମସ୍ତ ପାପ କ୍ଷୟ ଘଟିଥାଏ ବୋଲି ବିଶ୍ୱାସ ରହିଛି ।କିନ୍ତୁ ରଥଯାତ୍ରା କାଳରେ ଭାରି ଭିଡ଼ ଯୋଗୁଁ ଚକକୁ ଛୁଇଁବା ଲୋକମାନଙ୍କ ପକ୍ଷରେ ସମ୍ଭବ ପର ହୋଇନଥାଏ। ଏହି ଦୃଷ୍ଟି ରୁ ଭକ୍ତଗଣ ଙ୍କର ପୁଣ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ଏହି ଚକ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପୁରନ୍ଦର ମିଶ୍ର ସୂଚାଇଛନ୍ତି ।ଏହି ଚକଯାତ୍ରା ପର୍ଯ୍ୟାୟରେ ଛତିଶଗଡ଼ ଓ ଓଡ଼ିଶାର ଲକ୍ଷାଧିକ ଶ୍ରଦ୍ଧାଳୁ ନନ୍ଦିଘୋଷ ରଥର ଚକ କୁ ଛୁଇଁବାର ପରମ ସୌଭାଗ୍ୟ ପ୍ରାପ୍ତ କରିବେ ବୋଲି ଶ୍ରୀ ମିଶ୍ର ଉଲ୍ଲେଖ କରିଛନ୍ତି ।

# ସାଂସଦ ଖେଳ ମହାକୁମ୍ଭ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ , ୧୩/୨ (ନି.ପ୍ର): ବେତନଟୀ ବ୍ଲକ ଆଗ୍ରୀଆ ପଞ୍ଚାୟତ ବୀଣାପାଣି ଯୁବକ ସଂଘର ସଭାଗୃହରେ ଫେବୃଆରୀ ୧୬ ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବ କୁ ଥିବା ସାଂସଦ ଖେଳ ମହାକୁମ୍ଭ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଙ୍କ ସଂଯୋଜନା ରେ ଅନୁଷ୍ଠିତ ବୈଠକରେ ଖେଳ ମହାକୁମ୍ଭ ବିଷୟରେ କାର୍ଯ୍ୟସୂଚୀ ସ୍ଥିର କରାଯାଇଥିଲା । ଏଥିରେ ମନି ମାରାଥନ, କ୍ରିକେଟ, ଫୁଟବଲ୍, ଭଲିବଲ, କବାଡି,ଖୋକୋ ଓ ବିଭିନ୍ନ ଆଥେଲେଟିକସ ଖେଳ ଅନୁଷ୍ଠିତ ହେବା ସହିତ ଏହି ସବୁ ଖେଳ ଆଗ୍ରିଆ ବାସନ୍ତୀ ପଡିଆ ବେତନଟୀ ତୁଳସୀ ଚଉରା ପଡିଆ ଖେଳ ହେବ ବୋଲି ସ୍ଥିର ହୋଇଛି । ଏହି ବୈଠକରେ ସାଂସଦ ମହାକୁମ୍ଭର ବଡ଼ସାହି ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସାଂସଦ ମହାକୁମ୍ଭ ର ବେତନଟୀ ବ୍ଲକ ସଂଯୋଜକ ଜୀବନ କୁମାର ପରିଡ଼ା , ଶାନ୍ତନୁ ପଣ୍ଡା, ପିତାମ୍ବର ମହାପାତ୍ର, ଶିବ ନାରାୟଣ ଘୋଷ, ବିକାଶ ଦାସ, ଉତ୍ସର୍ଗ ବେହେରା,ହରିଶ ପ୍ରଧାନ, ରାଜେଶ ବେହେରା, ରାକେଶ ମହାନ୍ତ, ଜିତେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# ଶତାୟୁ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ରବୀନ୍ଦ୍ର ମୋହନ ଦାସଙ୍କ ୧୧୩ ତମ ଜୟନ୍ତୀ ପାଳନ




ବାଲେଶ୍ୱର, ୧୩/୨ (ନି.ପ୍ର): ଡକ୍ଟର ରବୀନ୍ଦ୍ରମୋହନ ଦାସ ଫାଉଣ୍ଡେସନ୍ ଟ୍ରଷ୍ଟ ବାଲେଶ୍ୱର ଆନୁକୂଲ୍ୟରେ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ସଭାଗୃହରେ ବାଲେଶ୍ୱର ମାଟିର ଯୁଗପୁରୁଷ ଡକ୍ଟର ରବୀନ୍ଦ୍ରମୋହନ ଦାସଙ୍କ ୧୧୩ ତମ ଜୟନ୍ତୀ ଫେବ୍ରୁଆରି ୧୨ ତାରିଖ ସୋମବାର ଅପରାହ୍ଣ ୪ଟାରେ ଅତ୍ୟନ୍ତ ଆବେଗପୂର୍ଣ୍ଣ ପରିବେଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ବରିଷ୍ଠ କବି ଶ୍ରୀଦେବଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ବିଶେଷ ଅତିଥି ଭାବରେ ସୁବିଖ୍ୟାତ ପଦାର୍ଥବିଜ୍ଞାନବିତ୍ ଡ. ଜ୍ଞାନଦେବ ମହାରଣା, ମୁଖ୍ୟବକ୍ତା ଭାବରେ ବିଶ୍ୱବିଦ୍ୟାଳୟର ଭାଷା-ସାହିତ୍ୟ ବିଭାଗ ପ୍ରଫେସର ଡ. ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ସବ୍ୟସାଚୀ ପଟ୍ଟନାୟକ, ପ୍ରବୀଣ ସ୍ତମ୍ଭକାର ତଥା ବରିଷ୍ଠ କବି ଗୁରୁକଲ୍ୟାଣ ମହାପାତ୍ର, ଆଇଆଇଟିଆନ୍ ଇଂ. ରୁଦ୍ରପ୍ରତାପ ଦାସ, ସାମାଜିକ କର୍ମୀ ସର୍ବେଶ୍ୱର ଦାସ ପ୍ରମୁଖ ସଂଗ୍ରାମୀ ରବୀନ୍ଦ୍ରମୋହନ ଦାସଙ୍କ ଅତୁଳନୀୟ ଜୀବନାଦର୍ଶ ସଂପର୍କିତ ବକ୍ତବ୍ୟ ରଖିଥିଲେ । ସର୍ବପ୍ରଥମେ ମାଟିର ମହାପୁରୁଷ ରବୀନ୍ଦ୍ରମୋହନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ତଥା ପୁଷ୍ପକୁଣ୍ଡରେ ନୀରଦାନ ପୂର୍ବକ ମୁଖ୍ୟଅତିଥି କୁଳପତି ଡ. ତ୍ରିପାଠୀଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ କରାଯିବା ପରେପରେ ରବୀନ୍ଦ୍ରମୋହନଙ୍କ ଜ୍ୟେଷ୍ଠାକନ୍ୟା ଯଶୋଧାରା ଦାସଙ୍କ ଦ୍ୱାରା ଅତିଥିବୃନ୍ଦଙ୍କୁ ମଞ୍ଚ-ସ୍ୱାଗତ ତଥା ଉପସ୍ଥିତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧାପକ, ପ୍ରାଧାପକ, ସମ୍ମାନସ୍ପଦ ଅତିଥିବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶ୍ରୀମତୀ କଲ୍ୟାଣୀ ନନ୍ଦଙ୍କ ସୁମଧୁର ସଂଗୀତ ତଥା ଗୁରୁ ଶ୍ରୀ ଲକ୍ଷ୍ମୀଧର ଜେନାଙ୍କ ତବ୍‌ଲା ମିଳିତ ସହଯୋଗରେ ଶାନ୍ତିଲତା ବିଶି, ତୃପ୍ତିରାଣୀ କର, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ ପ୍ରମୁଖ ରବୀନ୍ଦ୍ରମୋହନଙ୍କ ଉଦ୍ଦେଶ୍ୟରେ ସୁମଧୁର ସଂଗୀତ ପରିବେଷଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଘରୋଇ ଉପଭୋକ୍ତାଙ୍କୁ ....

ସେଥିରେ ହ୍ରାସ କରାଯାଇଛି । ବର୍ତ୍ତମାନ ସେମାନଙ୍କୁ ୫ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ । ପ୍ରିପେଡ୍ ସ୍ମାର୍ଟ ମିଟର ଲାଗିବାରେ ଆଗରୁ ୨% ରିବେଟ୍ ଦିଆଯାଉଥିଲା । ଏବେ ୨ ବଦଳରେ ୪% ରିବେଟ ଦେବା ପାଇଁ ଆୟୋଗ ଘୋଷଣା କରିଛନ୍ତି । ଶୀତଳ ଭଣ୍ଡାର ପାଇଁ ପୂର୍ବରୁ ୟୁନିଟ୍ ପିଛା ୪ ଟଙ୍କା ୬୦ ପଇସା ଦେବାକୁ ପଡୁଥିଲା । ସେଥିରେ ୧.୬୦ ପଇସା ହ୍ରାସ କରିଛନ୍ତି । ବର୍ତ୍ତମାନ ଶୀତଳ ଭଣ୍ଡାର ପାଇଁ ୟୁନିଟ୍ ପିଛା ୩ ଟଙ୍କା ଦେବାକୁ ପଡ଼ିବ ବୋଲି ଆୟୋଗ ଘୋଷଣା କରିଛନ୍ତି । ସେହିପରି ମେଗା ଲିପ୍‌ଟ ଇରିଗେସନ୍ ଉପଭୋକ୍ତାଙ୍କୁ ଟାରିଫରେ ୨ ଟଙ୍କା ଲେଖାଏଁ ରିବେଟ୍ ଦିଆଯାଇଛି । ଯାହାଫଳରେ ସେମାନେ ୟୁନିଟ୍ ପିଛା ୩ ଟଙ୍କା ୮୦ ପଇସା ଲେଖାଏଁ ଇଏସ୍‌ଟିରେ ପାଇବେ । ଧାର୍ଯ୍ୟ ସମୟରେ ଗ୍ରାମାଞ୍ଚଳ ଉପଭୋକ୍ତ ବିଲ୍ ପୈଠ କଲେ ଟାରିଫରେ ୧୦ ପଇସା ରିବେଟ ଦିଆଯାଇଛି । ତା'ଛଡ଼ା ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ମଧ୍ୟ ଟାରିଫ ହ୍ରାସ କରାଯାଇଛି । ସେମାନେ ୧୦ ପଇସା ଲେଖାଏଁ ଟାରିଫରେ ରିବେଟ୍ ଦିଆଯାଇଛି ।

### 'ମମତା' ସହାୟତା ...

ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ସହ ପୁଷ୍ଟିହୀନତା ଦୂର କରିବାରେ ଏହି ଯୋଜନା ସହାୟକ ହେଉଛି ବୋଲି ରାଜ୍ୟ ସରକାର ଦାବି କରୁଛନ୍ତି । ମମତା ଯୋଜନାରେ ୧୯ବର୍ଷ ବୟସରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ(ଗର୍ଭବତୀ ମହିଳାଙ୍କୁ) ଦୁଇଟି ଜୀବିତ ସନ୍ତାନ ପାଇଁ ଏହି ସହାୟତା ଦିଆଯାଇଥାଏ । ଏହି ସହାୟତା ରାଶି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥାଏ ।

### ନିଲାମ ହେବ...

୨ ଗାଡ଼ି ଜବତ କରିଥିଲା । ହନିଟ୍ରାପ ମାମଲା ସାମ୍ନାକୁ ଆସିବା ପରେ ୨୦୨୨ ମସିହା ନଭେମ୍ବର ୧୦ ତାରିଖରେ ଇଡି ଅର୍ଚ୍ଚନାଙ୍କ ଘରେ ଚଢ଼ଉ କରିଥିଲା । ସେହି ସମୟରେ ଏହି ଗାଡ଼ି ଦୁଇଟିକୁ ଦେଖିବାକୁ ପାଇଥିଲା । ପରବର୍ତ୍ତୀ ସମୟରେ ଗୋଟିଏ ଗାଡ଼ି ଗାଏବ ହୋଇଯାଇଥିଲା । ଏହାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ୨୦୨୨ ମସିହା ନଭେମ୍ବର ୨୦ ତାରିଖ ରାତିରେ ମଞ୍ଚେଶ୍ୱରରେ ଏକ ପରିତ୍ୟକ୍ତ ଅଞ୍ଚଳରେ ଗାଡ଼ିଟି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଇଡି ଗାଡିଟିକୁ ଯାଞ୍ଚ କରି ଜବତ କରିଥିଲା । ଏଥିସହ ଅର୍ଚ୍ଚନାଙ୍କ ବିଳାଶପୂର୍ଣ୍ଣ ଘରକୁ ମଧ୍ୟ ଇଡି ଜବତ କରିଥିଲା । ଯାହାର ଅନୁମାନିକ ମୂଲ୍ୟ ୪ କୋର୍ଟି ଟଙ୍କା ହେବ । ଇଡି ପ୍ରଥମ ପର୍ଯ୍ୟାୟରେ ଅର୍ଚ୍ଚନାଙ୍କ ଦୁଇ ଦାମୀ ଗାଡ଼ିକୁ ନିଲାମ ପାଇଁ କୋର୍ଟରେ ଆବେଦନ କରିଛି । ପରବର୍ତ୍ତୀ ସମୟରେ ଘର ନିଲାମ ପାଇଁ ଆବେଦନ କରିପାରେ । ସେପଟେ ଶୁଣିବାକୁ ମିଳୁଛି, ଇଡିର ନିଲାମ ପ୍ରକ୍ରିୟାକୁ ବିରୋଧ କରି କୋର୍ଟରେ ଆଶ୍ରୟ ନେଇପାରନ୍ତି ଅର୍ଚ୍ଚନା । ତେବେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ଚିତ୍ର ଆସିଛି । ହନିଟ୍ରପ୍, ବ୍ଲକ ମେଲିଂ, ଦାଦାବଟି ପରି ମାମଲାରେ ଛନ୍ଦି ହୋଇପଡ଼ିଥିଲା ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ । ପରେ ସେମାନଙ୍କୁ ଗିରଫ କରିଥିଲା ଇଡି । ଏଥିସହ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟ ଗିରଫ ହୋଇଥିଲେ । ପରବର୍ତ୍ତୀ ସମୟରେ ଜଗବନ୍ଧୁ ଓ ଅର୍ଚ୍ଚନା ପର୍ଯ୍ୟାୟ କ୍ରମେ ଜେଲ୍‌ରୁ ବାହାରିଥିଲେ ।

### କିଏ ହେବେ ତୃତୀୟ ...

ପୁଣିଥରେ ବିଜେପି ପ୍ରାର୍ଥୀ କରିପାରେ ଓ ବିଜେଡି ତାଙ୍କୁ ସମର୍ଥନ କରିପାରେ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲିଠୁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ ଆସନ୍ତାକାଲି ଅର୍ଥାତ୍ ଫେବୃୟାରୀ ୧୪ତାରିଖରେ ଦଳୀୟ ମୁଖ୍ୟାଳୟକୁ ଯିବା ସହ ରେଳବାଇ ଓ ବିଏସଏନଏଲ୍ ପ୍ରକଳ୍ପର ସମୀକ୍ଷା କରିବେ । ରାତିରେ ରେଳବାଇ ଗେଷ୍ଟ ହାଉସରେ ରାତ୍ରୀ ଯାପନ ରହିବେ । ୧୫ ତାରିଖ ଗୁରୁବାର ସନ୍ଧ୍ୟା ୬.୪୦ରେ ଭୁବନେଶ୍ୱର ଛାଡ଼ିବେ । ତେବେ ସେହି ଦିନ ତାଙ୍କର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିନାହିଁ । କେବଳ ସ୍ଥାନୀୟ କାର୍ଯ୍ୟକ୍ରମ ବୋଲି ଉଲ୍ଲେଖ ରହିଛି । ତେଣୁ ସେ ଗୁରୁବାର ରାଜ୍ୟସଭା ପ୍ରାର୍ଥିପତ୍ର ଦାଖଲ କରିବାର ଥିବା ଚର୍ଚ୍ଚା ହେଉଛି । ବୈଷ୍ଣବଙ୍କ ଗସ୍ତ କାର୍ଯ୍ୟସୂଚୀରେ ବିଧାନସଭାକୁ ଯାଇ ପ୍ରାର୍ଥିପତ୍ର ଦାଖଲ କରିବା ନେଇ କୌଣସି ଉଲ୍ଲେଖ ନଥିବା କୁହାଯାଉଛି । ତଥାପି ଅଶ୍ୱିନୀ ଓଡ଼ିଶାରୁ ପୁଣିଥରେ ରାଜ୍ୟସଭାକୁ ରିପିଟ୍ କରିପାରନ୍ତି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ତେବେ ତୃତୀୟ ପ୍ରାର୍ଥୀଙ୍କୁ ନେଇ ବିଜେଡି ସମ୍ପୂର୍ଣ୍ଣ ନିରବ ରହିଥିବାବେଳେ ରାଜ୍ୟ ବିଜେପିର ନେତାମାନେ ମଧ୍ୟ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ସମ୍ଭାବ୍ୟ ମିଳିତ ପ୍ରାର୍ଥିତ୍ୱକୁ ନାପସନ୍ଦ କରୁଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟର ୩ଟି ଯାକ ରାଜ୍ୟସଭା ଆସନ ପାଇଁ ବିଜେଡି ପାଖରେ ସଂଖ୍ୟାବଳ ଥିଲେ ମଧ୍ୟ ଦଳ ୨ଜଣ ପ୍ରାର୍ଥୀଙ୍କ ନାଁ ଗତକାଲି ଘୋଷଣା କରିଥିଲା । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳର ୨ଜଣ ପ୍ରାର୍ଥୀ ଦେବାଶୀଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ(ପୁରୀର) ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଦଳର ବହୁ ବିଧାୟକ ମଧ୍ୟ ଏହି ନାମାଙ୍କନ ପତ୍ର ଦାଖଲ ସମୟରେ ଉପସ୍ଥିତି ଥିଲେ । ଏହି ଦୁଇଜଣଙ୍କ ନାମାଙ୍କନ ପରେ ବିଜେଡି ତୃତୀୟ ପ୍ରାର୍ଥୀ ଦେଇନପାରେ ବୋଲି ଚର୍ଚ୍ଚା ହେଉଛି । ବିଜେପି ସହ ବୁଝାମଣା ଯୋଗୁ ହୁଏତ ବିଜେଡି ଏହି ତୃତୀୟ ଆସନକୁ ଖାଲି ରଖିଥିବା ନେଇ ରାଜନୀତିକ ମହଲରେ ଆକଳନ କରାଯାଉଛି । ଏପଟେ ଅଶ୍ୱିନୀ ବୈଷ୍ଣବଙ୍କ ଓଡ଼ିଶା ଗସ୍ତରେ ଆସୁଥିବାରୁ ବିଜେପି ତାଙ୍କୁ ପୁଣିଥରେ ରାଜ୍ୟସଭାକୁ ପଠାଇପାରେ ବୋଲି ଚର୍ଚ୍ଚା ହେଉଛି । ସେ ୨୦୧୯ ମସିହାରେ ଓଡ଼ିଶାରୁ ବିଜେଡି ସମର୍ଥନରେ ବିଜେପି ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଏବେ ସେହି ସମାନ ଢଙ୍ଗରେ ରାଜ୍ୟସଭାକୁ ପୁଣି ଯାଇପାରନ୍ତି ବୋଲି କୁହାଯାଉଛି । ଯଦିଓ ସମସ୍ତ କେନ୍ଦ୍ରମନ୍ତ୍ରୀଙ୍କୁ ଲୋକସଭା ଲଢ଼ିବା ପାଇଁ ପୂର୍ବରୁ ବିଜେପି ପକ୍ଷରୁ ପରାମର୍ଶ ଦିଆଯାଇଥିଲା, ବୋଧହୁଏ ଅଶ୍ୱିନୀଙ୍କ କ୍ଷେତ୍ରରେ ତାହା କୋହଳ ହୋଇଛି । ସୂଚନାଯୋଗ୍ୟ, ବିଜେଡି ସାଂସଦ ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ ସମେତ ବିଜେପି ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା କାର୍ଯ୍ୟକାଳ ଚଳିତବର୍ଷ ଏପ୍ରିଲ ୨ତାରିଖରେ ଶେଷ ହେଉଛି । ଏହି ୩ଟି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ୧୫ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି । ବିଧାନସଭାରେ ବିଜେପିର ମାତ୍ର ୨୨ଜଣ ବିଧାୟକ ଥିବାବେଳେ ଜଣେ ପ୍ରାର୍ଥୀଙ୍କ ଜିତିବା ପାଇଁ ସର୍ବନିମ୍ନ ୩୭ଜଣ ବିଧାୟକଙ୍କ ସମର୍ଥନ ଜରୁରୀ ।

### ଜୟା ପ୍ରଦାଙ୍କୁ ଗିରଫ କରିବା ...

ଗିରଫ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଶ୍ରୀ ତିୱାରୀ କହିଛନ୍ତି । ଆଚରଣ ବିଧି ଉଲ୍ଲଙ୍ଘନ ସହ ଜଡ଼ିତ ୨ଟି ମାମଲାରେ ଜୟା ପ୍ରଦାଙ୍କ ବିଚାର ଚାଲିଛି । ମାମଲାର ଶୁଣାଣି ଥିଲେ ହେଁ ସେ ଆଦୌ ଏହାକୁ ଖାତିର କରୁ ନାହାନ୍ତି । ୨୦୧୯ ଲୋକସଭା ନିର୍ବାଚନ ଠାରୁ ଏହି ମାମଲା ଚାଲିଛି । ଆଚରଣ ବିଧି ଉଲ୍ଲଙ୍ଘନ କରିବା ଅଭିଯୋଗରେ ଜୟାଙ୍କ ନାଁରେ ଦୁଇଟି ଏଫଆଇଆର ସ୍ୱାର ଓ କେମରି ପୁଲିସ୍ ? ଷ୍ଟେସନରେ ରୁଜୁ ହୋଇଥିଲା । ତଥାପି ସେ ରାମପୁର ଆସନରେ ବିଜେପି ଟିକେଟରୁ ନିର୍ବାଚନ ଲଢ଼ିଥିଲେ । କିନ୍ତୁ ତାଙ୍କୁ ହାରିବାକୁ ପଡ଼ିଥିଲା । ଗତବର୍ଷ ମଧ୍ୟ ଜୟା ପ୍ରଦା ଏମିତି ବିବାଦରେ ଫସିଥିଲେ । ଜୟା ପ୍ରଦା ତାଙ୍କ ଥିଏଟରରେ କାମ କରୁଥିବା କର୍ମଚାରୀଙ୍କ ଇଏସ୍ ?ଆଇ ଟଙ୍କା ଦେଇ ନଥିଲେ । ମାମଲା କୋର୍ଟରେ ପହଞ୍ଚିଥିଲା । ଶୁଣାଣି ବେଳେ ଜୟା ପ୍ରଦା ଦୋଷ ସ୍ୱୀକାର କରି କର୍ମଚାରୀଙ୍କ ଟଙ୍କା ଫେରସ୍ତ କରିବେ ବୋଲି ରାଜି ହୋଇଥିଲେ । ତଥାପି ଚେନ୍ନାଇର ଗୋଟିଏ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତାଙ୍କୁ ୬ ମାସ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଫାଇନ ଲାଗୁ କରାଯାଇଥିଲା ।

### ଓଡ଼ିଶାରେ ଚାଲିଛି ଆଉଟସୋର୍ସିଂ ...

କହିଛନ୍ତି ଶିବରାଜ । ଚଳିତ ନିର୍ବାଚନରେ ଓଡ଼ିଶାରେ ବିଜେପି ବହୁମତ ସହ ସରକାର କରିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ । ସେ କହିଛନ୍ତି,ଲୋକସଭାରେ ବିଜେପି ବିପୁଳ ଭୋଟ ପାଇବ । ଓଡ଼ିଶାରେ ବି ବିଜେପି ବହୁମତ ସହ ସରକାର କରିବ । ଓଡ଼ିଶାରେ ବିଜେପି ପୂରା ତାକତ୍‌ରେ ଲଢ଼ିବ, ସରକାର ଗଢ଼ିବ । ଓଡ଼ିଶାର ବିକାଶ ପାଇଁ ମୋଦି ଦେଉଥିବା ଅର୍ଥର ସଠିକ ବିନିଯୋଗ ହେଉନି ବୋଲି ଅଭିଯୋଗ କରିଛନ୍ତି ଶିବରାଜ ସିଂ ଚୌହାନ ।

### ଦେଢ଼ କୋଟି ଲୁଟିଥିଲେ...

ଘଟଣାର ଅଧିକ ତଦନ୍ତ କରାଯାଉଛି । ଆଗକୁ ଗିରଫଦାରୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ପାରେ । ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତରୁ ଜଣାପଡ଼ିଛି ଯେ ଟଙ୍କା ନେଇ ଯାଉଥିବା ଭ୍ୟାନର ଜଣେ କର୍ମଚାରୀ ଓ ଆଉ ଗୋଟିଏ ଭ୍ୟାନର କର୍ମଚାରୀ ଅର୍ଥାତ ଦୁଇ ଜଣ କର୍ମଚାରୀ ଲୁଟ ପାଇଁ ପ୍ଲାନ କରିଥିଲେ । ଦୁଇ କର୍ମଚାରୀ ଅନଲାଇନ ଗେମିଂ ଆପ୍‌ରେ ଅନେକ ଟଙ୍କା ହରାଇଥିଲେ । ତେଣୁ ସେମାନେ କେମିତି ହାରି ଯାଇଥିବା ଟଙ୍କାକୁ ପାଇବେ, ସେଥିପାଇଁ ଏଟିଏମ ଭ୍ୟାନ ଲୁଟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଯୋଜନା ମୁତାବକ ସେମାନେ ଟଙ୍କା ଯିବା ସମୟର ସୂଚନା କଲିମ ଖାନ ନାମକ ଜଣେ ପେଶାଦାର ଅପରାଧୀକୁ ଦେଇଥିଲେ । କଲିମ ଗ୍ୟାଙ୍ଗର ସଦସ୍ୟମାନେ ଏଟିଏମ ଭ୍ୟାନରୁ ଟଙ୍କା ଲୁଟ କରିଥିଲେ । ଗିରଫ ୭ ଜଣଙ୍କ ଘର ତିଗିରିଆର ପଙ୍କଲ ଗାଁରେ । ଲୁଟ ହୋଇଥିବା ସ୍ଥାନ ଠାରୁ ୫ କିମି ଦୂରରେ ସମସ୍ତ ଅଭିଯୁକ୍ତଙ୍କ ଘର । ଗିରଫ ୭ ଜଣଙ୍କ ମଧ୍ୟରୁ କଲିମ ଓ ତା'ର ଆଉ ଜଣେ ସହଯୋଗୀ ନାଁରେ ପୂର୍ବରୁ ମଧ୍ୟ ଅନେକ ମାମଲା ରହିଛି । ବାକି ଅଭିଯୁକ୍ତଙ୍କ ନାଁରେ କ'ଣ ସବୁ ମାମଲା ରହିଛି, ସେକଥା ଜଣାପଡ଼ିନି । ଘଟଣା ଦିନ ଏହି ୭ ଜଣ ଉପସ୍ଥିତ ରହିଥିଲେ । କିନ୍ତୁ ଲୁଟ ଷଡ଼ଯନ୍ତ୍ରରେ ଆଉ କିଛି ଲୋକଙ୍କ ଭୂମିକା ରହିଥିଲେ । ସେମାନଙ୍କୁ ଚିହ୍ନଟ କରାଯାଇ ସାରିଛି । ଖୁବଶୀଘ୍ର ଗିରଫଦାରୀ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।


**OFFICE OF THE NOTIFIED AREA COUNCIL, KARANJIA**

DIST-MAYURBHANJ
Phone No./Fax No.06796 220401
E-mail ID- karanjian.hud@ori.nic.in
No.244 /NAC, Dated -12.02.2024

**QUOTATION CALL NOTICE**

Sealed quotations are invited from the intending authorized dealer/supplier/registered firms/manufacturer for installation of main gate with steel fabrication, 3nos of modular RCC chair with top umbrella and top grassing & flower beautification for area of 1.5 Acre. from reputed company/manufacturer to Karanjia NAC for the use at Smart Park. The quotation must be accompanied with the copy of GST registration certificate, PAN Card etc. along with the detail specification.

The quotation should reach before the undersigned on or before dt.20.02.2024 at 02.00 P.M. by Regd. Post/Speed Post/Courier/By Hand and will be opened in the same day at 4.00 P.M. in the presence of quotationers or their authorized representatives. The undersigned will not be held responsible for any postal delay. Quotation received beyond the stipulated date & time shall not be entertained. For any query the undersigned may be contacted in the mobile No.-7978483734 during the office hour.

The undersigned reserves the rights to accept or reject any or all the quotations without assigning any reason there off.

| Sl.No. | ITEMS | SPECIFICATION |
|---|---|---|
| 1 | Main Gate | Design and making main gate with steel fabrication gate in front of Smart Park at Karanjia |
| 2 | Modular RCC Chair | Making of 3 nos of modular RCC chairs,Coloumn,Top Umbrella roof with earth extravasation Coloumn PCC complete set of 3 |
| 3 | Grassing & Beautification | Earth leveling, Top Grassing, Plantation and flower beautification for area of 1.5 Acres. |

OIPR : 13119/11/0009/2324

Executive Officer
Karanjia NAC


# ପାଟଣା ପୋଲିସ ହାତରେ ଧରାପଡିଲେ ୭ ଆନ୍ତଃରାଜ୍ୟ ଲୁଟେରା

କେନ୍ଦୁଝର , ୧୩/୨ (ନି.ପ୍ର): ଗତ କିଛି ଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏପରି କି ସହର ମଧ୍ୟରେ ଲଟେରାଙ୍କର ପାଦୁର୍ଭାବ ବଢି ବଢି ଚାଲିଥିଲା । ଏ ଭଳି ଅବସ୍ଥାରେ ପରିବାର ଲୋକମାନେ କିଛି ସମୟ ପାଇଁ ହେଲେ ବି ଘର ଛାଡି ବାହାରକୁ ଯିବାକୁ ଉଚିତ ମନେ କରୁ ନଥିଲେ । ଇତି ମଧ୍ୟରେ କେନ୍ଦୁଝର ଜିଲ୍ଲାର ପାଟଣା ଥାନା ପୋଲିସ ୭ ଜଣ ଆନ୍ତଃ ରାଜ୍ୟ ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ସମସ୍ତଙ୍କୁ ପୋଲିସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି । ଗତ ୨୦ ତାରିଖ ଦିନ ପାଟଣା ବଜାରରୁ ଧାନବେଣୀ ଗ୍ରାମର ହେମାନନ୍ଦ ମହାନ୍ତ ସୁନା ଗହଣା କିଣି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ତାଙ୍କ ଚଳନ୍ତା ବାଇକରୁ ସେହି ସୁନା ଗହଣା ଥିବା ବ୍ୟାଗକୁ ଲୁଟେରା ମାନେ ଝାମ୍ପି ନେଇଯାଇଥିଲେ । ଏ ସଂପର୍କରେ ହେମାନନ୍ଦ ମହାନ୍ତ ପାଟଣା ଥାନାରେ ଏତଲା ଦେବାପରେ ପୋଲିସ ପକ୍ଷରୁ ଲୁଟେରାଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରାଯାଇଥିଲା । ଲୁଟେରାଙ୍କୁ ପିଛା କରି ପୋଲିସ ପକ୍ଷରୁ ଗଜାଂମ ସମେତ ଆନ୍ଧ୍ରପ୍ରଦେଶ ର ବିଭିନ୍ନ ଆଂଚଳରେ ଛଢାଉ କରାଯାଇ ୭ ଲୁଟେରାଙ୍କୁ ଗିରଫ କରାଯାଇଛି । ତେବେ ଆ ଲୁ ଖୋଲୁ ଖୋଲୁ ମହାଦେବ ବାହାରିବା ଭଳି ତଦନ୍ତ ସମୟରେ ଏମାନେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଲୁଟ , ଛିନତାଇ ଆଦି କରିଥିବା ପୋଲିସ ଜାଣିବାକୁ ପାଇଥିଲେ । ଗିରଫ ଆଭିଯୁକ୍ତ ମାନେ ହେଲେ ଗଂଜାମ ଜିଲ୍ଲା କୋଟିନଡା ଥାନା ଡୁକୁଣିସାହାପୁର ଗ୍ରାମର ଏ.ସିନୁ , ସୋରଡା ଥାନା ଅଂଚଳର କ୍ରିଷ୍ଣା ଦାସ , ଆଡେଲ ଏସୁ , ଭଜଂନଗର ଥାନା ଜାମପେଲି ଗ୍ରାମର ବିଜୟ ଦାଶ , ଆସ୍କା ଥାନାର ଢାଙ୍କୁଣି ଗ୍ରାମର ଏ.ଅବାବ , ଆନ୍ଧ୍ରପ୍ରଦେଶ ର ବିଶାଖାପାଟଣା ଥାନା ନରସିଂହପାଟଣାର ଏ.ମାଲିଙ୍ଗା , ଯାଜପୁର ଜିଲ୍ଲା ମୁଣ୍ଡମାଳା ର ଏ. ଶେଖର ।

# ବିଧାନସଭାରୁ ରାଜ୍ୟସଭାକୁ ଯିବା ମୋ ପାଇଁ ପ୍ରମୋସନ

ଭୁବନେଶ୍ୱର, ୧୩/୨ (ନି.ପ୍ର): ବିଧାନସଭାରୁ ରାଜ୍ୟସଭାକୁ ଯିବା ମୋ ପାଇଁ ପ୍ରମୋସନ । ରାଜ୍ୟସଭା ଟିକେଟ ମିଳିବା ପରେ ପ୍ରତିକ୍ରିୟା ରଖିଛନ୍ତି ଦେବାଶିଷ ସାମନ୍ତରାୟ ଏହା କହିଛନ୍ତି । ସେ କହିଛନ୍ତି ଯେ ବିଧାୟକ ହେବି ନା ସାଂସଦ ହେବି ମୋର ପସନ୍ଦ ନୁହେଁ, ବରଂ ଏହା ମୁଖ୍ୟମନ୍ତ୍ରୀଙ୍କ ପସନ୍ଦ । ରାଜ୍ୟସଭାରେ ବାଲିଯାତ୍ରାକୁ ଐତିହାସିକ ମାନ୍ୟତା ଓ କଟକର ଅନ୍ୟାନ୍ୟ ବହୁ ସମସ୍ୟାର ସମାଧାନ ପାଇଁ ସ୍ୱର ଉଠାଇବି । ସେ ଆହୁରି କହିଛନ୍ତି, ମୁଁ ରାଜ୍ୟସଭା ଗଲେ ଆଗକୁ ଏହି ଆସନ ବିଜୁ ଜନତା ଦଳର ଗଡ଼ ହୋଇ ରହିବ । କଟକ-ବାରବାଟୀ ବିଧାୟକ ପ୍ରାର୍ଥୀ ଘୋଷଣା ବେଳେ ମୁଖ୍ୟମନ୍ତ୍ରୀ ସରପ୍ରାଇଜ ଦେବେ । କଟକ ମୋ ଘର, ଲୋକ ଆଗରୁ ମୁଁ ବିଧାୟକ ଭାବେ ଲୋକଙ୍କ ସହ ଯୋଡ଼ି ହୋଇ ଥିଲି ଏବେ ସାଂସଦ ଭାବେ ମଧ୍ୟ ସେମାନଙ୍କ ସହ ରହିବି । ରାଜ୍ୟ ପ୍ରତି କେନ୍ଦ୍ର ଅବହେଳା ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୋର ଆଭିମୁଖ୍ୟ ରାଜ୍ୟସଭାରେ ରହିବ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭାଲୁ ମୁହଁରୁ ଜୀବନ ଫେରିଲା: ଦୁଇ ଯୁବକଙ୍କ ମହାନତା ପାଇଁ ଫେରିପାଇଲେ ୫ଲକ୍ଷ ଟଙ୍କା

ନିଳଗିରି, ୧୩/୨ (ନି.ପ୍ର): ସନ୍ଧ୍ୟା ପ୍ରାୟ ସାଢ଼େ ସାତଟା। ନିଳଗିରି ବଜାରରୁ ପରିବା କିଣି ଘରକୁ ନିଜ ବାଇକରେ ଯାଉଥିଲା। ନିଳଗିରି ମିତ୍ରପୁର୍ ରାସ୍ତାର କଣ୍ଟାବଣିଆ ଛକ ନିକଟରେ ହଠାତ୍ ଏକ ଭାଲୁ ବାହାରି ଆସି ବାଇକ୍ କୁ ଧକା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଟି ପଡିଯାଇଥିଲା। ବାଇକରେ ଥିବା ପରିବା ଥଳିଟି ମଧ ପଡିଯାଇଥିଲା। ଭାଲୁଟି ଯୁବକ ଜଣକୁ ଆକ୍ରମଣ କରିଚାଲିଥିବା ବେଳେ ମିତ୍ରାପୁର ପଟୁ ନିଳଗିରି ପୋଲିସ ଗାଡି ଆସୁଥିବା ବେଳେ ଭାଲୁଟି ଛାଡି ପଳାଇ ଯାଇଥିଲା। ପୋଲିସ ଗାଡିରେ ଯୁବକକୁ ନିଳଗିରି ମେଡ଼ିକାଲକୁ ଅଣାଇଥିଲେ। ମାତ୍ର ପରିବା ଥଳିରେ ଆନୁମାନିକ ୪ଲକ୍ଷରୁ ଅଧିକ ଟଙ୍କା ରହିଥିଲା। ପରେ ଦୁର୍ଘଟଣା ସ୍ଥଳରୁ ଦୁଇ ଜଣ ଯୁବକ ବାଇକ୍ ଓ ପରିବା ଥଳି କୁ ଧରି ନିଳଗିରି ଥାନାରେ ଜିମା ଦେଇଥଲେ।
। ପରେ ପରିବା ଥଳୀରେ ଆନୁମାନିକ ୪ଲକ୍ଷ ଟଙ୍କା ଥିବାର ଜଣାପଡିଥିଲା। ସୂଚନା ଅନୁସାରେ ମାଣତ୍ରି ଗ୍ରାମର ଛୁଟା ଓରଫ ରଞ୍ଜନ କୁମାର ବେହେରା ପରିବା ବ୍ୟାଗ୍ ରେ ୪ଲକ୍ଷ ଟଙ୍କା ଧରି ଘରକୁ ଯାଉଥିଲା। ପରେ ଭାଲୁ ହାବୁଡ଼ରେ ପଡ଼ିଥିଲା। ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ପରେ ମେଡିକାଲରୁ ଚିକିତ୍ସିତ ହୋଇ ଥାନାରେ ପହଞ୍ଚିଥିଲା। ଦୁର୍ଘଟଣା ସ୍ଥଳରେ ଗୋପୀନାଥପୁର ଅଞ୍ଚଳର ଅଶୋକ ସିଂ ଓ ଦେବରାଜ ନାୟକ ପରିବା ବ୍ୟାଗ୍ ରେ ଥିବା ଟଙ୍କାକୁ ଧରି ପୋଲିସ ରେ ଜିମା ଦେଇଥିଲେ। ଅର୍ଥ ଲୋଭକୁ ପଛରେ ପକାଇ ନିଜର ମଣିଷ ପଣିଆକୁଦେଖାଇଛନ୍ତି। ଏଥିପାଇଁ ନିଳଗିରି ଥାନା ଅଧିକାରୀ ଗୋପାଳ କର୍ଣ୍ଣ ଦୁଇ ଯୁବକଙ୍କୁ ସାଧୁବାଦ୍ ଜଣାଇଛନ୍ତି। ଥାନାରୁ ରଞ୍ଜନ କୁମାର ବେହେରା ସମସ୍ତ ପ୍ରମାଣ ଦେଖାଇ ନିଜର ସମସ୍ତ ଟଙ୍କା ନେଇଛନ୍ତି। ଜୀବନ ବଞ୍ଚିଲା, ଟଙ୍କା ବି ଫେରିପାଇଲା। ତେଣୁ କଥାରେ ଅଛି ଯାହାକୁ ରଖିବେ ଅନନ୍ତ କେ କରି ପାରେ ବଳବନ୍ତ।

## ପୋଖରୀରେ ପଡି କୁନି ଛାତ୍ରଙ୍କ ମୃତ୍ୟୁ



ବସ୍ତା, ୧୩/୨ (ନି.ପ୍ର): ବ୍ଲକର କନିଷ୍ଠ ଯନ୍ତ୍ରୀ ସୁପାୟ ହାଁସଦାଙ୍କ ୬ ବର୍ଷ ର ପୁଅ ଲାଲ ମୋହନ ହାଁସଦା ନର୍ଥ ଓଡିଶା ପବ୍ଲିକ ସ୍କୁଲର ୟୁକେଜି ଶ୍ରେଣିର ଛାତ୍ର ଘର ତାଙ୍କର ମୟୁରଭଞ୍ଜ ଜିଲ୍ଲାର ଚାରୁପାଣି ,ସନପୁରୁନାପାଣି ବସ୍ତା ବ୍ଲକ ବ୍ଲକବାପା ଚାକିରେ ଅଛନ୍ତି 'ବକ୍ଲ ପରିସରରେ ଥିବା ପୋଖରୀ ପାଖରେ ଖେଳୁଥିବା ବେଳେ ଅସାବଧାନତା ବସତ ପାଖରେ ଥିବା ପୋଖରୀ ପଡିଯାଇ ବୁଡ଼ି ଯାଇଥିଲା, ପୋଖରୀ କୋଳକୁ କିଛି କର୍ମଚାରୀ ଯାଇଦେଖନ୍ତି ପୋଖରୀ ପଡିଛି ଲାଲ୍ ମୋହନ ସଂଙ୍ଗେ ସଙ୍ଗେ ଅନ୍ୟ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ନେଇଥିଲେ ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ତେବେ ଖବରଟି ପ୍ରଚାରିତ ହେବା ପରେ ବ୍ଲକପରିସର ଲୋକାରଣ୍ୟ ହୋଇଯାଇଥିଲା ପିଲାଟିର ମଲାଶରିରକୁ ନିଜଘରକୁ ନେଇଯିଥିବା ଜଣାପଡିଛି ।

# ପ୍ରଧାନଶିକ୍ଷକଙ୍କ ବର୍ବରତା: ଚତୁର୍ଥ ଶ୍ରେଣୀ ଛାତ୍ରକୁ ଅମାନୁଷିକ ମାଡ

## ସ୍କୁଲ ପରିସରରେ ଉତ୍ତେଜନା, ଛାତ୍ର ମେଡ଼ିକାଲରେ ଭର୍ତ୍ତି



ନିଳଗିରି, ୧୩/୨ (ନି.ପ୍ର): ଜଣେ ପ୍ରଧାନ ଶିକ୍ଷକ ନିଜର ମଣିଷ ପଣିଆକୁ ଭୁଲି ଯାଇ ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କରି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରକୁ ଅମାନୁଷିକ ଭାବରେ ମାଡ଼ ମାରିବା ଘଟଣାକୁ କେନ୍ଦ୍ର କରି ସ୍କୁଲ୍ ପରିସରର ଉତେଜନା ଦେଖିବାକୁ ମିଳିଥିଲା। ଏପଟେ ଗୁରୁତର ପୁଅକୁ ବାପା ନିଳଗିରି ମେଡ଼ିକାଲକୁ ଆଣିଥିବାର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନୀଳଗିରି ଏନ୍, ଏ ସି, ର ୯ନମ୍ବର ୱାର୍ଡର ଥିବା ବଂଶୀଧର ନୋଡାଲ ୟୁ ପି ସ୍କୁଲରେ ଏପରି ଅଘଟଣ ଘଟିଛି। ରାତି ପାହିଲେ ସରସ୍ୱତୀ ପୂଜା। ପିଲାମାନେ ସାଜ ସାଜାରେ ଲାଗିପଡ଼ିଥାନ୍ତି। ଦୁଇ ପିଲାଙ୍କ ମଧରେ କଣ ଟିକେ ଝଗଡ଼ା ଲାଗିଥିଲେ। ମାତ୍ର ପିଲାଙ୍କ ଝଗଡ଼ାକୁ ପ୍ରଧାନ ଶିକ୍ଷକ ବାଲୁକେସ୍ୱର୍ ବେହେରା ସମାଧାନ ନ କରି ପାଲଟା ଚତୁର୍ଥ ଶ୍ରେଣୀ ଛାତ୍ର ଅଭି ସିଂ କୁ ଅତି ଅମାନୁଷିକ ଭାବରେ ପିଟିଥିଲେ। ପିଲାର ଚିତ୍କାର ଶୁଣି ପାଖ ପୋଡଶୀ ସ୍କୁଲରେ ପହଞ୍ଚିଥିଲେ। ପିଲାଟି ଚାଲି ପାରୁନଥାଏ। ଗୋଡ଼ରେ ଗଭୀର ଆଘାତ ଲାଗିଥିବାର ଦେଖିବାକୁ ମିଳିଛି। ପରେ ଖବର ପାଇ ପିଲାର ବାପା କୁନା ସିଂ ପହଞ୍ଚିଥିଲା। ପିଲାର ଏପରି ଅବସ୍ଥା ଦେଖି ପ୍ରଧାନ ଶିକ୍ଷକ ଜଣକ ଛାତ୍ରର ବାପାକୁ ବୁଝାଇ ସାମ୍ବାଦିକଙ୍କୁ ନ ଜଣାଇବା ପାଇଁ ନେହୁରା ହେଉଥିଲା। ଘଟଣା ଜାଣିବା ପରେ ଅନେକ ଅଭିଭାବକ, ଗ୍ରାମବାସୀ ମାନେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଘେରିଯାଇ ଗାଳିଗୁଲଜ୍ କରିଥିଲେ। ଏନେଇ ଛାତ୍ର ଜଣକୁ ପଚାରି ବୁଝିବାରୁ ପ୍ରଧାନ ଶିକ୍ଷକ ଏକ ନଳୀରେ ପିଟିଥିଲେ ବୋଲି ପ୍ରକାଶ କରିଛି। ଦୀର୍ଘ ସମୟ ଧରି କେହିବି ଶିକ୍ଷକ ପିଲାଟିକୁ ମେଡିକାଲ ନେଇନଥିବା ବେଳେ ଯନ୍ତ୍ରଣାରେ ପିଲାଟି କାନ୍ଦୁଥାଏ। ଶେଷରେ ତାର ବାପା ମେଡିକାଲ ନେଇ ଯାଇଥିଲା। ଏଭଳି ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଛାତ୍ରକୁ ପିଟିଥିବାର ମାନି ଥିବା ବେଳେ କ୍ୟାମେରା ସାମ୍ନାରେ ପରିପ୍ରକାଶ କରିନଥିଲେ। ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବା ବେଳେ ପ୍ରଧାନ ଶିକ୍ଷକ ଜଣକ ଏହାକୁ ଭ୍ରୁକ୍ଷେପ ନକରି ନିଜର ଦବଙ୍ଗ ପଣିଆକୁ ଦେଖାଇଛି। ପୂର୍ବରୁ ଏପରି ଅନେକ କାର୍ଯ୍ୟ କରିଥିବାର ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଏନେଇ ନିଳଗିରି ବ୍ଲକ୍ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଏଭଳି ଅମାନୁଷିକ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ବେତନଟୀ ବ୍ଲକରେ ଗଡିଲା ଲକ୍ଷ୍ମୀ ବସ୍



ବେତନଟୀ , ୧୩/୨ (ନି.ପ୍ର): ବେତନଟୀ ନୂତନ ବସଷ୍ଟାଣ୍ଡ ରେ ମଙ୍ଗଳବାର ଦିନ ସକାଳେ ବେତନଟୀ ବ୍ଲକ ନିମନ୍ତେ ଲକ୍ଷ୍ମୀବସ କୁ ପତାକା ଦେଖାଇ ବ୍ଲକଅଧକ୍ଷା କୌଶଲ୍ୟା ମାଝୀ, ଉପାଧକ୍ଷ ଦେବଦତ୍ତ ତିଆଡ଼ି,୩୫ ନମ୍ବର ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ବିଡ଼ିଓ ଅମୃତ କୁମାର ରାଉଳ, ମୁକ୍ତାପୁର ସମିତିସଭ୍ୟ ବିବେକାନନ୍ଦ ମହାନ୍ତଙ୍କ ସମେତ ଅନ୍ୟାନ୍ୟ ଅତିଥିଗଣ ଙ୍କ ଉପସ୍ଥିତ ରେ ଲକ୍ଷ୍ମୀବସ ଶୁଭାରମ୍ଭ କରାଯାଇଛି। ବେତନଟୀବ୍ଲକର ତିନିଗୋଟି ରୁଟରେ ପୃଥକ ବସ ଚଳାଚଳ କରିବା ନେଇ ନିଷ୍ପତ୍ତି ନିଆଯାଇଥିବା ବେଳେ ଆଜି ହାତୀଝୁରୀ,ଯୁଗଳ , ଆଗ୍ରୀଆ , ନଡପୁର, ପାଟଳୀପୁରା , କେନ୍ଦୁଆ, ବୈଶିଙ୍ଗା, ଗଡଦେଉଳିଆ , କଳମା କୁ ବସ ଯାଇ ଶୁଭାରମ୍ଭ କରାଯାଇଛି । ଆଜି ସନ୍ଧ୍ୟାସୁଦ୍ଧା ଆଉ ଦୁଇଟି ବସ ଆସି ବେତନଟୀ ନୂତନ ବସଷ୍ଟାଣ୍ଡରେ ପହଞ୍ଚିବା ସହିତ ବୁଧବାର ଠାରୁ ସମସ୍ତ ତିନିଗୋଟି ରୁଟରେ ବସ ଚଳାଚଳ କରିବ ବୋଲି ଓଡିଶା ରାଜ୍ୟ ପରିବହନ ନିଗମର ମୟୁରଭଞ୍ଜ ଜିଲ୍ଲା ସହକାରୀ ପରିଚାଳକ ଆଦିତ୍ୟ ପ୍ରସାଦ ସାହୁ ସୂଚନା ଦେଇଛନ୍ତି ।

# ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ ହେବେ କୃଷି ବିଭାଗ କର୍ମଚାରୀ

ଭୁବନେଶ୍ୱର, ୧୩/୨ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ କରି ବିଭାଗ ପାଇଁ ସୁନାମ ଆଣିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତି ନିଆଯାଇଛି। ପ୍ରତି ମାସରେ ଉତମ ପ୍ରଦର୍ଶନ ଆଧାରରେ କର୍ମଚାରୀମାନଙ୍କୁ ଚୟନପୂର୍ବକ ପ୍ରଶଂସାପତ୍ର ପ୍ରଦାନ ସହ ସାମାଜିକ ଗଣମାଧମ ଜରିଆରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ। କର୍ମଚାରୀଙ୍କ ପ୍ରଦର୍ଶନର ଆଧାର କେବଳ ମାତ୍ର ବ୍ୟୟ ଧାର୍ଯ୍ୟ ଲକ୍ଷ୍ୟ ସମ୍ବନ୍ଧିତ ନହୋଇ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଗୁଣାତ୍ମକ ରୂପାୟନ ଦିଗରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନକୁ ବିଚାରକୁ ନିଆଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ସରକାରୀ ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ନାମତାଲିକା ପ୍ରତି ମାସ ୧୦ ତାରିଖ ସୁଦ୍ଧା ପଠାଇବା ପାଇଁ କୁହାଯାଇଛି।

# ଚରିତ ଉପନ୍ୟାସ ଅହଲ୍ୟାର ଲୋକାର୍ପଣ ଉତ୍ସବ




ଭୁବନେଶ୍ୱର ଭୁବନେଶ୍ୱର, ୧୩/୨ (ନି.ପ୍ର): ଲେଖିକା ପୁଷ୍ପାଞ୍ଜଳି କରଙ୍କ ଚରିତ ଉପନ୍ୟାସ ଅହଲ୍ୟାର ଲୋକାର୍ପଣ ଆଜି ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ପରିସରରେ ଅଧାପକ ବିଶ୍ୱ ରଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ କଥାକାର ଶାନ୍ତନୁ ଆଚାର୍ଯ୍ୟ, ବନୋଜ ଦେବୀ ମୁଖ୍ୟ ଅତିଥି ଓ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଲେଖିକା ନିଜର ବକ୍ତବ୍ୟ ରଖିଥିଲେ। ଉତ୍ସବରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗ ଦେଇଥିଲେ।

# କଣ୍ଟାପାଳ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ




ମୟୂରଭଂଜ, ୧୩/୨ (ନି.ପ୍ର): ଶାମାଖୁଣ୍ଟା ବ୍ଲକ୍ ସ୍ତରୀୟ ବିଜ୍ଞାନ କଂଗ୍ରେସ ସରକାରୀ ଉଚ୍ଚବିଦ୍ୟାଳୟ, କଣ୍ଟାପାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକ୍ରମର ସାଂଗଠନିକ ସଂପାଦକ ଅମିତାଭ ମିଶ୍ରଙ୍କ ସଂଯୋଜନକ୍ଷ ରେ ଅନୁଷ୍ଠିତ ଏହି ବିଜ୍ଞାନ କଂଗ୍ରେସର ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ , ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳୀନ ଚୌଧୁରୀ, ସମ୍ମାନୀତ ଅତିଥିଭାବେ ଏ.ବି.ଇ.ଓ. ସୁଭାଷ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ବେଣୁଧର ଚାନ୍ଦ, ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ଦତ୍ତ ଓ ନୟନ କୁମାର ଗିରି ଯୋଗ ଦେଇଥିଲେ।ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦିଗଦର୍ଶନରେ ଛାତ୍ରଛାତ୍ରୀମାନେ ପ୍ରକଳ୍ପ ଉପସ୍ଥାପନ କରିଥିଲେ।ବ୍ଲକ ବିଜ୍ଞାନ ସଂଯୋଜକ ଅତୋସୀ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୂରୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରତାପ ଚନ୍ଦ୍ର ଧଡ଼ା, ମହେଶ ସେଠୀ ଓ ଶିକ୍ଷୟିତ୍ରୀ ଲକ୍ଷ୍ମୀ କୁମାରୀ, ନିବେଦିତା ନାଏକ, ଦେବସ୍ମିତା ମହାନ୍ତ, ଅନିଶା ବେହେରା, ସୁମିତ୍ରା ତରେଇ ଓ ମିଲି ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ମୁଖ୍ୟବକ୍ତା ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟର ରାଜେଶ କୁମାର ବେଜ , ହରିପଦ ବେହେରା ଓ ପୂର୍ଣ୍ଣେନ୍ଦୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ




ବାଲେଶ୍ୱର, ୧୩/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନାରୀ କବି କୁନ୍ତଳା କୁମାରୀ ସାବତଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ନାମରେ ନାମିତ ବାଲେଶ୍ୱରସ୍ଥିତ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ପରିସରରେ ଆଜି ଅପରାହ୍ନ ଘ. ୩.୩୦ ଟିକା ସମୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଅନାବରଣ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ମହାନ ନାରୀ କବି ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ସୃଜନୀ ଶକ୍ତି ଦ୍ୱାରା ଯେଉଁ ସମ୍ଭାର ସୃଷ୍ଟି ହୋଇଛି ଏଥି ପ୍ରତି ଆଗାମୀ ପିଢ଼ି ସହିତ ସ୍ଥାନୀୟ ଅଞ୍ଚଳବାସୀ ଅବଗତ ହେବା ସହ କବିଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିପାରିବେ ବୋଲି ବାର୍ତ୍ତା ରଖିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷା ଡ଼. ସୁବ୍ରତା ଦେବାଙ୍ଗନା ସଂଯୋଜନା କରିବା ସହିତ ସ୍ୱାଗତ ଜଣାଇଥିଲେ ଓ ଉଲ୍ଲେଖ ଯୋଗ୍ୟ କି, ୧୦ ଫୁଟ ଉଚ୍ଚତାରେ ନିର୍ମିତ ଏହି ପ୍ରତିମୂର୍ତ୍ତିଟି ୧୫ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ରାଜ୍ୟ ପ୍ରନ୍ତତ୍ତ୍ୱ ସଂସ୍ଥା ଦ୍ୱାରା ସମ୍ପୂର୍ଣ କରାଯାଇଅଛି ଓ ରାଜ୍ୟ ପ୍ରନ୍ତତ୍ତ୍ୱ ସଂସ୍ଥାର ଅଧିକ୍ଷକ ଶ୍ରୀଯୁକ୍ତ ଅଶ୍ୱିନୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନାବରଣ ଉତ୍ସବ କାର୍ଯ୍ୟକ୍ରମ ପରେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ବାଲେଶ୍ୱର ପୌରପାଳିକା ଉପାଧକ୍ଷ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠି, ରାଜ୍ୟ ପ୍ରନ୍ତତ୍ତ୍ୱ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ସରୋଜ କୁମାର ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ, ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଛାତ୍ରୀ ଗଣ, ପୁରାତନ ଛାତ୍ରୀ ସଂସଦର ଅଧକ୍ଷା ଓ ସଦସ୍ୟାମାନେ ଏବଂ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

# ରେସନ କାଡ଼ର୍ରେ ଯୋଡ଼ା ଯାଇପାରି ନାହିଁ ନାମ: ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଚାଉଳ ପାଇବାରୁ ବଂଚିତ



ଉଦଳା , ୧୩/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଡୁଙ୍ଗୁରୁଡ଼ିହି ଗ୍ରାମର ଦୃଶ୍ୟ । ଏହି ଗ୍ରାମେର ପ୍ରାୟ ୫୦ରୁ ଉର୍ଦ୍ଧ ବ୍ୟକ୍ତିଙ୍କର ଆଧାର କାର୍ଡ଼ ଥାଇ ମଧ ରେସନ କାଡ଼ର୍ରେ ନାମ ଯୋଡ଼ା ଯାଇ ନଥିବାରୁ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର କଥା ଗ୍ରାମବାସୀ ମୋନ ଜଣାଇଛନ୍ତି । ଏ ବାବଦେର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟେର ବାରମ୍ବାର ଗୁହାରି ଜଣେଇଲ ମଧ କେହି କର୍ଣ୍ଣପାତ କରୁନଥିବାର କଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିପାଇଁ ଗ୍ରାମେର ସ୍ୱତନ୍ତ୍ର ଶିବିର କରି ଆଧାର କାର୍ଡ଼ ସହିତ ରେସନ କାଡ଼ର୍ରେ ନାମ ଯୋଡ଼ିବାର ବ୍ୟବସ୍ଥା କରାଯାଉ ବୋଲି ସେମାେନ ଅନୁରୋଧ ଜଣାଇଛନ୍ତି ।

# ବାରଣ୍ଡୁଆ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୩/୨ (ନି.ପ୍ର): ବାସୁଦେବପୁର ବ୍ଲକର ବରଣ୍ଡୁଆ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହାସମାରୋରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠୀ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ । ଶ୍ରୀ ବିଶ୍ୱାଳ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ସୁଧାଂଶୁ ଶେଖର ମିଶ୍ର,ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲିକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୂର୍ଯ୍ୟ କାନ୍ତ ସେଠୀ, ସି ଆର ସି ସି ଗୌତମ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ନଳିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷୟତ୍ରୀ ରଶ୍ମି ରଞ୍ଜିତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସୁଚିସ୍ମିତା ଶୁକ୍ଳା ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଯୁକ୍ତା ବେହେରା ବେଦ ପାଠ କରିଥିଲେ ଓ ଶିକ୍ଷକ ଶ୍ରୀକାନ୍ତ ପାକଳ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ଶିକ୍ଷକ ଶିକ୍ଷୟତ୍ରୀ ସୀତା ମଣି ପଣ୍ଡା, କୁନ୍ତଳା ନାୟକ, ଦିବାକର ଷଣ୍ଢ, ରଞ୍ଜନ ଧଳ, ଶଶିକାନ୍ତ ମହାନ୍ତି, ଜୟନ୍ତୀ ଧଳ, ଜୟନ୍ତ ସିଂ, ଅଙ୍କିତା ଦେ, ପ୍ରିୟଙ୍କା ପ୍ରିୟ ଦର୍ଶନୀ ଶତପଥୀ, ଜୟଶ୍ରୀ ପାଢ଼ୀ, ରମା ମଣି ପଣ୍ଡା, ନିହାର ରଞ୍ଜନ ଗିରି, ପ୍ରତାପ ଦାସ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ପ୍ରଜ୍ଞା ପାରମିତା ସାହୁ ଓ ରାଜୀବ ପଣ୍ଡା ।

# ଯୁକ୍ତ ୩ ଓ ପିଜି ଛାତ୍ରଛାତ୍ରୀଙ୍କୁ ମିଳିବ ଛାତ୍ରବୃତି

ଭୁବନେଶ୍ୱର, ୧୩/୨ (ନି.ପ୍ର): ନୂଆ- ଓ ଯୋଜନାରେ ଯୁକ୍ତ ୩ ଓ ପିଜି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତି ମିଳିବ। ମୁଖ୍ୟମନ୍ତ୍ରୀ ଏହି ନିଷ୍ପତି ନେଇଥିବା ୫ଟି ଅଧକ୍ଷ ଭି.କେ ପାଣ୍ଡିଆନ ମଙ୍ଗଳବାର ସୂଚନା ଦେଇଛନ୍ତି । ଯାଜପୁରର ଏନସି କଲେଜ ପଡ଼ିଆରେ ଆୟୋଜିତ ନୂଆ- ଓ କାର୍ଯ୍ୟକ୍ରମରେ ସେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀଙ୍କୁ ଏହି ବୃତି ମିଳିବ। ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ମିଳିବ। ଛାତ୍ରଛାତ୍ରୀମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଂଟ ଖୋଲାଯିବ। ଆସନ୍ତା ୨୦ରୁ ୨୫ ତାରିଖ ମଧରେ ଚଳିତ ବର୍ଷର ଛାତ୍ର ବୃତି ଟଙ୍କା ପିଲାମାନଙ୍କ ଆକାଉଂଟକୁ ଯିବ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo